visit us at
www.paryabekhyak.com

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

FIND US ON
facebook.com/paryabekhyak
FOLLOW US
ON TWITTER
twitter.com/paryabekhyak

Vol.22 . No.299, Bhubaneswar Monday, January 13, 2020 | ୨୨ତମ ବର୍ଷ ସଂଖ୍ୟା-୨୯୯ ଭୁବନେଶ୍ୱର ସୋମବାର, ଜାନୁଆରୀ ୧୩, ୨୦୨୦ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹.50 (Air Surcharge - 0.50P) Member-INS


# ପୁଣି ରାଜ୍ୟର ବିଭିନ୍ନ ସ୍ଥାନରେ ଶୀତ ଲହରୀ

## ସୋନପୁରରେ ସବୁଠାରୁ କମ ତାପମାତ୍ରା

ଭୁବନେଶ୍ୱର, ୧୨।୧(ପି.ଏନ) ଓଡିଶାରେ ପୁଣି ଥରେ ଶୀତ ଲହରୀ ଦେଖା ଯାଇଛି । ରାଜ୍ୟର ବିଭିନ୍ନ ସ୍ଥାନରେ ତାପମାତ୍ରା କମିଛି । ଶନିବାର ଦିନ ରାଜ୍ୟର ୧୦ଟି ସ୍ଥାନରେ ସର୍ବ ନିମ୍ନ ତାପମାତ୍ରା ୧୦ ଡିଗ୍ରୀରୁ କମ ରହିଥିବା ବେଳେ ରବିବାର ଦିନ ୧୩ଟି ସ୍ଥାନରେ ସର୍ବ ନିମ୍ନ ତାପମାତ୍ରା ୧୦ ଡିଗ୍ରୀରୁ କମ ରେକର୍ଡ କରା ଯାଇଛି । ସୋନପୁରରେ ରାଜ୍ୟର ସବୁଠାରୁ କମ ତାପମାତ୍ରା ୪.୮ ଡିଗ୍ରୀ ରେକର୍ଡ କରା ଯାଇଥିବା ଭୁବନେଶ୍ୱର ପାଣିପାଗ କାର୍ଯ୍ୟାଳୟ ସୁତ୍ରରୁ ଜଣା ପଡିଛି ।

ଭୁବନେଶ୍ୱର ପାଣିପାଗ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ସୋନପୁରର ସର୍ବନିମ୍ନ ତାପମାତ୍ରା ରହିଛି ୪.୮ ଡିଗ୍ରି ସେଲସିଅସ୍ । ଫୁଲବାଣୀର ସର୍ବ ନିମ୍ନ ତାପମାତ୍ରା ୫ ଡିଗ୍ରି ସେଲସିଅସ୍ ରହିଥିବା ବେଳେ ଅନୁଗୁଳର ତାପମାତ୍ରା ରହିଛି ୬ ଡିଗ୍ରି ସେଲସିଅସ୍, ଦାରିଙ୍ଗବାଡ଼ିର ତାପମାତ୍ରା ୭.୨ ଡିଗ୍ରି ସେଲସିଅସ୍ ରେକର୍ଡ ହୋଇଛି । ସେହିପରି ଟିଟିଲାଗଡ଼ର ତାପମାତ୍ରା ୬.୫ ଡିଗ୍ରି ସେଲସିଅସ୍, ଝାରସୁଗୁଡ଼ାର ୮.୪ ଡିଗ୍ରି ସେଲସିଅସ୍, କେନ୍ଦୁଝରଗଡ଼ର ୮.୮ ଡିଗ୍ରି ସେଲସିଅସ୍ ରେକର୍ଡ କରା ଯାଇଛି । ଅନୁରୂପ ଭାବେ ସମ୍ବଲପୁର, ବଲାଙ୍ଗୀର ଓ କୋରାପୁଟରେ ୯ ଡିଗ୍ରି ସେଲସିଅସ୍ ରେକର୍ଡ ହୋଇଛି । ଭବାନୀପାଟଣାରେ ୯.୩ ଡିଗ୍ରି ସେଲସିଅସ୍, ସୁନ୍ଦରଗଡ଼ରେ ୯.୫ ଡିଗ୍ରି ସେଲସିଅସ୍ ରେକର୍ଡ ହୋଇଥିବା ବେଳେ କଟକର ୧୦.୨ ଡିଗ୍ରି ସେଲସିଅସ୍ ଓ ରାଜଧାନୀ ଭୁବନେଶ୍ୱରର ତାପମାତ୍ରା ୧୧.୩ ଡିଗ୍ରି ସେଲସିଅସ୍ ରେକର୍ଡ ହୋଇଛି ।

ଆସନ୍ତା ଦୁଇରୁ ତିନି ଦିନ ଧରି ରାଜ୍ୟରେ ଶୀତ ଲହରୀ ଜାରୀ ରହିବ । ଆଗାମୀ ୫ ଦିନ ପାଇଁ ପାଗ ମୁଖ୍ୟତଃ ଶୁଖିଲା ରହିବ । ଏପରିକି ରାଜ୍ୟର ଆଭ୍ୟନ୍ତରିଣ ଅଂଚଳରେ ପାରଦ ଖସିବାରେ ଲାଗିଥିବା ପାଣିପାଗ ସୂତ୍ରରୁ ସୂଚନା ମିଳିଛି ।



କୋଲକତାର ବେଲୁର ମଠ ବୁଲି ଦେଖୁଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି

## କୃଷ୍ଣନଗର ଅଂଚଳରେ ହାତୀ ଉପଦ୍ରବ

ଗଞ୍ଜାମ, (ପିଏନ)- ଗଞ୍ଜାମ ଜିଲ୍ଲା ଚିକିଟି ବ୍ଲକ୍ ଅନ୍ତର୍ଗତ କୃଷ୍ଣନଗର ଅଂଚଳରେ ହାତୀ ଉପଦ୍ରବ ଦେଖିବାକୁ ମିଳିଛି । ଫଳରେ ସଂନ୍ଧ୍ୟା ପରେ ଲୋକେ ଭୟରେ ଘରୁ ପଦାକୁ ବାହାରି ପାରୁନାହାଁନ୍ତି । ରାତିରେ ହାତୀପଲ କ୍ଷେତରେ ପଶି ଧାନ ଓ ବିଭିନ୍ନ ପନିପରିବା ଫସଲ ଖାଇବା ସହ ଦଳିଚକଟି ବ୍ୟାପକ ଫସଲ ନଷ୍ଟ କରୁଛନ୍ତି । ଫସଲ ହାନି ଯୋଗୁଁ ଚାଷୀ ମାନେ ବିଶେଷ ଭାବେ କ୍ଷତିଗ୍ରସ୍ତ ହୋଇଛନ୍ତି । ଏହି ପଲରେ ଛୋଟ ବଡ଼ ହୋଇ ମୋଟ୍ ୧୨ଟି ହାତୀ ରହିଛନ୍ତି । ବନ ବିଭାଗ ପକ୍ଷରୁ ତୁରନ୍ତ ହାତୀ ଘଉଡ଼ାଇବା ଦିଗରେ ପଦକ୍ଷେପ ଗ୍ରହଣ କରାଯିବା ସହିତ କ୍ଷତିଗ୍ରସ୍ତ ଚାଷୀଙ୍କୁ ଉପଯୁକ୍ତ ଆର୍ଥିକ ସହାୟତା ପ୍ରଦାନ ନିମନ୍ତେ ସାଧାରଣରେ ଦାବି ହେଉଛି ।

## ଓଲଟିଲା ଏଲପିଜି ଗ୍ୟାସ୍ ଟ୍ୟାଙ୍କର

ଧର୍ମଶାଳା, ୧୨।୧(ପି.ଏନ): ୧୬ ନଂ ଜାତୀୟ ରାଜପଥରେ ଅଘଟଣ । ଏଭଳି ଅଘଟଣ ଘଟିଛି ଆଜି ଭୋର ୪.୩୦ ମିନିଟ୍ ସମୟରେ । କଟକରୁ ଚଣ୍ଡିଖୋଲ ଅଭିମୁଖେ ଆସୁଥିବା ଏକ ଏଲପିଜି ଗ୍ୟାସ ବୋଝେଇ ଟ୍ୟାଙ୍କର ଓଲଟି ପଡିଥିଲା । ଫଳରେ ସ୍ଥାନୀୟ ଅଂଚଳରେ ଭୟର ବାତାରଣ ସୃଷ୍ଟି ହୋଇଛି । ଯାଜପୁର ଜିଲା ୧୬ ନଂ ଜାତୀୟ ରାଜପଥର ବଡଚଣା ବ୍ଲକ ହାଟକରନ୍ଦା ଛକ ନିକଟରେ ଭାରସାମ୍ୟ ହରାଇ ରାସ୍ତା ଉପରେ ଓଲଟି ପଡିଥିଲା ଗ୍ୟାସ ଟ୍ୟାଙ୍କର । ଦୁର୍ଘଟଣା ପରେ ଟ୍ୟାଙ୍କରରୁ ଏଲପିଜି ଗ୍ୟାସ ଲିକ୍ ହେଉଥିବା ସୂଚନା ମିଳିଛି । ଦୁର୍ଘଟଣାକୁ ଏଡାଇବା ପାଇଁ ଚଣ୍ଡିଖୋଲ ଅଗ୍ନୀଶମ ବିଭାଗ ଘଟଣାସ୍ଥଳରେ ପଂହଚି ଗ୍ୟାସ ଲିକ୍ ବନ୍ଦ କରିବାକୁ ଉଦ୍ୟମ ଚଳାଇଛି । ଚଣ୍ଡିଖୋଲ ଅଗ୍ନିଶମ ବିଭାଗ ଅଧିକାରୀ ପ୍ରଭାକର ସାହୁଙ୍କ ତତ୍ୱାବଧାନରେ ଏହି ଗ୍ୟାସ ନ ବ୍ୟାପିବା ଲାଗି ୮ ଘଂଟା କାଳ ପରିଶ୍ରମ କରି ଟାଙ୍କିରେ ପାଣି ମାରି ଗ୍ୟାସ ବାହାର କରିଥିଲେ । ଦୁର୍ଘଟଣାରେ ଟ୍ୟାଙ୍କରର ଚାଳକ ଆହତ ହୋଇଥିବା ବେଳେ ତାଙ୍କୁ ବଡଚଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତି କରାଯାଇଥିବା ଜଣାପଡିଛି । ବଡଚଣା ପୁଲିସ ଘଟଣାର ତଦନ୍ତ କରୁଥିବା ଜଣାପଡିଛି । ଅନ୍ୟପକ୍ଷରେ ଦିନ ତମାମ ରାଜପଥର ଗୋଟିଏ ପଥକୁ ବନ୍ଦ କରାଯାଇଥିବା ବେଳେ ସନ୍ଧ୍ୟା ୫ଟା ୪୫ ମିନିଟ ସମୟରେ ଏହି ରାସ୍ତାରେ ଗାଡି ଚଳାଚଳ ସ୍ୱାଭାବିକ୍ ହୋଇଥିବା ନେଇ ଅଗ୍ନିଶମ ଅଧିକାରୀ ପ୍ରଭାକର ସାହୁ ସୂଚନା ଦେଇଛନ୍ତି ।

## ଖଡିଆଳ ପୁଲିସ ଦ୍ୱାରା ୨ ଡକାୟତ ଗିରଫ,୩ ଫେରାର

ନୂଆପଡା, ୧୨।୧(ପି.ଏନ):- ନୂଆପଡା ଜିଲ୍ଲା ଖଡିଆଳ ପୁଲିସ ଏଏସଆଇ ମନଓ୍ୱାର ଅଲ୍ଲୀ, ଏସ.ଏନ.ଦାସ, ପ୍ରଦୀପ କୁମାର ପାଢୀ, ବାସନ୍ତୀ ବଛା, କମଳ ମଲ୍ଲିକ ପ୍ରମୁଖ ଗତକାଲି ରାତ୍ରରେ ପେଟ୍ରୋଲିଂ କରୁଥିବା ବେଳେ ଖବର ପାଇ ଖଡିଆଳ ସହରର ରାଣିପୁର ପେଟ୍ରୋଲ ପମ୍ପ ପଡିଆରେ ଚଢାଉ କରି ୨ ଜଣ ଡକାୟତଙ୍କୁ ଗିରଫ କରିବା ସହ ମାରଣାସ୍ତ୍ର ଏବଂ ଏକ ସ୍କର୍ପିଓ ଗାଡିକୁ ଜବତ କରିଛନ୍ତି । ଗିରଫ ଡକାୟତ ୨ ଜଣ ହେଲେ ଖଡିଆଳ ବ୍ଲକର ଲାଞ୍ଜି ଗ୍ରାମର ଦୁର୍ଗାପ୍ରସାଦ ତାଣ୍ଡି ଏବଂ କେନ୍ଦୁପାଟି ଗ୍ରାମର କୁଶାନ୍ତ ତାଣ୍ଡି ବୋଲି ଜଣାପଡିଛି । ଫେରାର ଅନ୍ୟ ୩ ଜଣ ଡକାୟତ ହେଲେ କେନ୍ଦୁପାଟି ଗ୍ରାମର ଶିବ ତାଣ୍ଡି, ବୋଡେନ ବ୍ଲକ ଆମଭେରା ଗ୍ରାମର ବେଲାର ବିଭାର ଏବଂ ଜଣେ ବିହାରୀ ଯୁବକ ବୋଲି ଜଣାପଡିଛି । ପୁଲିସ ୦୮/୨୦୨୦ ରେ ଏକ ମାମଲା ରୁଜୁ କରି ଦୁର୍ଗାପ୍ରସାଦ ଏବଂ କୁଶାନ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ବେଳେ ଏକ ସ୍କର୍ପିଓ, ଆଇରନ ରଡ, କଟୁରୀ, ୨ ଗୋଟି ଲାଠି, ଛୁରୀ, ପ୍ଲାଷ୍ଟିକ ଡ୍ରମ ଓ ପ୍ଲାଷ୍ଟିକ ପାଇପକୁ ଜବତ କରିଛି । ଏହି ଏସଆଇ ପୂର୍ଣ୍ଣଚନ୍ଦ୍ର ପ୍ରଧାନ ଘଟଣାର ତଦନ୍ତ ଚଲାଇଥିବା ନେଇ ଥାନାଧିକାରୀ କୈଳାସ ଚନ୍ଦ୍ର ସେଠୀ ସୂଚନା ଦେଇଛନ୍ତି ।

## ସ୍ୱର୍ଗତ ମହାରାଜ ଗୋପିନାଥ ଗଜପତିଙ୍କର ରାଷ୍ଟ୍ରୀୟ ସମ୍ମାନର ସହ ଶେଷକୃତ୍ୟ ସମ୍ପନ୍ନ

ପାରଳାଖେମୁଣ୍ଡି, ୧୧।୧(ପି.ଏନ): ମହାରାଜ ଗୋପିନାଥ ଗଜପତିଙ୍କ ଭୁବନେଶ୍ୱରଠାରେ ଦେହାନ୍ତ ପରେ ମର ଶରୀର ପାରଳାଖେମୁଣ୍ଡି ଆଣିବା ବେଳେ ବିଭିନ୍ନ ଗ୍ରାମ ମାନଙ୍କରେ ଶୋକ ପ୍ରକାଶ କରି ତାଙ୍କ ମର ଶରୀର ଉପରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇ ତାଙ୍କରି ଗୁଣଗାନ କରଯାଇଥିଲା ।ବ୍ରହ୍ମପୁର ଠାରେ ଗଜପତି ନାଗରିକ ମଂଚ, ଭୁବନେଶ୍ୱରଠାରେ ପାରଳା ବିକାଶ ମଂଚ, କେରଣ୍ଡି ପଂଚାୟତ ସମେତ ସହରର ବିଭିନ୍ନ ଅନୁଷ୍ଠାନ ପରୁ ପୁଷ୍ପାଂଜଳି ଦିଆଯାଇଥିଲା ।

### ବନ୍ଦଘରୁ ପରିବାରର ୪ ସଦସ୍ୟଙ୍କ ଗଳିତ ମୃତଦେହ ଉଦ୍ଧାର ଘଟଣା

## ଆସିଲା ଶବ ବ୍ୟବଚ୍ଛେଦ ରିପୋର୍ଟ

### ଭିସେରା ରିପୋର୍ଟକୁ ଅପେକ୍ଷା

ରାଜଗାଙ୍ଗପୁର,(ପିଏନ)- ସୁନ୍ଦରଗଡ଼ ଜିଲ୍ଲା ରାଜଗାଙ୍ଗପୁର ଆଇଟି କଲୋନୀର ଏକ ବନ୍ଦ ଘରୁ ଗତକାଲି ଗୋଟିଏ ପରିବାରର ୪ ଜଣ ସଦସ୍ୟଙ୍କ ଗଳିତ ମୃତଦେହ ଉଦ୍ଧାର ଘଟଣାରେ ମୃତକ ମାନଙ୍କ ଶବ ବ୍ୟବଚ୍ଛେଦ ରିପୋର୍ଟ ପୋଲିସର ହସ୍ତଗତ ହୋଇଛି । ହେଲେ ଏଥିରେ ବିଷକ୍ରିୟା ନେଇ କୌଣସି ପ୍ରମାଣ ମିଳିପାରିନି । ବରଂ ଶ୍ୱାସରୁଦ୍ଧ ହୋଇ ଏମାନଙ୍କର ମୃତ୍ୟୁ ଘଟିଥିବା ଦର୍ଶାଯାଇଛି । ତେଣୁ ଭିସେରା ରିପୋର୍ଟକୁ ଅପେକ୍ଷା କରିଛି ପୋଲିସ । ଭିସେରା ରିପୋର୍ଟ ଆସିବା ପରେ ଏନେଇ ଅଧିକ ତଥ୍ୟ ମିଳିପାରିବ ବୋଲି ପୋଲିସ ଆଶାବାଦୀ ରହିଛି । ପ୍ରକାଶ ଥାଉ କି, ଗତକାଲି ରାଜଗାଙ୍ଗପୁର ଆଇଟି କଲୋନୀର ଏକ ବନ୍ଦ ଘରୁ ଗୋଟିଏ ପରିବାରର ୪ ଜଣ ସଦସ୍ୟଙ୍କର ଗଳିତ ଶବ ଉଦ୍ଧାର ହୋଇଥିଲା । ମୃତକ ମାନେ ହେଲେ ଓସିଏଲ୍ କମ୍ପାନୀରେ କାର୍ଯ୍ୟ କରୁଥିବା ରଞ୍ଜିତ ପ୍ରସାଦ (୨୮), ତାଙ୍କ ପତ୍ନୀ କଳ୍ପନା ପ୍ରସାଦ ଚିନୁ, ତିନି ବର୍ଷର ଝିଅ କନକ ଓ ଦେଢ଼ ବର୍ଷର ପୁଅ । ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ପୋଲିସ କବାଟ ଭାଙ୍ଗି ସେମାନଙ୍କର ଗଳିତ ମୃତଦେହ ଉଦ୍ଧାର କରିଥିଲା । ମୃତଦେହ ନିକଟରୁ ଏକ ଅଧାଭର୍ତି କ୍ଷୀର ପାତ୍ର ମିଳିଥିଲା । ଯାହାକୁ ନେଇ ବିଷମିଶା କ୍ଷୀର ପିଇ ପରିବାର ସଦସ୍ୟ ଆତ୍ମହତ୍ୟା କରିଥିବା ସନ୍ଦେହ କରାଯାଉଛି । ରାଜଗାଙ୍ଗପୁର ପୋଲିସ ଏ ସଂକ୍ରାନ୍ତରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି । ପୂର୍ବରୁ କାଂଶବାହାଲ ଗୋଆଲପଡ଼ାରେ ରହୁଥିବା ରଞ୍ଜିତ ପ୍ରସାଦ ୪ ମାସ ହେଲା ରାଜଗାଙ୍ଗପୁର ଆସି ପ୍ରମୋଦ ରାଉତ ନାମକ ବ୍ୟକ୍ତିଙ୍କ ଘରକୁ ଭଡ଼ା ସୂତ୍ରରେ ନେଇ ରହୁଥିଲେ । ସେ ବିହାରର ମୂଳ ବାସିନ୍ଦା ବୋଲି ଜଣାପଡିଛି । ତେବେ କ'ଣ ପାଇଁ ପରିବାର ସଦସ୍ୟ ଏପରି ଚରମ ପଦକ୍ଷେପ ନେଲେ , କିପରି ଓ କେଉଁଭଳି ଅବସ୍ଥାରେ ସେମାନଙ୍କର ମୃତ୍ୟୁ ଘଟିଲା ରାଜଗାଙ୍ଗପୁର ପୋଲିସ ସେନେଇ ଛାନଭିନ୍ ଜାରୀ ରଖିଛି ।

## ଏଣିକି କଲେଜରେ ପାଠପଢ଼ାରେ ଦୁର୍ବଳ, ଉପସ୍ଥାନ କମ୍ ଥିବା ଛାତ୍ରଛାତ୍ରୀଙ୍କ ପାଇଁ ଅତିରିକ୍ତ କ୍ଲାସ୍ ବ୍ୟବସ୍ଥା

ଭୁବନେଶ୍ୱର, (ପିଏନ)- ଏଣିକି କଲେଜରେ ପାଠପଢ଼ାରେ ଦୁର୍ବଳ ଛାତ୍ର ଏବଂ ଉପସ୍ଥାନ କମ୍ ରହିଥିବା ଛାତ୍ରଛାତ୍ରୀ ମାନଙ୍କ ପାଇଁ ଅତିରିକ୍ତ କ୍ଲାସ୍ କରାଯିବ। ଅଧ୍ୟାପକ ମାନେ କଲେଜକୁ ଆସି ସେମାନଙ୍କୁ ପାଠ ପଢାଇବେ । ଉଚ୍ଚ ଶିକ୍ଷା ମନ୍ତ୍ରୀ ଶ୍ରୀ ଅରୁଣ ସାହୁ ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ, ପ୍ରାକ୍ଟିକାଲ୍ କ୍ଲାସ୍ ଉପରେ ମଧ ଗୁରୁତ୍ୱ ଦିଆଯିବ । ଏହାଦ୍ୱାରା ସମ୍ପୃକ୍ତ ଛାତ୍ରଛାତ୍ରୀ ମାନେ ଅନ୍ୟ ଛାତ୍ରଙ୍କ ସମକକ୍ଷ ହୋଇପାରିବେ । ସୂଚନାଯୋଗ୍ୟ ଯେ, ନିକଟରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ଶ୍ରୀ ସମୀର ରଞ୍ଜନ ଦାସ ଏହି ବ୍ୟବସ୍ଥାକୁ ବିଦ୍ୟାଳୟ ମାନଙ୍କରେ ଲାଗୁ କରିଛନ୍ତି ।

## ମାର୍କେଟବିଲ୍ଡିଂରେ ଭଙ୍ଗାରୁଜା ଘଟଣା : ମୋଟ୍ ଗିରଫ ସଂଖ୍ୟା ୨୨କୁ ବୃଦ୍ଧି

ଭୁବନେଶ୍ୱର, (ପିଏନ)-- ଭୁବନେଶ୍ୱର ମାର୍କେଟବିଲ୍ଡିଂରେ ଭଙ୍ଗାରୁଜା ଘଟଣାରେ କ୍ୟାପିଟାଲ ଥାନା ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ଉ କରି ଘଟଣାରେ ଜଡ଼ିତ ଥିବା ଅନ୍ୟ ୪ ଜଣଙ୍କୁ ଗିରଫ କରିଛି । ଗତକାଲି ୧୮ ଜଣଙ୍କୁ ଗିରଫ କରାଯାଇଥିଲା । ଆଜିର ଏହି ଗିରଫଦାରୀ ପରେ ମାମଲାରେ ମୋଟ୍ ଗିରଫ ସଂଖ୍ୟା ୨୨କୁ ବୃଦ୍ଧି ପାଇଛି । ସମ୍ପୃକ୍ତ ଅଭିଯୁକ୍ତ ମାନେ ପ୍ରାୟ ୧୮ଟି ଦୋକାନରେ ଭଙ୍ଗାରୁଜା କରିବା ସହ ଦୋକାନୀଙ୍କୁ ମାଡ଼ ମାରିଥିଲେ ।

### ଜାତିଭିତିକ ଜନଗଣନା ପାଇଁ ରାଜ୍ୟ କ୍ୟାବିନେଟ୍ ବୈଠକର ସଂକଳ୍ପ ପ୍ରସ୍ତାବ

## ରାଜ୍ୟ ସରକାରଙ୍କୁ ଟାର୍ଗେଟ୍ କଲେ ଶ୍ରୀକାନ୍ତ ଜେନା

ଭୁବନେଶ୍ୱର, (ପିଏନ)- ଜାତିଭିତିକ ଜନଗଣନା ପାଇଁ ଗତକାଲି ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ୍ ବୈଠକରେ ପାରିତ ହୋଇଥିବା ସଂକଳ୍ପ ପ୍ରସ୍ତାବକୁ ନେଇ ବରିଷ୍ଠ ନେତା ଶ୍ରୀକାନ୍ତ ଜେନା ରାଜ୍ୟ ସରକାରଙ୍କୁ ଟାର୍ଗେଟ୍ କରିଛନ୍ତି । ସେ କହିଛନ୍ତି ଯେ, ଓଡ଼ିଶାରେ ୧୯୩୧ ମସିହାରେ ଜାତିଭିତିକ ଜନଗଣନା ହୋଇଥିଲା । ଏହା ପରଠାରୁ ଏପରି ଜନଗଣନା ହୋଇନାହିଁ । ମଣ୍ଡଳ କମିଶନ ରିପୋର୍ଟକୁ ମଧ୍ୟ ସମ୍ପୂର୍ଣ୍ଣ ଭାବେ ଲାଗୁ କରାଯାଇନାହିଁ । ଓଡ଼ିଶାରେ ତଫସିଲଭୁକ୍ତ ଜାତି ଓ ତଫସିଲଭୁକ୍ତ ଜନଜାତିଙ୍କ ସଂଖ୍ୟା ୫୪ ପ୍ରତିଶତ ରହିଛି । ଏହିପରି ରାଜ୍ୟର ମୋଟ୍ ଲୋକସଂଖ୍ୟା ମଧ୍ୟରୁ ଏମାନଙ୍କର ସଂଖ୍ୟା ୯୪ ପ୍ରତିଶତ ରହିଥିବା ବେଳେ ଅବଶିଷ୍ଟ ୬ ପ୍ରତିଶତ ଲୋକ ସବୁ ପ୍ରକାର ସୁବିଧା ଉପଲବ୍ଧ କରୁଛନ୍ତି। ଫଳରେ ସାମାଜିକ ବୈଷମ୍ୟ ଦେଖାଦେଇଛି । ଅନ୍ୟ ରାଜ୍ୟ ମାନେ ସଂରକ୍ଷଣ ବ୍ୟବସ୍ଥାକୁ ଆବଶ୍ୟକ ସ୍ଥଳେ ଅଧିକ ପ୍ରତିଶତ ଲାଗୁ କରିଥିବାର ଉଦାହରଣ ରହିଛି । ତେଣୁ ଓଡ଼ିଶା ସରକାର ଅନୁରୂପ ଭାବେ ରାଜ୍ୟରେ ସଂରକ୍ଷଣ ବ୍ୟବସ୍ଥାକୁ ବୃଦ୍ଧି କରିପାରିବେ । ଦୀର୍ଘ ଦିନ ପରେ ମୁଖ୍ୟମନ୍ତ୍ରୀଙ୍କ ମନକୁ ଏ ପ୍ରକାର ଭାବନା ଆସିଥିବାରୁ ସେ ତାଙ୍କୁ ଧନ୍ୟବାଦ ଦେଇଥିଲେ ।

ଆହୁରି ମଧ ଶ୍ରୀ ଜେନା କହିଥିଲେ ଯେ, ସୁପ୍ରିମକୋର୍ଟଙ୍କ ରାୟ ଆଳରେ ସରକାର ସଂରକ୍ଷଣ ବ୍ୟବସ୍ଥା ବୃଦ୍ଧି କରୁନଥିବାରୁ ଏହି ବର୍ଗର ଲୋକମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି । ଛତିଶଗଡ଼ରେ ୬୭, ମହାରାଷ୍ଟ୍ରରେ ୬୭, ତାମିଲନାଡୁରେ ୬୯ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା ଶିକ୍ଷା କ୍ଷେତ୍ରରେ ରହିଥିବା ବେଳେ ଓଡ଼ିଶାରେ ମାତ୍ର ୨୦ ପ୍ରତିଶତ ରହିଛି । ତାହା ପୁଣି କେବଳ ତଫସିଲଭୁକ୍ତ ଜାତି ଓ ଜନଜାତି ମାନଙ୍କ ପାଇଁ ଉଦ୍ଦିଷ୍ଟ ରହିଛି । ଏହାକୁ ୩୮.୫ ପ୍ରତିଶତକୁ ବୃଦ୍ଧି କରାଯିବା ସହ ଓବିସି ମାନଙ୍କ ପାଇଁ ଶିକ୍ଷା କ୍ଷେତ୍ରରେ ୨୭ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା କରିବା ପାଇଁ ଶ୍ରୀ ଜେନା ଦାବି କରିଛନ୍ତି । ଯଦି ମୁଖ୍ୟମନ୍ତ୍ରୀଙ୍କ ଆନ୍ତରିକତା ରହିଥାଏ ଅତି ଶୀଘ୍ର ସଂରକ୍ଷଣ ବ୍ୟବସ୍ଥା ବୃଦ୍ଧି କରନ୍ତୁ ଏବଂ ମଣ୍ଡଳ କମିଶନଙ୍କ ରିପୋର୍ଟର ସୁପାରିଶକୁ କାର୍ଯ୍ୟକାରୀ କରିବା ପାଇଁ ସେ ଦାବିରେ ଦର୍ଶାଇଛନ୍ତି ।

## ଏସଇବିସି ଓ ଓବିସିଙ୍କୁ ପ୍ରଥମେ ସାମ୍ବିଧାନିକ ଅଧିକାର ପ୍ରଦାନ କରନ୍ତୁ ରାଜ୍ୟ ସରକାର : ଧର୍ମେନ୍ଦ୍ର

ଭୁବନେଶ୍ୱର,(ପିଏନ)- ଏସଇବିସି ଓ ଓବିସିଙ୍କ ଜନଗଣନା ପାଇଁ କେନ୍ଦ୍ର ପାଖରେ ଦାବି ପ୍ରସଙ୍ଗରେ ରାଜ୍ୟ କ୍ୟାବିନେଟ୍ ନିଷ୍ପତି ପରିପ୍ରେକ୍ଷୀରେ ଗଣମାଧ୍ୟମର ପ୍ରଶ୍ନର ଉତରରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି ଯେ ଗତ ଜୁଲାଇ ୨୫ ତାରିଖରେ ରାଜ୍ୟ ସରକାରଙ୍କୁ ପତ୍ର ମାଧ୍ୟମରେ ଅନ୍ୟାନ୍ୟ ପଛୁଆ ବର୍ଗ(ଓବିସି)ଙ୍କୁ ସରକାରୀ ଚାକିରି ଓ ଶିକ୍ଷାନୁଷ୍ଠାନ ଏବଂ ସାମାଜିକ ଓ ଆର୍ଥିକ ଦୃଷ୍ଟିରୁ ପଛୁଆ(ଏସଇବିସି)ଙ୍କ ପାଇଁ ଶିକ୍ଷାନୁଷ୍ଠାନରେ ସଂରକ୍ଷଣ ବ୍ୟବସ୍ଥା ଲାଗୁ କରିବା ପାଇଁ ଅନୁରୋଧ କରିଥିଲେ ।

ଶ୍ରୀ ପ୍ରଧାନ ପତ୍ରରେ ଉଲ୍ଲେଖ କରିଥିଲେ ଯେ ଓଡିଶାରେ ଓବିସି ଓ ଏସଇବିସି ବର୍ଗ ରାଜ୍ୟ ଜନସଂଖ୍ୟାର ଏକ ପ୍ରମୁଖ ବର୍ଗ ଏବଂ ଏମଧ୍ୟରୁ ଅନେକ ଦାରିଦ୍ର୍ୟ ଓ ଅଶିକ୍ଷା ମଧ୍ୟରେ କାଳାତିପାତ କରୁଛନ୍ତି । ଓଡିଶା ସରକାର ସରକାରୀ ଚାକିରି ଓ ଶିକ୍ଷାନୁଷ୍ଠାନରେ ଓବିସି ମାନଙ୍କୁ ସଂରକ୍ଷଣ ସୁବିଧା ଦେଉନଥିବା ବେଳେ ଏସଇବିସି ମାନଙ୍କୁ ଶିକ୍ଷାନୁଷ୍ଠାନରେ ସଂରକ୍ଷଣ ସୁବିଧା ଦେଇନାହାନ୍ତି । ଉଭୟ ଓବିସି ଓ ଏସଇବିସି ବର୍ଗର ଲୋକମାନେ ଉଚ୍ଚଶିକ୍ଷା ଓ ଚାକିରି କ୍ଷେତ୍ରରେ ଯୋଗଦେବାରୁ ବଂଚିତ ହେଉଛନ୍ତି ଓ ଏହା ପଛରେ ସେମାନଙ୍କର ସାମାଜିକ ଓ ଆର୍ଥିକ ପଛୁଆ ପରିସ୍ଥିତି ମୁଖ୍ୟତଃ ଦାୟୀ । ଏମାନଙ୍କୁ ସରକାରୀ ଚାକିରି କ୍ଷେତ୍ରରେ ବିଶେଷ ସୁବିଧା ଉପଲବ୍ଧ କରାଇବା ଜରୁରୀ ।ସମ୍ବିଧାନର ଧାରା ୧୫(୪) ଓ ୧୬(୪) ଅନୁସାରେ ଭାରତ ସରକାର ଓବିସି ବର୍ଗଙ୍କୁ ସରକାରୀ ଚାକିରି ଓ ଶିକ୍ଷାନୁଷ୍ଠାନର ୨୭ ପ୍ରତିଶତ ସଂରକ୍ଷଣର ବ୍ୟବସ୍ଥା କରିଛନ୍ତି । ଏହି ସଂରକ୍ଷଣ ବ୍ୟବସ୍ଥାକୁ ମାନ୍ୟବର ସୁପ୍ରିମକୋର୍ଟ ମଧ୍ୟ ମାନ୍ୟତା ପ୍ରଦାନ କରିଛନ୍ତି । ଅନେକ ରାଜ୍ୟ ସରକାର ରାଜ୍ୟର ଜନସଂଖ୍ୟାର ଏଭଳି ଏକ ବର୍ଗ ପାଇଁ ଅଧିକ ଶତାଂଶ ସଂରକ୍ଷଣ ବ୍ୟବସ୍ଥା ଲାଗୁ କରିଛନ୍ତି ବୋଲି ସେ ପତ୍ରରେ ଉଲ୍ଲେଖ କରିଥିଲେ ।ଏ ବିଷୟରେ ଗଣମାଧ୍ୟମ ପ୍ରଶ୍ନର ଉତରରେ ଶ୍ରୀ ପ୍ରଧାନ କହିଛନ୍ତି ଯେ ଏସଇବିସି ଓ ଓବିସି ସାମ୍ବିଧାନିକ ନିୟମ ଅନୁସାରେ ସଂରକ୍ଷଣ ଦିଆଯାଇଛି ମାତ୍ର ଓଡିଶାରେ ତାହା ମିଳୁନାହିଁ । ତେବେ ରାଜ୍ୟ ସରକାର ପ୍ରଥମେ ଏହି ବ୍ୟବସ୍ଥା ଲାଗୁ କରିବାକୁ ଶ୍ରୀ ପ୍ରଧାନ ଦାବୀ କରିଛନ୍ତି ।ଶ୍ରୀ ପ୍ରଧାନ କହିଛନ୍ତି ଯେ ରାଜ୍ୟ ସରକାର ଯେଉଁ ଅନୁରୋଧ କରିଛନ୍ତି କେନ୍ଦ୍ର ସରକାର ଏ ସମ୍ବନ୍ଧରେ ଆଲୋଚନା କରି ନିର୍ଣ୍ଣୟ ନେଇପାରନ୍ତି । ମାତ୍ର ପ୍ରଥମେ ଦୀର୍ଘ ୩୦ ବର୍ଷ ଧରି ଏହି ବର୍ଗର ଜନସାଧାରଣ ଯେଉଁ ସାମ୍ବିଧାନିକ ଅଧିକାର ପାଇବାରୁ ବଂଚିତ ଅଛନ୍ତି ସେମାନଙ୍କୁ ପ୍ରଥମେ ସେମାନଙ୍କର ଅଧିକାର ଦେବା ପାଇଁ ରାଜ୍ୟ ସରକାର ପଦକ୍ଷେପ ନିଅନ୍ତୁ ବୋଲି ସେ ଦାବୀ କରିଛନ୍ତି ।

## ପୂର୍ବତନ ସାଂସଦ ମୋରିସ କୁଜୁରଙ୍କ ପରଲୋକ

ଭୁବନେଶ୍ୱର, (ପିଏନ)- ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ସାଂସଦ ତଥା ମୋରିସ କୁଜୁରଙ୍କ ରବିବାର ଦିନ ସକାଳେ ପରଲୋକ ହୋଇଯାଇଛି । ଉଭୟ ଲୋକସଭା ଓ ରାଜ୍ୟସଭାର ସଦସ୍ୟ ରହି ସାରିଥିବା କୁଜୁର ଚିକିତ୍ସାଧୀନ ଅବସ୍ଥାରେ ଆଜି ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି । ମୃତ୍ୟୁ ବେଳକୁ ତାଙ୍କୁ ୮୫ ବର୍ଷ ବୟସ ହୋଇଥିଲା । ତାଙ୍କର ପରିବାର ପକ୍ଷରୁ ଏହି ସୂଚନା ଦିଆ ଯାଇଛି ।

ଉଲ୍ଲେଖନୀୟ ଯେ ମୋରିସ କୁଜୁର ୧୯୩୫ ମସିହା ନଭେମ୍ବର ୨ ତାରିଖରେ ସୁନ୍ଦରଗଡ଼ରେ ଜନ୍ମ ଗ୍ରହଣ କରିଥିଲେ । ସେ ୧୯୮୪ ମସିହାରେ କଂଗ୍ରେସ ଟିକେଟରୁ ଲୋକସଭା ନିର୍ବାଚନ ଲଢି ବିଜୟୀ ହେବା ସହ ୧୯୮୯ ଯାଏ ଲୋକସଭା ସାଂସଦ ଥିଲେ । ଏହା ବ୍ୟତୀତ ସେ ୧୯୯୬ରୁ ୨୦୦୨ ଯାଏ ରାଜ୍ୟସଭା ସାଂସଦ ମଧ୍ୟ ରହିଥିଲେ । ପରବର୍ତୀ ସମୟରେ ସେ ୨୦୦୮ ରୁ ୨୦୧୧ ଯାଏ ଜାତୀୟ ଏସଟି କମିଶନ ଅଧ୍ୟକ୍ଷ ଭାବରେ ଦାୟିତ୍ୱ ତୁଲାଇଥିଲେ । ଆସନ୍ତାକାଲି ସୁନ୍ଦରଗଡ଼ରେ ତାଙ୍କର ଅନ୍ତିମ ସଂସ୍କାର କରାଯିବ ବୋଲି ତାଙ୍କ ସାନ ପୁଅ ପ୍ରଭାତ କୁଜୁର କହିଛନ୍ତି । ତାଙ୍କର ବିୟୋଗରେ ଅନେକ ମାନ୍ୟଗଣ୍ୟ ଲୋକ ମାନେ ଶୋକ ବ୍ୟକ୍ତ କରିଛନ୍ତି ।

## ବିବେକାନନ୍ଦ କେନ୍ଦ୍ରର ନୂଆ ଏକାଡେମୀକୁ ଉଦଘାଟନ କଲେ କେନ୍ଦ୍ରମନ୍ତ୍ରୀ

ଭୁବନେଶ୍ୱର, (ପିଏନ)- ଓଡିଆ ପିଲାଙ୍କ ପୃଷ୍ଟିଜନିତ ଉଚ୍ଚତା ଏବଂ ଓଜନ ସମସ୍ୟାର ଆହ୍ୱାନକୁ ସାମ୍ନା କରିବା ସମ୍ପନ୍ନ ଓଡିଆଙ୍କ ଦାୟିତ୍ୱ ବୋଲି ରବିବାର ରାଷ୍ଟ୍ରୀୟ ଯୁବ ଦିବସ ଅବସରରେ ଭୁବନେଶ୍ୱର ଠାରେ ଆୟୋଜିତ ସ୍ୱାମୀ ବିବେକାନନ୍ଦ ଜୟନ୍ତୀ ସମାରୋହରେ ଯୋଗଦେଇ ବିବେକାନନ୍ଦ କେନ୍ଦ୍ରର ନୂଆ ଯୋଗ, ସାଂସ୍କୃତିକ ଓ ପରିଚାଳନା ଏକାଡେମୀକୁ ଉଦଘାଟନ କରିବା ଅବସରରେ କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଶ୍ରୀ ପ୍ରଧାନ କହିଛନ୍ତି ଯେ ୨୦୩୬ରେ ଓଡିଶାକୁ ଭାଷାଭିତିକ ରାଜ୍ୟ ଭାବେ ୧୦୦ ବର୍ଷ ପୂରିବ । ମାତ୍ର ଆଜିର ଦିନରେ ଓଡିଶାରେ ଗର୍ଭଧାରଣ କରୁଥିବା ମାଆ ଓ ନବଜାତ ଶିଶୁଙ୍କ ସ୍ୱାସ୍ଥ୍ୟବସ୍ଥା ଚିନ୍ତାଜନକ ବିଷୟ । ବର୍ଷକୁ ୮ ଲକ୍ଷ ପିଲା ରାଜ୍ୟରେ ଜନ୍ମହେବା ବେଳେ ୩-୪ ଲକ୍ଷ ମାଆ ଓ ଶିଶୁଙ୍କ ଯତ୍ନ ନେଲେ ହିଁ ଓଡିଶାକୁ ସ୍ୱତନ୍ତ୍ର ୧୦୦ ବର୍ଷ ପୂର୍ତି ସମୟରେ ଓଡିଶା ଶକ୍ତିଶାଳୀ ରାଜ୍ୟ ଭାବେ ଉଭା ହେବ ।ଶ୍ରୀ ପ୍ରଧାନ କହିଛନ୍ତି ଯେ ସ୍ୱାମୀ ବିବେକାନନ୍ଦଙ୍କ ଅର୍ଥରେ ଆପଲାଏଡ୍ ହିନ୍ଦୁତ୍ୱ ଅର୍ଥ କଣ । ବିବେକାନନ୍ଦଙ୍କ ଅର୍ଥରେ ହିନ୍ଦୁତ୍ୱ ଗୋଟିଏ ଧର୍ମ ନୁହେଁ ଉପାସନା ପଦ୍ଧତିକୁ ବୁଝାଏ । ସଂପ୍ରତି ହିନ୍ଦୁତ୍ୱର ଅର୍ଥ ହେଉଛି ଉପାନ୍ତ ଅଂଚଳରେ ଥିବା ସାଢେ ୪ ଲକ୍ଷ ମାଆ ଓ ଶିଶୁଙ୍କ ଯତ୍ନ ନେବା ଏବଂ ଏହି ଦାୟିତ୍ୱ କେବଳ ସରକାରଙ୍କର ନୁହେଁ ସମାଜର ଦାୟିତ୍ୱ ମଧ୍ୟ । ସ୍ୱାମୀଜୀ କେବଳ ଉପାସନା ନୁହେଁ ହିନ୍ଦୁତ୍ୱର ଆଧୁନିକ ବାଖ୍ୟା କରି ପ୍ରଗତି ପାଇଁ ନୂଆ ରାସ୍ତା ଦେଖାଇଛନ୍ତି ବୋଲି ଶ୍ରୀ ପ୍ରଧାନ କହିଛନ୍ତି । ଶ୍ରୀ ପ୍ରଧାନ କହିଛନ୍ତି ଯେ ସ୍ୱାମୀ ବିବେକାନନ୍ଦ ରାମକୃଷ୍ଣ ପରମହଂସଙ୍କ ଆଦର୍ଶ ଓ ବିଚାରକୁ ଆଗକୁ ନେଇଥିଲେ । ବ୍ରିଟିଶ ଶାସନ ସମୟରେ ଭାରତକୁ ଦୁନିଆ ଆଗରେ ଉପସ୍ଥାପନ କରିଥିଲେ ବିବେକାନନ୍ଦ । ମାନବ ମାତ୍ର କଲ୍ୟାଣ ହିଁ ସ୍ୱାମୀ ବିବେକାନନ୍ଦଙ୍କ ଲକ୍ଷ୍ୟ ଥିଲା । ଭାରତରେ ଜଣେ ବି ଯୁବକ ନାହିଁ ଯେ ବିବେକାନନ୍ଦଙ୍କ ବିଚାରରେ ପ୍ରଭାବିତ ହୋଇଥିବ । ଆଜି ଉଦଘାଟିତ ହୋଇଥିବା ୪ ମହଲା ବିଶିଷ୍ଟ ଏକାଡେମୀ ସଂସ୍କୃତି, ଯୋଗ ଓ ଆଧୁନିକ ପରିଚାଳନା କ୍ଷେତ୍ରରେ ଆଗାମୀ ଦିନରେ ପୂର୍ବ ଭାରତର ଗବେଷଣା କେନ୍ଦ୍ର ଭାବେ ପ୍ରତିଷ୍ଠିତ ହେବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି ।





ବାରିପଦା ବାଗ୍ରା ରୋଡ଼ ସ୍ଥିତ ମହର୍ଷି ପବ୍ଲିକ୍ ସ୍କୁଲରେ ପରମପୂଜ୍ୟ ମହର୍ଷି ମହେଶ ଯୋଗୀଙ୍କ ଜନ୍ମ ଦିବସ ପାଳିତ








## ଟି ଟାଇମ୍



### ଜୋକ୍ସ

ଶିକ୍ଷକ-କାଲି ସ୍କୁଲ କାହିଁକି ଆସି ନଥିଲ ?
ଛାତ୍ର-କାଲି ପରା ମୁଁ ପଡିଗଲି । ଆଉ ଲାଗିଗଲା
ଶିକ୍ଷକ-କେଉଁଠି ପଡିଗଲ ଆଉ କ’ଣ ଲାଗିଗଲା ?
ଛାତ୍ର ଖଟରୁ ପଡିଗଲି ଆଉ ମୋ ଆଖି ଲାଗିଗଲା ।

## ପୁରାଣ କାହାଣୀ

# ବାଣୀ ପ୍ରଭାବରେ ଚୋର ହେଲା ସାଧୁ



ଅନ୍ଧାର ରାତିରେ ଚୋରଟି ଚୋରି କରି ଅଣନିଃଶ୍ୱାସୀ ହୋଇ ଚାଲି ଚାଲି ଥକି ଗୋଟିଏ ବୃକ୍ଷମୂଳେ ବିଶ୍ରାମ ନେଉଥିଲା । ହଠାତ୍ ସେ ରାସ୍ତକଡରେ ବିଶ୍ରାମ ନେଉଥିବା ସମୟରେ ଜରିମାନଙ୍କ ଉପରେ ନଜର ପଡିଲା । ନିଶ୍ଚିନ୍ତରେ ଶୋଇଥିବା ଜରିର ଜୀବନଧାରା ସହିତ ନିଜକୁ ତୁଳନା କରି ଗଭୀର ଚିନ୍ତା କରିବାକୁ ଲାଗିଲା । କେତେବେଳେ ସୂର୍ଯ୍ୟ ଉଦୟ ହେଲେ ତାହା ସେ ଜାଣି ପାରିଲା ନାହିଁ । ଅନ୍ଧାର ଅପସରି ଆସୁଥିବା ବେଳେ ଚୋରର ମାନସିକ ଉଦବେଳନ ବଢ଼ି ଚାଲିଥାଏ । ସେହି ସମୟରେ ସେ ଲୋକଙ୍କୁ ଦେଖି ଭୟଭୀତ ହୋଇ ଚମକି ଉଠିଲା । କାଳେ କିଏ ତାକୁ ଦେଖିଦେଲା ଆଉ ଚିହ୍ନିଦେଲା କି ? ଭିକାରୀ ଓ ବୁଲା କୁକୁର ନିଜ ନିଜ ପେଟ ଭରଣା ପାଇଁ ଏଣେତେଣେ ବୁଲି ଖାଦ୍ୟ ସଂଗ୍ରହ କରିବାକୁ ଲାଗିଲେ । କିନ୍ତୁ ଚୋର ପାଇଁ ଦିନଟି ଥିଲା ଅଭିଶାପ । ଭିକାରୀ କଥା ମନେ ପକାଉ ପକାଉ ତା’ ମା କଥା ମନେ ପଡିଲା । ମା’ତାକୁ କହୁଥିଲା କାମକୁ ଡରି ପଳାଇ ଯାଉଛି ଭବିଷ୍ୟତରେ ଅସୁବିଧା ଭୋଗିବୁ । ଏହି କଥା ଭାବୁ ଭାବୁ ରାସ୍ତାରେ ଯାଉଥିବା ଦୁଇ ଦମ୍ପତିଙ୍କ କଥା ଶୁଣିବାକୁ ପାଇଲା । ଦୁଇ ଦମ୍ପତି ରାତିରେ ସାଧୁଙ୍କ ପ୍ରବଚନ ଶୁଣି ସକାଳେ ଘରକୁ ପ୍ରତ୍ୟାବର୍ତ୍ତନ କରୁଥିଲେ । ସେମାନେ ରାସ୍ତାରେ ସାଧୁଙ୍କ ବାଣୀ ଏତେ ଶାନ୍ତିପ୍ରଦ, ହିତକାରକ, ପ୍ରେରଣାଦାୟୀ ଥିଲା ବୋଲି କୁହାକୁହି ହୋଇ ଯାଉଥିଲେ । ଏହା ଶୁଣି ଚୋରର ମନ ସାଧୁଙ୍କ ବାଣୀ ପ୍ରତି ଆକର୍ଷିତ ହେଲା । ସାଧୁଙ୍କ ବାଣୀରେ ସେ ଏତେ ବିମୁଗ୍ଧ ହୋଇଗଲାଯେ ସେ ସାଧୁଙ୍କ ନିକଟକୁ ଆସିଲା ଓ ପ୍ରବଚନ ଶୁଣିଲା । ଲୁଚାଛପା କାମ କଲେ ମନରେ ଭୟ ଜାତ ହୋଇଥାଏ ବୋଲି ସାଧୁ କହିଲେ । ପରେ ଚୋର ସାଧୁଙ୍କୁ ସବୁ ସତ କଥା କହିଲା । ଅଜ୍ଞାତବସତଃ ମୁଁ ଆଜିଯାଏଁ କୁକର୍ମ କରି ଆସୁଥିଲି । କିନ୍ତୁ ଏବେ ପ୍ରତିଜ୍ଞା କରୁଛି ଆଜିଠାରୁ ମୁଁ ପରିଶ୍ରମ କରିବି ବୋଲି ସାଧୁଙ୍କୁ ସେ ପ୍ରତିଶ୍ରୁତି ଦେଇଥିଲା ।

## ଆଜିର ଭାଗ୍ୟ

**ମେଷ** କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**ବୃଷ** ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ମିଥୁନ** କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**କର୍କଟ** ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ତି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ସିଂହ** ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**କନ୍ୟା** ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ତୁଳା** ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**ବିଛା** ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ଧନୁ** ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

**ମକର** କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**କୁମ୍ଭ** ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**ମୀନ** କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

# କୃତ୍ରିମ ଜଳପ୍ରପାତ



ଚାଇନା ଅନ୍ତର୍ଗତ ୟୁନାନ ପ୍ରଦେଶର କୁନମିଂରେ ପର୍ଯ୍ୟଟକଙ୍କ ମନୋରଞ୍ଜନ ପାଇଁ ଏକ କୃତ୍ରିମ ଜଳ ପ୍ରପାତ ସୃଷ୍ଟି କରାଯାଇଛି । ଏହାର ଉଚ୍ଚତା ସାଢ଼େ ୧୨ ମିଟର । ଚଉଡା ଚାରି ଶହ ମିଟର । ନିଉଲାନ୍ ନଦୀରେ ପ୍ରବାହିତ ଜଳକୁ ୟୁନାନର ବୃହତ୍ତମ ମଧୁର ଜଳ ହ୍ରଦ ଡିଆନସି ମଧ୍ୟରେ ପ୍ରବେଶ କରାଇ ଏହି ପ୍ରପାତ ସୃଷ୍ଟି କରାଯାଇଛି । ଏହାଦ୍ୱାରା ବନ୍ୟା ବିପ୍ରାତରୁ ରକ୍ଷା ମିଳିବା ସହ ସହରର ପାନୀୟ ଜଳ ଯୋଗାଣ ବ୍ୟବସ୍ଥାରେ ଉନ୍ନତି ଆସି ପାରିବ । କୃତ୍ରିମ ଜଳ ପ୍ରପାତ ଚାରିପଟେ ଉଦ୍ୟାନ ରହିଛି । ଦୁଇ ବର୍ଷ ତଳେ ଉଭୟ ପ୍ରପାତ ଓ ଉଦ୍ୟାନ ବିକଶିତ କରାଯାଇଛି । ଉକ୍ତ ପ୍ରକଳ୍ପରେ ସତର କୋଟି ମାର୍କିନ୍ ଡଲାର ବ୍ୟୟ ହୋଇଥିବା ପ୍ରକାଶ ।

# ଦାନ୍ତରେ ଟାଟୁ



ଅତ୍ୟାଧୁନିକା ମହିଳାମାନେ ସବୁବେଳେ ଚାହାନ୍ତି କେମିତି ନିଜକୁ ଭିନ୍ନ ଶୈଳୀରେ ପ୍ରଦର୍ଶିତ କରିବେ ଏବଂ ଶରୀରର ସୌନ୍ଦର୍ଯ୍ୟ ବୃଦ୍ଧି କରିବେ। ଆଜିକାର ଫ୍ୟାଶନ ଯୁଗରେ ଏଭ୍ରି ଅଡ୍ ଇଜ୍ ଏ ଷ୍ଟାଇଲକୁ ମଧ୍ୟ କେତେକ ଗ୍ରହଣ କରି ସେହିପରି ଢଙ୍ଗରେ ନିଜକୁ ସଜାଉଛନ୍ତି। ଏବେ ଏବେ ସୌନ୍ଦର୍ଯ୍ୟ ସଚେତନ ତରୁଣୀମାନେ ଦାନ୍ତରେ ଟାଟୁ ଆଙ୍କିବା ଦିଗରେ ବେଶି ଢଳୁଥିବା ପରିଲକ୍ଷିତ ହେଉଛି, ଯେମିତି କିଛି ବର୍ଷ ତଳେ ‘ନାହିମୁଦି’ ଫ୍ୟାଶନ ଅନେକଙ୍କୁ କିମିଆ କରିଥିଲା। ଦାନ୍ତରେ ଟାଟୁ ଆଙ୍କିବା ନୂଆ କଥା ନୁହେଁ। ଆଠଦଶ ବର୍ଷ ତଳେ ଦାନ୍ତରେ ଟାଟୁ କରି ହିପ୍‌ହପ୍ ଗାୟିକା, ନୃତ୍ୟାଙ୍ଗନା ଓ ମେଡଲମାନେ ବିଭିନ୍ନ ଶୋ’କୁ ଆସିବା ପରେ ଏହାର ଚାହିଦା ବଢିବଢି ଚାଲିଛି। କିଶୋରୀ, କଲେଜ ଛାତ୍ରୀଠୁ ଆରମ୍ଭ କରି ପଇଁତିରିଶ ବର୍ଷ ଭିତରର ମହିଳାଙ୍କୁ ଦାନ୍ତରେ ଟାଟୁ ବେଶ୍ ମାନିବ ବୋଲି ସୌନ୍ଦର୍ଯ୍ୟ ବିଶେଷଜ୍ଞମାନେ କହନ୍ତି। ଅସ୍ଥାୟୀ ଓ ସ୍ଥାୟୀ ଭାବେ ଦାନ୍ତରେ ଟାଟୁ କରିହେବ।

# ପ୍ରସବ କରିବ ରୋବଟ !



ଇଞ୍ଜିନିୟର ତଥା ନୋବେଲିଷ୍ଟ ଜର୍ଜ ଜୈରକୈଡାକିସ୍‌ଙ୍କ ମତ ଅନୁସାରେ ଆସନ୍ତା ୨୦ରୁ ୩୦ ବର୍ଷ ମଧ୍ୟରେ ଏଭଳି ରୋବଟ ତିଆରି କରାଯାଇପାରିବ, ଯାହା ମଣିଷ ସହିତ ଶାରୀରିକ ସମ୍ପର୍କ ରଖିପାରିବ ଏବଂ ସନ୍ତାନ ପ୍ରସବ କରିପାରିବ। ଏପରିକି କେବଳ ରୋବଟ ପରସ୍ପର ମଧ୍ୟରେ ଶାରୀରିକ ସମ୍ପର୍କ ରଖିପାରିବେ। ବିଶେଷଜ୍ଞଙ୍କ କହିବା ଅନୁସାରେ ଯଦି ମଣିଷଙ୍କ ଅପେକ୍ଷା ରୋବଟଙ୍କ ସଂଖ୍ୟା ବୃଦ୍ଧି ପାଏ ତେବେ ଏହା ଦୁଃସ୍ୱପ୍ନ ସୃଷ୍ଟି କରିବ। ଏହାବ୍ୟତୀତ ପ୍ରଫେସର ବାର୍ବିକଙ୍କ ମତ ଅନୁସାରେ ରୋବଟର ଶାରୀରିକ ସମ୍ପର୍କ ସ୍ଥାପନ କରିବା ଏବଂ ସନ୍ତାନ ପ୍ରସବ କରିବା ନେଇ ସାମାଜିକ ସ୍ୱିକୃତୀ ବିଷୟରେ ଚିନ୍ତା କରାଯିବ। ଏଭଳି କୌଶଳକୁ ନେଇ କିଛି ପ୍ରତିକ୍ରିୟା ଓ ସମସ୍ୟା ମଧ୍ୟ ଉପୁଜିପାରେ ବୋଲି ବୈଜ୍ଞାନିକମାନେ ମତ ଦେଇଛନ୍ତି।

# ସ୍ମରଣଶକ୍ତି ବଢ଼ାଏ ଅଣ୍ଡା

ଆମେରିକା ସ୍ଥିତ ଟପ୍ଟ ୟୁନିଭରସଟିର ରିସର୍ଚ୍ଚ କର୍ତ୍ତାମାନଙ୍କ କହିବା ହେଉଛି କି ଅଣ୍ଡା ଖାଇବା ଦ୍ୱାରା ମସ୍ତିଷ୍କ ମଜଭୁତ୍ ହୋଇଥାଏ ଏବଂ ଡିମେସିୟା ଭଳି ରୋଗର ଭୟ ଟଳିଯାଇଥାଏ । ଏହି ସମସ୍ୟାରେ ପୀଡ଼ିତ ଲୋକମାନଙ୍କର ସ୍ମରଣ ଶକ୍ତି ଅତି କମ୍ ହୋଇଯାଇଥାଏ । ରିସର୍ଚ୍ଚରେ ସାମିଲ୍ ଥିବା ଲୋକମାନଙ୍କୁ ଦୁଇ ଟିମ୍‌ରେ ବିଭାଜିତ କରାଯାଇଥିଲା । ପ୍ରଥମ ଟିମ୍‌କୁ ଖାଇବା ପାଇଁ ନିୟମିତ ୨ଟି ଲେଖାଏଁ ଅଣ୍ଡା ଦିଆଯାଉଥିଲା । ଯେବେକି ଅନ୍ୟ ଟିମ୍‌କୁ ଅଣ୍ଡା ପ୍ରତିବଦଳରେ ଅନ୍ୟାନ୍ୟ ଦ୍ରବ୍ୟ ଖାଇବାକୁ ଦିଆଯାଉଥିଲା । ମାସକ ପରେ ଦୁଇଟି ଟିମ୍‌ର ସଦସ୍ୟମାନଙ୍କର ସ୍ମରଣ ଶକ୍ତି, ତର୍କ କ୍ଷମତା ଏବଂ ଏକାଗ୍ରତା ସ୍ତରର ପରୀକ୍ଷା କରାଯାଇଥିଲା । ନିୟମିତ ଅଣ୍ଡା ଖାଉଥିବା ଟିମ୍‌ର ସଦସ୍ୟମାନଙ୍କର ପ୍ରଦର୍ଶନ ଅନ୍ୟ ଟିମ୍ ତୁଳନାରେ ଅଧିକ ଭଲ ହୋଇଥାଏ । ଅଣ୍ଡାରେ ଲ୍ୟୁଟିନ୍ ଏବଂ ଜେସିକାଥିନ୍ ନାମକ ଦୁଇ ପ୍ରକାର ଅକ୍ସିକରଣ ରୋଗ ପ୍ରତିରୋଧକ ତତ୍ତ୍ୱ ମିଳିଥାଏ । ଯାହା ଭାବିବା ଓ ବୁଝିବା ପ୍ରକ୍ରିୟାକୁ ସହଜ କରିଥାଏ । ଏଥିପାଇଁ ଆପଣ ମାଂସାହାରୀ ହୋଇଥାନ୍ତି ତେବେ ପ୍ରତିଦିନ ଖାଦ୍ୟରେ ଅଣ୍ଡାକୁ ସାମିଲ କରନ୍ତୁ ।

# ଜିନ୍ସ ସୃଷ୍ଟି କରୁଛି ସମସ୍ୟା



ଆଜିକାର ଅତ୍ୟାଧୁନିକ ଯୁବତୀମାନେ ଟିପା ଜିନ୍ସ ପିନ୍ଧିବାକୁ ଏକ ଫ୍ୟାଶନ ମନେ କରୁଛନ୍ତି। ହେଲେ ଏହାଦ୍ୱାରା ଯେ ସ୍ୱାସ୍ଥ୍ୟଗତ ସମସ୍ୟା ସୃଷ୍ଟି ହୁଏ ସେଥିପ୍ରତି କେହି ଧ୍ୟାନ ଦିଅନ୍ତି ନାହିଁ। ଏକ ଗବେଷଣାରୁ ଜଣାଯାଇଛି ଯେ ଟିପା ଜିନ୍ସ ପିନ୍ଧିବା ଦ୍ୱାରା ଏକ ପ୍ରକାର ସ୍ନାୟୁଗତ ରୋଗ ସୃଷ୍ଟି ହୁଏ, ଯାହାକୁ କୁହନ୍ତି ‘ମେରାଲଜିଆ ପାରେସ୍ଥଟିକା’ ବା ‘ଟିଙ୍ଗଲିଙ୍ଗ୍ ଥିଙ୍ଗ ସିଣ୍ଡ୍ରମ’। ଏହାଦ୍ୱାରା ଜଙ୍ଘରେ ଯାଇଥିବା ଚର୍ମ ସମ୍ବନ୍ଧୀୟ ସ୍ନାୟୁଗୁଡିକ ଏମିତି ପ୍ରତିକ୍ରୀୟାଶୀଳ ହୋଇପଡ଼ନ୍ତି ଯେ ଗୋଡ଼ ଝିମ୍‌ଝିମ୍ ଲାଗିବା ସହ ବିନ୍ଧି ଉଠେ। ଏହି ରୋଗରେ ଗୋଡ଼ ଅକାମି ହୋଇଗଲା ପରି ଅନୁଭୂତ ହୁଏ। ଟିପା ଜିନ୍ସ ସାଙ୍ଗକୁ ଯଦି ହାଇ ହିଲ୍ ଜୋତା ପିନ୍ଧିଥିବେ ତେବେ ଅବସ୍ଥା ଆହୁରି ସଙ୍ଗିନ ହୋଇଯିବାର ଆଶଙ୍କା ଥାଏ।

# ବିଶ୍ୱର ବଡ ଫୁଲ ବଜାର



ବିଶ୍ୱର ସବୁଠୁ ବଡ ଫୁଲ ବଜାର ପ୍ରତିଦିନ ଉତ୍ତର ହଲାଣ୍ଡ ଅନ୍ତର୍ଗତ ଆଲସମିର ସହରରେ ବସେ । ସେଠାରେ ବିଶ୍ୱର ସମସ୍ତ ଅଞ୍ଚଳର ଫୁଲ ବିକ୍ରି ହୁଏ । ଦୈନିକ ପ୍ରାୟ ଦୁଇ କୋଟିର ଫୁଲ ସେଠାରେ କାରବାର ହୋଇଥାଏ । ୨୪୩ ଏକର ଜମି ଉପରେ ଏଥିପାଇଁ ଗୋଦାମ ତିଆରି କରାଯାଇଛି । ପ୍ରତିଦିନ ରାତି ୧୦ଟା ସୁଦ୍ଧା ସେଠାକୁ ଫୁଲ ଆସେ ସାରା ରାତି ଫୁଲ ସଜାଡିବା କାର୍ଯ୍ୟ ଚାଲେ । ସକାଳ ୬ରେ ଫୁଲ ବିକ୍ରି ଆରମ୍ଭ ହୁଏ । ପାଇକାରୀ ବଜାର ହୋଇଥିବାରୁ ମୁଖ୍ୟତଃ ପାଇକାରୀମମାନେ ଏଠାକୁ ଆସନ୍ତି । ସମସ୍ତ ବିକ୍ରି ବଟା ନିଲାମ ଦ୍ୱାରା ହୁଏ । ଦିନ ୨ଟା ସୁଦ୍ଧା ବ୍ୟବସାୟ ସରେ ଏବଂ ପର ଦିନ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଥାଏ ।

# ଫେସ୍‌ବୁକ ମାୟାରେ ଯୁବପିଢ଼ି

ବ୍ୟସ୍ତ ବହୁଳ ଜୀବନରେ ଫେସବୁକ ପାଲଟିଛି ମନୋରଞ୍ଜନର ମାଧ୍ୟମ । କାମରୁ ଟିକିଏ ଫୁରୁସତ ମିଳିଲେ ସମସ୍ତେ ଚାହାନ୍ତି ନିରୋଳାରେ ଅନ୍ତରଙ୍ଗ ବନ୍ଧୁ ସହ ଆଳାପ କରିବାକୁ । କିଛି ମନଖୋଲି କଥା ହେବାକୁ ଏବଂ ଅଜଣା ରାଇଜର ଖବର ଜାଣିବାକୁ । ହେଲେ ଏସବୁ ସମ୍ଭବ ହୋଇଛି ସୋସିଆଲ ମିଡିଆ ଫେସବୁକ ପାଇଁ । ସବୁ ପ୍ରତିବନ୍ଧକକୁ ଡେଇଁ ଫେସବୁକ ସମସ୍ତଙ୍କୁ ନିଜର କରି ପାରିଛି । ସ୍ନେହ, ଶ୍ରଦ୍ଧା ଦେଇ ମନ କିଣିଛି । ସେଥିପାଇଁ ଫେସବୁକ ଆଜି ଲକ୍ଷାଧିକ ଲୋକଙ୍କ ପସନ୍ଦ ପାଲଟିଛି । ସଫଳତାର ୧୦ ବର୍ଷ ଅତିକ୍ରମ କରି ଫେସବୁକ ରେକର୍ଡ ସୃଷ୍ଟି କରିଛି ।

୨୦୦୪ରେ ହାଭାର୍ଡରେ କିଛି ଛାତ୍ରଛାତ୍ରୀ ମେସେଜ ସେୟାର କରି ମଜା ନେବାର ସଫଳତା ଆଜି ବିଶ୍ୱାବସୀ ଅନୁଭବ କରୁଛନ୍ତି । ଯେଉଁ ମଜା ପରବର୍ତ୍ତି କାଳରେ ସାରା ବିଶ୍ୱାବସୀଙ୍କୁ ଏକତାର ସୂତ୍ରରେ ବାନ୍ଧି ପାରିଛି । ଦୀର୍ଘ ଦଶ ବର୍ଷ ହେଲା ଫେସବୁକ କୁହୁକରେ ସାରା ବିଶ୍ୱ ମସଗୁଲ ହୋଇ ଯାଇଛି । ସବୁ ବର୍ଗର ଜନସାଧାରଣ ଏହି ମୟାଜାଲରେ ଏମିତି ବାନ୍ଧି ହୋଇଛନ୍ତିଯେ ସହଜରେ ମୁକୁଳି ପାରୁନାହାନ୍ତି । ବିଶେଷକରି ଯୁବପିଢ଼ିଙ୍କ ପାଇଁ ଫେସବୁକ ଏକ ବରଦାନ ସଦୃଶ ପାଲଟିଛି । ବନ୍ଧୁତା ମଧ୍ୟରେ ଦୂରତା କମାଇବାରେ ଏହି ସୋସିଆଲ ମିଡିଆ ଫେସବୁକ ପ୍ରମୁଖ ଭୂମିକା ଗ୍ରହଣ କରିଛି । ଯେଉଁଥିପାଇଁ ଦିନକୁ ଦିନ ଫେସବୁକର ଲୋକପ୍ରିୟତା ଓ ୟୁଜର୍ସଙ୍କ ସଂଖ୍ୟା ବଢ଼ି ଚାଲିଛି । ୧୦ ବର୍ଷ ପୂର୍ବରୁ ଭାରତରେ ଏହାର ସଚେତନତା କମ ଥିଲା । ତେଣୁ ଫେସବୁକ ସମ୍ବନ୍ଧରେ ଅଧିକାଂଶ ଯୁବପିଢ଼ି ଅଜ୍ଞ ଥିଲେ । କିନ୍ତୁ ଆଇଟି ସେକ୍ଟର ଯେପରି ଭାବେ ଦୃତ ଗତିରେ ଚାରିଆଡେ ବ୍ୟାପିଲା ଭାରତରେ ମଧ ତାର ପ୍ରଭାବ ପଡିଲା । ଫଳରେ ଫେସବୁକ ଧିରେଧିରେ ଜନାଦୃତ ହେଲା । ମୁମ୍ବାଇ, ଦିଲ୍ଲୀ, ବାଙ୍ଗାଲୋର ଏବଂ ହାଇଦ୍ରାବଦ ଭଳି ମେଟ୍ରୋ ସିଟିରେ ଏହି ସୋସିଆଲ ମିଡିଆ ପ୍ରଚାର ପ୍ରସାର ହେବା ପରେ ଗାଁ ଗହଳିରେ ବି ଏହାର ଜାଲ ପଡି ଯାଇଛି । ଫେସବୁକ ମାଧ୍ୟମରେ ଭାବ ଆଦାନ ପ୍ରଦାନ ଅତି ସହଜରେ ହେଉଥିବାରୁ ସମସ୍ତଙ୍କ ପ୍ରିୟଭାଜନ ହୋଇ ପାରିଛି । ବର୍ତ୍ତମାନସୁଦ୍ଧା ଫେସବୁକର ୧୫୦ ବିଲିଅନ ଡଲାର ସହଯୋଗୀ ହୋଇଥିବା ବେଳେ ୨୦୧.୬ ବିଲିଅନ ବ୍ୟକ୍ତି ବନ୍ଧୁତାର ସୂତ୍ରରେ ବାନ୍ଧି ହୋଇଛନ୍ତି । ପ୍ରତି ମାସରେ ୧.୨୩ ବିଲିଅନ ଲୋକ ଫେସବୁକ ବ୍ୟବହାର କରୁଛନ୍ତି । ପ୍ରତିଦିନ ୬ ବିଲିଅନ ଲୋକ ଫେସବୁକ ପସନ୍ଦ କରୁଥିବା ବେଳେ ୪୦୦ ବିଲିଅନ ଫଟୋ ସେୟାର ହୋଇଛି । ଏହାସହ ୭.୮ ଟ୍ରିଲିଅନ ମେସେଜ ଫେସବୁକରୁ ପଠା ଯାଇଛି । ସୋସିଆଲ ନ୍ଲିନିକ ୱେସାଇଡର ମତ ଅନୁସାରେ କେଳବ ୨୦୧୩ରେ ସାଉଦିରେ ୭.୮ ମିଲିଅନ ଫେସବୁକ ବ୍ୟବହାରକାରୀ ଥିଲେ । ୨୦୦୪ରେ ମାତ୍ର ୧ ମିଲଅନ ଫ୍ୟାନଙ୍କୁ ନେଇ ଆରମ୍ଭ ହୋଇଥିବା ଫେସବୁକ ବର୍ତ୍ତମାନ ୧,୨୩୦ ମିଲିଅନ ବ୍ୟବହାରୀକାରୀଙ୍କ ପାଖରେ ପହଞ୍ଚିଛି । ୨୦୦୫ରେ ୬ ମିଲିଅନ ବ୍ୟବହାରୀକାରୀ ଥିବା ବେଳେ ୨୦୦୭ରେ ୫୮ ମିଲିଅନ, ୨୦୦୮ରେ ୧୪୫ ମିଲିଅନ, ୨୦୦୯ରେ ୩୬୦ ମିଲିଅନ, ୨୦୧୦ରେ ୬୦୮, ୨୦୧୧ରେ ୮୪୫, ୨୦୧୨ରେ ୧,୦୫୬ ଏବଂ ୨୦୧୩ରେ ୧,୨୩୦ ମିଲିଅନ ବ୍ୟକ୍ତି ଫେସବକୁ ବ୍ୟବହାର କରୁଥିବା ୧୦ ବର୍ଷ ପୂର୍ତ୍ତି ଉତ୍ସବରୁ ଜଣାପଡିଥିଲା ।

# ଦୁଦୁରା ଫୁଲର ଔଷଧୀୟ ଗୁଣ



ଶ୍ରାବଣ ମାସରେ ମହାଦେବଙ୍କଠାରେ ବିଲ୍ୱପତ୍ର, ଦୁଦୁରା ଏବଂ କ୍ଷୀର ଚଢ଼ାଇବାର ବିଶେଷ ମହତ୍ତ୍ୱ ରହିଛି । ଦୁଦୁରା ପୁଷ୍ପର ବିଶେଷତା ଓଉପଯୋଗ ଅଧିକ । ଆୟୁର୍ବେଦରେ ଦୁଦୁରାକୁ ବିଷ ବର୍ଗରେ ରଖା ଯାଇଛି । ଏହାର ବୀଜକୁ ଔଷଧ ରୂପେ ରଖାଯାଏ । ଅଧ ଲିଟର ସୋରିଷ ତେଲରେ ଦୁଦୁରା ପତ୍ରର ରସ ମିଶାଇ ଗରମ କରି ମୁଣ୍ଡରେ ଲଗାଇଲେ ଉକୁଣି ଲୋପ ପାଇଯାଇଥାଏ । ଦୁଦୁରା ପତ୍ରର ରସକୁ ସାମାନ୍ୟ ଗରମ କରି ଗଣ୍ଠି ସ୍ଥାନରେ ଲଗାଇ ପଟି ବାନ୍ଧି ରଖିଲେ ବିନ୍ଧାବାନ୍ଧି ଦୂର ହୋଇଯାଇ ଥାଏ । ଦୁଦୁରା ଗଛର ପତ୍ର, ଫୁଲ, ଫଳ, ତ୍ୱକ ଏବଂ କାଣ୍ଡର ରସକୁ ମିଶାଇ ରାଶି ତେଲରେ ପକାଇ ଗରମ କରି କାନରେ ପକାଇଲେ କାନ ପରିଷ୍କାର ହେବା ସହ କାନ ପିଡା କମିଯାଏ । ଦୁଦୁରା ମଞ୍ଜିର ପୋଡା ଅଂଶକୁ ଜ୍ୱର ସମୟରେ ଶରୀରରେ ଲଗାଇଲେ ଜ୍ୱର କମ ହୋଇ ଯାଇଥାଏ । ଦୁଦୁରା ଫଳର ଚୂର୍ଣ୍ଣକୁ ଅଧା ଚାମଚ ଗୁଆ ଘିଅ ଓ ମହୁ ସହ ମିଶାଇ ପ୍ରତିଦିନ ସେବନ କଲେ ସ୍ତ୍ରୀ ମାନଙ୍କର ପ୍ରସବ ଠିକ ସମୟରେ ହୋଇଥାଏ ।




# ଅତିଥି ବେଶରେ ଆତଙ୍କବାଦୀ

ରୋହିଙ୍ଗ୍ୟା ମୁସଲମାନ ଘଟଣାକୁ ନେଇ ଆଜିକାଲି ଆମ ଦେଶରେ ରାଜନୀତି ପାଣିପାଗରେ ଉଷ୍ମତା ଦେଖାଦେଇଛି । ଏଥିଲାଗି ଏବେ ଦେଶରେ ମହାଭାରତ । ମିଆଁମାରରୁ ଆସିଥିବା ଏହି ଶରଣାର୍ଥୀଙ୍କୁ ନେଇ ଦେଶର ରାଜନୀତି ଏବେ ଦୁଇ ଭାଗ । କଂଗ୍ରେସ ନେତା ମଣିଶଙ୍କର ଆୟାର, ଏସପି ନେତା ଆଜମ୍ ଖାନ ଆଦି ନେତା ରୋହିଙ୍ଗ୍ୟା ମୁସଲମାନଙ୍କୁ ଶରଣ ଦେବା ସପକ୍ଷରେ ଯୁକ୍ତି କରିଥିବା ବେଳେ ଜେଡିୟୁ ନେତା ଅଲି ଅନୱାର କହିଛନ୍ତି ଯେ ଏ ଦେଶ ଅନେକ ଶରଣାର୍ଥୀଙ୍କୁ ଆଶ୍ରୟ ଦେଇଛି, ଏବେ ରୋହିଙ୍ଗ୍ୟା ମୁସଲମାନମାନଙ୍କୁ ଶରଣାର୍ଥି କରିବାରେ ଅସୁବିଧା କେଉଁଠି ? ଦେଶର ସରକାର ରୋହିଙ୍ଗ୍ୟାଙ୍କୁ ଶରଣ ଦେବା ପକ୍ଷରେ ନଥିବା ବେଳେ ଅନେକ ରାଜନେତା ଏହାକୁ ହିନ୍ଦୁ-ମୁସଲମାନ ଚଷମାରେ ଦେଖୁଛନ୍ତି । ବିରୋଧୀ ଏହାକୁ ସରକାରଙ୍କର ମୁସଲମାନ ବିରୋଧୀ ନୀତି ବୋଲି କହୁଛନ୍ତି । ଏହି ରାଜନୀତିର ସାପ ସିଡି ଖେଳ ଭିତରେ ଆମକୁ ଦେଶର ସୁରକ୍ଷା ପ୍ରତି ଧ୍ୟାନ ଦେବାକୁ ହେବ । ଆମକୁ ପ୍ରଥମେ ଜାଣିବାକୁ ହେବ ରୋହିଙ୍ଗ୍ୟା ମୁସଲମାନ କିଏ ? ସେମାନେ ଭାରତକୁ କିପରି ଆସିଲେ ? ସେମାନଙ୍କୁ ନେଇ ବର୍ତ୍ତମାନ କି ପରିସ୍ଥିତି ସୃଷ୍ଟି ହୋଇଛି ?

ଦେଶରେ ଥିବା ତଥାକଥିତ କିଛି ମାନବତାବାଦୀ ରୋହିଙ୍ଗ୍ୟା ମୁସଲମାନଙ୍କ ଲାଗି ଅଣ୍ଟା ଭିଡିଛନ୍ତି । ସେମାନଙ୍କ ମତରେ ରୋହିଙ୍ଗ୍ୟା ମୁସଲମାନ ପଞ୍ଜିକୃତ ଶରଥାର୍ଥି । ସେମାନଙ୍କୁ ଭାରତରୁ ବିତାଡିତ କରିବା ସମ୍ବିଧାନ ଧାରା ୧୪ ଏବଂ ୨୧ ର ଉଲଙ୍ଘନ ହେବ । ଧାରା ୧୪ରେ ଭାରତ ସମ୍ବିଧାନ ସମସ୍ତଙ୍କୁ ସମାନତା ଅଧିକାର ଦେଇଛି ଏବଂ ଧାରା ୨୧ ସମସ୍ତଙ୍କୁ ସମାନ ଭାବରେ ବଞ୍ଚିବାକୁ ଅଧିକାର ଦେଇଛି । ଦେଶର ବିଭିନ୍ନ ଭାଗରେ ରହୁଥିବା ରୋହିଙ୍ଗ୍ୟା ମୁସଲମାନଙ୍କ ପରିସ୍ଥିତି ବହୁତ ଖରାପ । ଏହା ହେଉଛି ଏକ ଆନ୍ତଃରାଷ୍ଟ୍ରୀୟ ସମସ୍ୟା । ଏ ସମସ୍ୟାର ସମାଧାନ ଆନ୍ତଃରାଷ୍ଟ୍ରୀୟ ସ୍ତରରେ ହେବାକୁ ଥିବାବେଳେ ଭାରତ ସରକାର ସେମାନଙ୍କୁ ଦେଶରୁ ବିତାଡିତ କରିବାକୁ ଚାହିଁଛନ୍ତି । ଏହା କ'ଣ ମାନବିକତା ?

ଅନ୍ୟପକ୍ଷରେ ଭାରତ ସରକାର କହୁଛନ୍ତି ସେମାନେ ଦେଶ ପାଇଁ ବିପଦ । ରୋହିଙ୍ଗ୍ୟାଙ୍କୁ ଦେଶରୁ ବିତାଡିତ କରିବା ମାମଲାରେ ସୁପ୍ରିମକୋର୍ଟରେ ଜବାବ ଦାଖଲ କରିଛନ୍ତି କେନ୍ଦ୍ର ସରକାର । ରୋହିଙ୍ଗ୍ୟାମାନେ ଦେଶରେ ବେଆଇନ ଭାବେ ରହୁଛନ୍ତି । ସେମାନେ ଦେଶର ନିରାପତ୍ତା ଏବଂ ସୁରକ୍ଷା ପ୍ରତି ବଡ ବିପଦ ବୋଲି କେନ୍ଦ୍ର ସରକାର ନିଜର ଜବାବରେ ମାନ୍ୟବର ଶୀର୍ଷ କୋର୍ଟଙ୍କୁ ଜଣାଇଛନ୍ତି । ବିତାଡିତ ମାମଲାରେ ରୋହିଙ୍ଗ୍ୟାମାନଙ୍କ ପକ୍ଷରୁ ଏହାକୁ ବିରୋଧ କରି ଦାଖଲ ହୋଇଛି ଏକାଧିକ ପିଟିଶନ । ଏ ସମସ୍ତ ତର୍କ ବିତର୍କ ମଧ୍ୟରୁ କିଏ ଠିକ୍ କିଏ ଭୁଲ ତାହା ଏବେ ବିଚାରଣୀୟ ବିଷୟ । ସରକାର ଠିକ୍ କହୁଛନ୍ତି ନା ତଥାକଥିତ ମାନବତାବାଦୀମାନେ ଠିକ୍ କହୁଛନ୍ତି ?

ଏବେ ଆମକୁ ବୁଝିବାକୁ ପଡିବ ଯେ ଭାରତ ସରକାର ରୋହିଙ୍ଗ୍ୟା ମୁସଲମାନ ଭାରତ ପ୍ରତି ବିପଦ ବୋଲି କାହିଁକି କହୁଛନ୍ତି ? ଭାରତ ସରକାର କହୁଛନ୍ତି ଏହି ରୋହିଙ୍ଗ୍ୟାମାନଙ୍କ ମଧ୍ୟରେ ଅନେକଙ୍କର ଆତଙ୍କବାଦୀଙ୍କ ସହିତ ସଂପର୍କ ରହିଛି । ସେମାନେ ଆତଙ୍କବାଦୀ କାର୍ଯ୍ୟକଳାପରେ ମଧ୍ୟ ଲିପ୍ତ ଅଛନ୍ତି ।

ରୋହିଙ୍ଗ୍ୟା ମୁସଲମାନ କହୁଛନ୍ତି ସେମାନେ ମିଆଁମାର ରଖାଇନ ରାଜ୍ୟର ବାସିନ୍ଦା । ସେମାନଙ୍କର ନିଜସ୍ୱ ସଂସ୍କୃତି, ନିଜସ୍ୱ ଭାଷା ଓ ନିଜସ୍ୱ ପରିଚୟ ଅଛି । ରଖାଇନରେ ଏବେ ଅଧିକରୁ ଅଧିକ ରୋହିଙ୍ଗ୍ୟା ମୁସଲମାନ ଅଟନ୍ତି ବୋଲି ସେମାନେ ଦାବି କରୁଛନ୍ତି ।

ଏଠାରେ ବୌଦ୍ଧ ଏବଂ ରୋହିଙ୍ଗ୍ୟା ମୁସଲମାନମାନଙ୍କ ମଧ୍ୟରେ ହେଉଥିବା ସଂଘର୍ଷ ବହୁ ପୁରାତନ ଅଟେ । ଷଷ୍ଠ ଶତାବ୍ଦୀ ସମୟରେ ସଂପୂର୍ଣ୍ଣ ମଧ୍ୟ ଏସିୟାରେ ବୌଦ୍ଧ ମତ ପ୍ରସାରିତ ହୋଇ ସାରିଥିଲା । ବାମିୟାନ ସମେତ ଅନେକ ସ୍ଥାନରେ ବୁଦ୍ଧଙ୍କ ପ୍ରତିମା ପ୍ରତିଷ୍ଠା ହୋଇ ସାରିଥିଲା । ମୁସଲମାନଙ୍କ ଇସଲାମ୍ ଧର୍ମ ପାଇଁ ଏହା ବିପଦ ବୋଲି ସେମାନେ ଭାବୁଥିଲେ, ଯେଉଁଥି ପାଇଁକି ସେମାନେ ବୌଦ୍ଧଙ୍କ ପ୍ରତି ଅସହିଷ୍ଣୁ ଥିଲେ । ଏହି କାରଣରୁ ରୋହିଙ୍ଗ୍ୟା ମୁସଲମାନମାନେ ବୌଦ୍ଧଙ୍କ ଉପରେ ବାରମ୍ବାର ଅତ୍ୟାଚାର କରୁଥିଲେ । ପଂଚଦଶ ଶତାବ୍ଦୀରେ ବଙ୍ଗଳାର ସୁଲତାନ ଥିଲେ ଜଲ୍ଲାଉଦ୍ଦୀନ ମହମ୍ମଦ । ସୁ ମୁନ ଜଲ୍ଲାଉଦ୍ଦୀନଙ୍କ ସୈନ୍ୟ ସହଯୋଗ ନେଇ ରଖାଇନର ରାଜାଙ୍କୁ ପରାସ୍ତ କରି ରାଜ୍ୟ ଦଖଲ କଲେ । ସୁଲତାନ ଏହି ମଉକାରେ ବହୁସଂଖ୍ୟକ ମୁସଲମାନଙ୍କୁ ରଖାଇନକୁ ପଠାଇଦେଲେ । ଏହାପରେ ବଙ୍ଗଳାରେ ପ୍ରାୟ ୧୦୦ ବର୍ଷଧରି ପର୍ତ୍ତୁଗାଲ ଲୁଟେରାଙ୍କ ଆତଙ୍କ ଲାଗି ରହିଲା । ସେମାନଙ୍କ ଠାରୁ ରକ୍ଷାପାଇବା ପାଇଁ ବର୍ମା ନିକଟବର୍ତ୍ତୀ ରଖାଇନକୁ ଅନେକ ପଳାଇ ଯାଇଥିଲେ । ଯେତେବେଳେ ରଖାଇନରେ ମୁସଲମାନଙ୍କ ସଂଖ୍ୟା ବଢିବାରେ ଲାଗିଲା ସେତେବେଳେ ସେମାନେ ସ୍ଥାନୀୟ ବାସିନ୍ଦା ବୌଦ୍ଧମାନଙ୍କ ଉପରେ ଅତ୍ୟାଚାର କରିବା ଆରମ୍ଭ କରିଦେଲେ । ଏହାପରେ ଏହାକୁ ଇଂରେଜମାନେ ଶାସନ କଲେ । ଇଂରେଜମାନେ ରୋହିଙ୍ଗ୍ୟା ମୁସଲମାନ ଓ ବୌଦ୍ଧମାନଙ୍କ ମଧ୍ୟରେ ସଂଘର୍ଷ କରାଇ ଫାଇଦା ହାସଲ କରିବାକୁ ଲାଗିଲେ । ସହିବାର ସୀମା ଅଛି । ଅତି ସହି ସହି ବୌଦ୍ଧମାନେ ମଧ୍ୟ ହିଂସ୍ର ହୋଇ ଉଠିଲେ । ଇଂରେଜମାନେ ଗଲା ପରେ ରୋହିଙ୍ଗ୍ୟା ମୁସଲମାନମାନେ ଏଠାରେ ଅମାନବୀୟ ଦମନଲୀଳା ଚଳାଇଥିଲେ । ଏକ ରିପୋର୍ଟ ଅନୁସାରେ ଏକ ମାସ ଧରି ଚାଲିଥିବା ଦଙ୍ଗାରେ ପ୍ରାୟ ହଜାରରୁ ଊର୍ଦ୍ଧ୍ୱ ବୌଦ୍ଧଙ୍କୁ ହତ୍ୟା କରାଯାଇଥିଲା ।

୨୦୧୨ ମସିହା ଜୁନରୁ ଅକ୍ଟୋବର ମାସ ମଧ୍ୟରେ ରୋହିଙ୍ଗ୍ୟା ମୁସଲମାନଙ୍କ ମଧ୍ୟରେ ମିଆଁମାରରେ ଏକ ବଡ ଧରଣର ସଂଘର୍ଷ ହୋଇଥିଲା । ଏହାର ଶାସକ ରୋହିଙ୍ଗ୍ୟା ମୁସଲମାନଙ୍କ ପ୍ରତି କଠୋର ହେବାକୁ ବାଧ୍ୟ ହୋଇଥିଲେ । ୨୦୧୨ରେ ୧ ଲକ୍ଷ ୪୦ ହଜାର ରୋହିଙ୍ଗ୍ୟା ବିସ୍ଥାପିତ ହୋଇଥିଲେ । ଏବେ ବି ପ୍ରାୟ ୧ ଲକ୍ଷ ୨୦ ହଜାର ରୋହିଙ୍ଗ୍ୟା ଲୋକ ମିଆଁମାରର ରଖାଇନ ଶରଣାର୍ଥି ଶିବିରରେ ଅଛନ୍ତି । ମିଆଁମାରରେ ପ୍ରାୟ ୧୦ ଲକ୍ଷରୁ ଅଧିକ ରୋହିଙ୍ଗ୍ୟା ଲୋକ ଅଛନ୍ତି କିନ୍ତୁ ମିଆଁମାର ସେମାନଙ୍କୁ ନିଜର ଅଧିବାସୀ ବୋଲି ଭାବୁନାହିଁ । ମିଆଁମାରରେ ରୋହିଙ୍ଗ୍ୟା ମୁସଲମାନମାନଙ୍କ ବିରୁଦ୍ଧରେ ଦୁଇ ଥର ହିଂସାକାଣ୍ଡ ସୃଷ୍ଟି ହୋଇଛି । ନିକଟଅତୀତରେ ୧୫୦ ରୋହିଙ୍ଗ୍ୟା ଲୋକ ଅସ୍ତ୍ରଶସ୍ତ୍ର ସହିତ ୨୪ଟି ପୋଲିସ କ୍ୟାମ୍ପ ଉପରେ ଆକ୍ରମଣ କରିଥିଲେ । ମିଆଁମାର ରଖାଇନ ରାଜ୍ୟରେ ହୋଇଥିବା ଏହି ଆକ୍ରମଣରେ ୭୧ ଜଣ ମୃତ୍ୟୁବରଣ କରିଥିଲେ । ଏହି ଆକ୍ରମଣ ଆରାକାନ ରୋହିଙ୍ଗ୍ୟା ସାଲଭେସନ ଆର୍ମି ନାମକ ଆତଙ୍କବାଦୀ ସଂଗଠନ କରିଥିଲା । ଏହି ସଂଗଠନର ମୁଖ୍ୟ ହେଉଛନ୍ତି ସରଗନା ଅତା ଉଲ୍ଲାହ । ଅତା ଉଲ୍ଲାହ ଜଣେ ରୋହିଙ୍ଗ୍ୟା ମୁସଲମାନ । ସେ ପାକିସ୍ତାନର କରାଚୀରେ ଜନ୍ମ ଗ୍ରହଣ କରିଥିଲା ଏବଂ ମକ୍କାରେ ଯାଇ ବଡ ହୋଇଥିଲା । ରୋହିଙ୍ଗ୍ୟା ଆତଙ୍କବାଦୀମାନେ ମିଆଁମାର ସେନା ଶିବିର ଉପରେ ଆକ୍ରମଣ କରିବାରୁ ସେଠାରେ ହିଂସା ସୃଷ୍ଟି ହୋଇଥିଲା । ସେଠାରେ ଆରମ୍ଭ ହୋଇଥିବା ହିଂସାକୁ ନେଇ ରୋହିଙ୍ଗ୍ୟାମାନେ ବାଂଲାଦେଶ ଆଡକୁ ମୁହାଁଇଥିଲେ । ଇତିମଧ୍ୟରେ ବାଂଲାଦେଶରେ ୩ ଲକ୍ଷ ରୋହିଙ୍ଗ୍ୟା ଶରଣାର୍ଥୀ ରହିଛନ୍ତି । ସେହିପରି ଜାତିସଂଘ ଦ୍ୱାରା ପଞ୍ଜୀକୃତ ୧୪ ହଜାର ରୋହିଙ୍ଗ୍ୟା ଶରଣାର୍ଥୀ ଭାରତରେ ରହୁଥିବାବେଳେ ବାସ୍ତବରେ ଏମାନଙ୍କ ସଂଖ୍ୟା ୪୦ ହଜାରରୁ ଊର୍ଦ୍ଧ୍ୱ ଯାହା ଭାରତ ପାଇଁ ଚିନ୍ତାର ବିଷୟ ହୋଇଛି । ତେଣୁ ଭାରତ ସରକାର ସେମାନଙ୍କୁ ବିତାଡିତ କରିବାକୁ ଚାହୁଁଛନ୍ତି । ଅନ୍ୟପଟେ ମିଆଁମାର ସୀମାନ୍ତ ଦେଇ ବାଂଲାଦେଶକୁ ପ୍ରବେଶ କରିଥିବା ଲକ୍ଷାଧିକ ରୋହିଙ୍ଗ୍ୟା ଶରଣାର୍ଥୀଙ୍କ ପାଇଁ ଭାରତ ସରକାରଙ୍କ ପକ୍ଷରୁ ରିଲିଫ ପଠାଯାଇଥିଲା

ରୋହିଙ୍ଗ୍ୟା ମୁସଲମାନଙ୍କ ସହିତ ପାକିସ୍ତାନ ଆତଙ୍କବାଦୀ ସଂଗଠନର ଯୋଗସୂତ୍ର ରହିଛି । ପାକିସ୍ତାନ ଆତଙ୍କବାଦୀ ସଂଗଠନ ବାଙ୍ଗଲାଦେଶରେ ରହୁଥିବା ରୋହିଙ୍ଗ୍ୟା ମୁସଲମାନ ଶରଣାର୍ଥି ଶିବିରକୁ ଯାଇ ସେଠାରେ ଥିବା ରୋହିଙ୍ଗ୍ୟା ମୁସଲମାନଙ୍କୁ ଆତଙ୍କବାଦୀ ପ୍ରଶିକ୍ଷଣ ଦେଇ ଆତଙ୍କବାଦୀ କାର୍ଯ୍ୟରେ ନିୟୋଜିତ କରୁଛନ୍ତି । କେତେକ ରୋହିଙ୍ଗ୍ୟା ମୁସଲିମ ପାକିସ୍ତାନର ଆଇଏସଆଇ ଏବଂ ଇସଲାମିକ ଷ୍ଟେଟ ସଙ୍ଗଠନ ସହିତ ଜଡିତ । ତେଣୁ ସେମାନେ ଭବିଷ୍ୟତରେ ନିଶ୍ଚିତ ଭାବେ ଦେଶ ପାଇଁ ବିପଦ ସାଜିବେ, ଏଥିରେ କୌଣସି ସନ୍ଦେହ ନାହିଁ । ରୋହିଙ୍ଗ୍ୟାମାନଙ୍କୁ ବେଆଇନ ଭାବେ ସ୍ଥାନ ଦେବା ପାଇଁ ମିଆଁମାର, ପଶ୍ଚିମବଙ୍ଗ ଏବଂ ତ୍ରିପୁରାରେ ସ୍ୱତନ୍ତ୍ର ନେଟୱର୍କ କାମ କରୁଛି ବୋଲି କେନ୍ଦ୍ର ସରକାରଙ୍କ ପକ୍ଷରୁ କୁହାଯାଇଛି ।

୨୦୧୨ରେ ହୋଇଥିବା ହିସାଂକାଣ୍ଡ ପରେ ପ୍ରାୟ ୪୦ ହଜାରରୁ ଊର୍ଦ୍ଧ୍ୱ ରୋହିଙ୍ଗ୍ୟା ମୁସଲମାନ ଭାରତକୁ ଚାଲି ଆସିଥିଲେ । ସେମାନେ ଭାରତର ବିଭିନ୍ନ ରାଜ୍ୟକୁ ଯାଇ ସେଠାରେ ନିଜର ଆଡା ଜମାଇ ସାରିଲେଣି । ବିଶେଷକରି ତେଲେଙ୍ଗାନା, ହରିୟାନା, ଉତ୍ତର ପ୍ରଦେଶ, ରାଜସ୍ଥାନ ଆଦି ରାଜ୍ୟକୁ ତାଙ୍କ ଚେର ଲମ୍ବି ଯାଇଛି । ଦିଲ୍ଲୀର କାଳନ୍ଦୀ କୁଞ୍ଜରେ ତାଙ୍କର ଏକ କଲୋନୀ ଅଛି । ହରିୟାନାକୁ ମାତ୍ର ୪ଟି ପରିବାର ଯାଇଥିଲେ । ସେମାନଙ୍କର ସଂଖ୍ୟା ଥିଲା ୪୭ ଏବେ ମାତ୍ର ୫ ବର୍ଷ ପରେ ସେମାନଙ୍କର ସଂଖ୍ୟା ବଢି ୧୫୦ ହୋଇଛି । ସେମାନେ କବାଡିବାଲା ରୂପେ ଜୀବନ ବିତାଇବା ସହିତ ଭାରତରେ ଭୋଟ ଦେବାର ଅଧିକାର ମଧ୍ୟ ପାଇ ସାରିଛନ୍ତି । ସେମାନଙ୍କ ନିକଟରେ ମଧ୍ୟ ଶରଣାର୍ଥିର ପରିଚୟ ପତ୍ର ମଧ୍ୟ ଅଛି । ସେମାନେ ଯେଉଁ ଅଞ୍ଚଳରେ ରହିଛନ୍ତି ସେ ଅଞ୍ଚଳରେ ସାଂପ୍ରଦାୟିକ ଉତ୍ତେଜନା ବଢୁଅଛି । ନିକଟ ଅତୀତରେ ନମାଜ ସମୟରେ ସମସ୍ତେ ଏକଜୁଟ ହେଲାପରେ ପାଖ ଗାଁରୁ ମଇଁଷି ଓ ଗାଈଗୋରୁ ଚୋରାଇ ଆଣି ତାକୁ ମାରି ରାନ୍ଧିକରି ଏକାଠି ଖାଉଛନ୍ତି । ଯାହାଫଳରେ ସେହି ସ୍ଥାନରେ ହିଂସାକାଣ୍ଡ ସୃଷ୍ଟି ହୋଇଛି । ବଲଭଗଡର ମୁଲେଡି ଗାଁରେ ଏହିପରି ଅଭାବନୀୟ ଘଟଣା ଘଟି ଯାଇଛି । ଗାଁ ଲୋକଙ୍କର ଅଭିଯୋଗ ହେଉଛି ଯେ ସେମାନେ ସରକାରୀ ଜମିକୁ ଜବରଦଖଲ କରି ରହିବା ସହିତ ବିଭିନ୍ନ ପ୍ରକାର ରାହାଜାନିରେ ସଂପୃକ୍ତ ରହୁଛନ୍ତି । ସେମାନଙ୍କ ଭୟରେ ଆମେ ଖୋଲାରେ ଆମର ଗୃହପାଳିତ ପଶୁଙ୍କୁ ବାହାରକୁ ଛାଡିପାରୁନାହିଁ । ବେଆଇନ ଭାବରେ ଅନୁପ୍ରବେଶକରିଥିବା ଏହି ଅନୁପ୍ରବେଶକାରୀ ଯେପର୍ଯ୍ୟନ୍ତ ଭାରତ ଛାଡି ନ ଯାଇଛନ୍ତି ତେବେ ସେପର୍ଯ୍ୟନ୍ତ ଏଠାରେ ଶାନ୍ତି ଫେରିବା ଅସମ୍ଭବ ।

ନିଜ ଦେଶରେ ହିଂସା ଯୋଗୁଁ ଆଶ୍ରୟ ନେଇଥିବା ରୋହିଙ୍ଗ୍ୟାମାନଙ୍କୁ ଭାରତ କିଭଳି ବିତାଡିତ କରିବାକୁ ଚାହୁଁଛି, ଏହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ଜାତିସଂଘର ମାନବାଧିକାର ମୁଖ୍ୟ ଜିଏଦ ରାଦ ଅଲ ହୁସେନ କହିଥିଲେ । ଏହାପରେ ଭାରତ ଦୃଢ ଜବାବ ଦେଇଥିଲା । ଅନ୍ୟ ଦେଶ ଭଳି ନିଜ ଦେଶର ନିରାପତ୍ତା ପାଇଁ ନୂଆଦିଲ୍ଲୀ ସର୍ବଦା ପ୍ରତିଶ୍ରୁତିବଦ୍ଧ । କୌଣସି ପ୍ରକାର କରୁଣା ଦେଖାଇ ଭାରତ ବଡ ଭୁଲ କରି ବିପଦକୁ ନିମନ୍ତ୍ରଣ କରିପାରିବ ନାହିଁ ବୋଲି କେନ୍ଦ୍ର ସରକାରଙ୍କ ତରଫରୁ କୁହାଯାଉଥିଲା । ଭାରତ ସମ୍ବନ୍ଧରେ ଭୁଲ ତଥ୍ୟ ପ୍ରଚାର କର ନାହିଁ । ଭାରତ ସରକାର ଏହି ବେଆଇନ ଅନୁପ୍ରବେଶକୁ ବରଦାସ୍ତ କରି ପାରିବେ ନାହିଁ । ପୂର୍ବତନ କେନ୍ଦ୍ର ମନ୍ତ୍ରୀ କିରଣ ରିଜିଜୁ ମାନବାଧିକାର ଦଳକୁ ରୋହିଙ୍ଗ୍ୟା ଶରଣାର୍ଥୀ ମାମଲାରେ ଏ କଥା କହିଛନ୍ତି । ଶ୍ରୀ ରିଜିଜୁ କହିଛନ୍ତି ଯେ ରୋହିଙ୍ଗ୍ୟା ଦେଶର ନିରାପତ୍ତା ପାଇଁ ବିପଦ ଏବଂ ଦେଶର ସମ୍ବଳ ନିଗାଡି ଦେବ ବୋଲି କେନ୍ଦ୍ରର ମନ୍ତବ୍ୟକୁ ଭୁଲ ବୁଝିବା ଉଚିତ ନୁହେଁ । କେନ୍ଦ୍ର ସରକାରଙ୍କ ନିଷ୍ପତ୍ତି ଦେଶର ସ୍ୱାର୍ଥ ପାଇଁ ଉଦ୍ଦିଷ୍ଟ । ତେଣୁ ଭାରତ ଓ ଭାରତର ଲୋକମାନଙ୍କୁ ଅସହିଷ୍ଣୁ ନକୁହ । ଆମେ ମାନବାଧିକାରକୁ ସଂପୂର୍ଣ୍ଣ ରୂପେ ସ୍ୱାଗତ କରୁଛୁ । ରକ୍ଷା ବିଶେଷଜ୍ଞ ସୁଦର୍ଶନ କୁମାରଙ୍କ ମତରେ ଏମାନଙ୍କ ଯୋଗୁଁ ଦେଶର ସୁରକ୍ଷା ବିପଦ ପୂର୍ଣ୍ଣ । ୨୦୧୨ରେ ମିଆଁମାର ସେନା ରୋହିଙ୍ଗ୍ୟା ମୁସଲମାନମାନଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିବାରୁ ସେମାନେ ପ୍ରତିଶୋଧ ନେବା ପାଇଁ ୨୦୧୩ରେ ଭାରତର ବୁଦ୍ଧଗୟାଠାରେ ଆତଙ୍କବାଦୀ ଆକ୍ରମଣ କରିଥିଲେ । ଏଥିରେ ମୁଖ୍ୟ ଭୂମିକା ତୁଲାଇଥିଲା ଲସ୍କର-ଇ-ତୋଇବା । କେବଳ ସେତିକି ନୁହେଁ, କାଶ୍ମୀରରେ ଆତଙ୍କବାଦୀଙ୍କ ସଂଘର୍ଷ ବେଳେ ଦୁଇଜଣ ବିଦେଶୀ ଆତଙ୍କବାଦୀଙ୍କର ମୃତ୍ୟୁ ହୋଇଥିଲା । ସେଥିରେ ଜଣେ ମିଆଁମାରର ବାସିନ୍ଦା ଥିଲେ ।

ଲସ୍କର-ଇ-ତୋଏବା ମିଆଁମାର ଏବଂ ଥାଇଲାଣ୍ଡ ସୀମାରେ ରୋହିଙ୍ଗ୍ୟା ମୁସଲମାନମାନଙ୍କ ପାଇଁ ଆତଙ୍କବାଦୀ କ୍ୟାମ୍ପ ପ୍ରତିଷ୍ଠା କରିଛନ୍ତି । ହାଫିଜ ସହିଦ ନେତୃତ୍ୱରେ ଏହା ପରିଚାଳିତ ହେଉଛି । ସେଥିପାଇଁ ହାଫିଜ ସହିଦ ରୋହିଙ୍ଗ୍ୟା ଆତଙ୍କବାଦୀଙ୍କ ଶୁଭଚିନ୍ତକ ପାଲଟିଯାଇଛି । ଏହାକୁ ସହଯୋଗ କରୁଛି ପାକିସ୍ତାନ ଗୁଇନ୍ଦା ସଂସ୍ଥା ଆଇଏସ୍ଆଇ । ଯେଉଁଠି ରୋହିଙ୍ଗ୍ୟା ଜେହାଦୀଙ୍କୁ ଭାରତ ବିରୁଦ୍ଧରେ ପ୍ରଶିକ୍ଷଣ ଦିଆଯାଉଛି ବୋଲି ଭାରତୀୟ ସୁରକ୍ଷା ଏଜେନ୍ସିଙ୍କ ମତ । ତେଣୁ ରୋହିଙ୍ଗ୍ୟା ମୁସଲମାନଙ୍କ ମାମଲାରେ ଦଳମତ ରାଜନୀତିରୁ ଊର୍ଦ୍ଧ୍ୱକୁ ଉଠି ଚିନ୍ତା କରିବାକୁ ପଡିବ । ପାକିସ୍ତାନର ପ୍ଲାନ କ'ଣ ତାହା ବୁଝିବାକୁ ପଡିବ ?

୨୦୦୭ରୁ ରୋହିଙ୍ଗ୍ୟା ମୁସଲମାନଙ୍କ ଉପରେ ଅତ୍ୟାଚାର ହେଉଥିବା ବେଳେ ଏବେ କାହିଁକି ହାଫିଜ ସହିଦର ଦରଦ ଉଛୁଳି ପଡିଲା ? ଏହାଭିତରେ ହାଇଦ୍ରାବାଦ ପୋଲିସ ଜଣେ ରୋହିଙ୍ଗ୍ୟା ଆତଙ୍କବାଦୀଙ୍କୁ ଗିରଫ କରିଛି । ସେ ହେଉଛି ମିଆଁମାରର ଇକେପ୍ପୁ ରାଜ୍ୟର ବୁଶିଡାଙ୍ଗ ଜିଲ୍ଲାର ନୟାପଡା ଗାଁର ବାସିନ୍ଦା ମହମ୍ମଦ ଇସମାଇଲ । ଏହି ଆତଙ୍କବାଦୀ କହିଛି ୨୦୧୪ରେ ଢାକା ଦେଇ ସେ କଲିକତା ଆସିଥିଲା । ଦମଦମ ନଗରପାଳିକାଠାରୁ ସେ ଜନ୍ମ ପ୍ରମାଣ ପତ୍ର ପାଇବା ପରେ ସେ ନିଜକୁ ଭାରତୀୟ ନାଗରିକ ଭାବେ ପ୍ରମାଣ କରି ପାରିଥିଲା । ଏଥିରୁ ପ୍ରମାଣିତ ହୋଇଯାଇଛି ରୋହିଙ୍ଗ୍ୟା ମୁସଲମାନ ଆତଙ୍କବାଦୀ ହେବା ସହିତ ଭାରତରେ ପ୍ରବେଶ କରି ସାରିଛନ୍ତି । ଗୁଇନ୍ଦା ଏଜେନ୍ସି ଯେଉଁ ବିପଦ କଥା କହୁଛନ୍ତି ତାହା ଭୁଲ ନୁହେଁ । ଧରାପଡିଥିବା ଖଲିସ୍ତାନୀ ଆତଙ୍କବାଦୀଙ୍କୁ ଜେରାବେଳେ ଜଣା ପଡିଥିଲା ଯେ ସେହି କ୍ୟାମ୍ପରେ ଖଲିସ୍ଥାନୀ ଆତଙ୍କବାଦୀଙ୍କୁ ମଧ୍ୟ ପ୍ରଶିକ୍ଷଣ ଦିଆଯାଉଛି । ଆଇଏସ୍ଆଇ ସେହି ଆତଙ୍କବାଦୀଙ୍କୁ ଅର୍ଥ ସହ ଅସ୍ତ୍ରଶସ୍ତ୍ର ମଧ୍ୟ ଯୋଗାଇଦେଉଛି । ଏହା ହେଉଛି ପାକିସ୍ତାନର ଦୋମୁହାଁ ନୀତି । ଗୋଟିଏ ପଟେ ସେ ରୋହିଙ୍ଗ୍ୟା ମୁସଲମାନଙ୍କ ଶୁଭ ଚିନ୍ତକ ବୋଲି ଦେଖାଇହେଉଥିବା ବେଳେ ଅନ୍ୟ ପଟରେ ରୋହିଙ୍ଗ୍ୟାମାନଙ୍କୁ ଅସ୍ତ୍ରକରି ଭାରତ ବିରୁଦ୍ଧରେ ଆତଙ୍କ ଯୁଦ୍ଧକୁ ନୂଆ ଆୟାମ ଦେବାକୁ ଚାହୁଁଛି । ପାକିସ୍ତାନ ଏହି ଉପାୟରେ ବଙ୍ଗଳାଦେଶ, ମିଆଁମାର ଓ ଥାଇଲାଣ୍ଡରେ ନୂଆ ଆତଙ୍କବାଦୀ ସଂଗଠନ ସୃଷ୍ଟି କରିବାକୁ ଚାହୁଁଛି । ଆଇଏସ୍ଆଇ ରୋହିଙ୍ଗ୍ୟା ଜେହାଦୀଙ୍କୁ ହର କତ ଉଲ୍ ଜିହାଦ ଇସଲାମ ଆରକନ୍ ସାହାଯ୍ୟରେ ଟ୍ରେନିଂ ଦେଉଛି । ଏହି ସଂଗଠନର ନେତା ମୌଲାନା ଅବଦୁଲ କୁଦୁସ ଏବେ ପାକିସ୍ତାନରେ ରହୁଛି । ଏହି ସଂଗଠନରେ ଏକ ହଜାରରୁ ଊର୍ଦ୍ଧ୍ୱ ଜିହାଦୀ ଅଛନ୍ତି । ଏହି ସଂଗଠନ ଦ୍ୱାରା ହାଫିଜ ସଇଦ ଭାରତର ବିଭିନ୍ନ ସ୍ଥାନରେ ଆତଙ୍କ ସୃଷ୍ଟି କରିବାକୁ ଚାହୁଁଛି । ଏହା ହେଉଛି ପାକିସ୍ତାନର ପ୍ଲାନ ଆତଙ୍କବାଦୀ ଅତିଥି ।

କ'ଣ ଏସବୁ ଜାଣିଲା ପରେ ଆମେ ରୋହିଙ୍ଗ୍ୟା ମୁସଲମାନଙ୍କୁ ଭାରତରେ ରହିବା ପାଇଁ କହିବା କି ? ରୋହିଙ୍ଗ୍ୟା ମୁସଲମାନଙ୍କ ଯୋଗୁଁ ଦେଶର ଭୌଗୋଳିକ ପରିସ୍ଥିତିରେ କିଛି ପରିବର୍ତ୍ତନ ହେବନାହିଁ ତ' ? ମିଆଁମାର ନିଜ ଲୋକଙ୍କୁ ନିଜର ମାନୁନାହିଁ ତେବେ ଭାରତ କାହିଁକି ଏମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦେଇ ଅତିଥି କରିବ ବୋଲି ଏବେ ପ୍ରଶ୍ନ ଉଠୁଛି ? ମୁସଲମାନଙ୍କୁ ନେଇ ଭୋଟ ବ୍ୟାଙ୍କ ସୃଷ୍ଟି କରୁଥିବା ରାଜନୈତିକ ଦଳମାନଙ୍କର ସଂଖ୍ୟାଲଘୁ ତୁଷ୍ଟିକରଣ ନୀତି ରୋହିଙ୍ଗ୍ୟାମାନଙ୍କୁ ଭାରତରେ ଅତିଥି ହେବାକୁ କହୁଛନ୍ତି ନା ଆଉ କିଛି ?

କିଛି ରାଜନୈତିକ ନେତା, ମାନବାଧିକାର କର୍ମୀ କହୁଛନ୍ତି ଭାରତରେ ମୁସଲମାନଙ୍କ ଉପରେ ଅତ୍ୟାଚାର ବଢିଚାଲିଛି । ସେଥିପାଇଁ ଏହି ଅନୁପ୍ରବେଶକାରୀ ରୋହିଙ୍ଗ୍ୟା ମୁସଲମାନମାନେ ଭାରତରୁ କୌଣସି ମୁସଲମାନ ଦେଶକୁ ଚାଲି ଯିବା ଉଚିତ । ମୁସଲମାନ ଦେଶରେ ସୁରକ୍ଷିତ ଭାବରେ ରହିପାରିବେ । ଏହା ନକରି କାହିଁକି ଭାରତରେ ରହିବା ପାଇଁ ପସନ୍ଦ କରୁଛନ୍ତି ? ନା ଯୋଜନାବଦ୍ଧ ଭାବେ ସେମାନଙ୍କୁ ଭାରତକୁ ପଠାଯାଉଛି ? ସେମାନେ ନିଜ ଦେଶର ସୀମାବର୍ତ୍ତୀ ଅଞ୍ଚଳରେ ନରହି କାହିଁକି ଜାମ୍ମୁ-କାଶ୍ମୀରରେ ରହିବାକୁ ଚାହୁଁଛନ୍ତି ?

ପଶ୍ଚିମବଙ୍ଗର ମୁଖ୍ୟମନ୍ତ୍ରୀ ଟୁଇଟ୍ କରି ରୋହିଙ୍ଗ୍ୟାଙ୍କ ସପକ୍ଷରେ ଅଛନ୍ତି ବୋଲି କହି କହିଛନ୍ତି ଯେ ସବୁ ରୋହିଙ୍ଗ୍ୟା ମୁସଲମାନ ଆତଙ୍କବଦୀ ନୁହଁନ୍ତି । କିନ୍ତୁ ଏବେ ପ୍ରଶ୍ନ ଉଠୁଛି ସମସ୍ତ ରୋହିଙ୍ଗ୍ୟା ମୁସଲମାନ ଆତଙ୍କବାଦୀ ନୁହଁନ୍ତି ତେବେ କିଛିତ ଆତଙ୍କବାଦୀ । ଏହାର ଗ୍ୟାରେଣ୍ଟି କିଏ ଦେବ ଭାରତରେ ରହୁଥିବା ରୋହିଙ୍ଗ୍ୟାଙ୍କ ମଧ୍ୟରେ କେହି ମଧ୍ୟ ଆତଙ୍କବାଦୀ ନାହାଁନ୍ତି । ଯେଉଁ ରୋହିଙ୍ଗ୍ୟା ମୁସଲମାନ ମିଆଁମାରରେ ଉତ୍ପାତ କରିବା ସହିତ ଆତଙ୍କ ବାଦୀ ସଂଗଠନ କରିଛନ୍ତି ସେମାନେ ଭାରତରେ ଏପରି କରିବେ ନାହିଁତ ? କ'ଣ ପାଇଁ ରୋହିଙ୍ଗ୍ୟା ମୁସଲମାନମାନଙ୍କ ପାଇଁ ରାଜନୈତିକ ସଂରକ୍ଷଣ ଦାବୀ ହେଉଛି ? ଯେଉଁମାନେ ରୋହିଙ୍ଗ୍ୟା ମୁସଲମାନ ନାଁରେ ରାଜନୀତି କରୁଛନ୍ତି ସେମାନେ ତଥ୍ୟ ଜାଣିକରି ନିଷ୍ପତ୍ତି ନିଅନ୍ତୁ । ସେମାନେ କ'ଣ ଆତଙ୍କବାଦୀଙ୍କୁ ନିଜ ପଡୋଶୀ କରିବେ ? ପାକିସ୍ତାନ ତିଆରି କରିଛି ଆତଙ୍କବାଦୀ ଅତିଥି । ସେମାନେ ଭାରତକୁ ଧର୍ମଶାଳା କରି ଆତଙ୍କ ବିସ୍ତାର କରିବେ । ଅତିଥି ନାମରେ ଆତଙ୍କବାଦର ପ୍ରବେଶ ହୋଇସାରିଛି । ଏହା ହେଉଛି ପାକିସ୍ତାନ ପ୍ରସ୍ତୁତି ନୂଆ ଷଡଯନ୍ତ୍ର । ଯେଉଁମାନେ ରୋହିଙ୍ଗ୍ୟା ମୁସଲମାନଙ୍କୁ ଅତିଥି ବୋଲି କହି ସେମାନଙ୍କ ପାଇଁ କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି ସେମାନେ କାହିଁକି ଦିଲ୍ଲୀର ଫୁଟପାଥରେ ପଡିରହିଥିବା କାଶ୍ମୀର ପଣ୍ଡିତମାନଙ୍କ ପାଇଁ ଟିକିଏ ହେଲେ ଦରଦ ଦେଖାଇନାହାଁନ୍ତି ? ଶରଣାର୍ଥି ଭାବେ ରହିଥିବା ଏହି କାଶ୍ମୀର ପଣ୍ଡିତମାନଙ୍କୁ ତାଙ୍କ ଅଞ୍ଚଳକୁ ଫେରାଇ ଦେବା ପାଇଁ ତଥା ସେମାନଙ୍କ ସୁଖଦୁଃଖରେ କେବେହେଲେ ପଦୁଟିଏ କହିନାହିଁନ୍ତି କାହିଁକି ?

**ଗୋଲଖି ଚନ୍ଦ୍ର ଦାସ**
*ଘିଁଗିଆ, ବାରୁଅ, କେନ୍ଦ୍ରାପଡା, ମୋ-୯୮୬୧୦୨୮୫୩*

# ମିଥୁନ ଓ ରାହୁଲଙ୍କୁ ବୈଦାଖିଆ ଆଶ୍ରମ ବିଦ୍ୟାଳୟରେ ଶିକ୍ଷାଦାନ ପାଇଁ ଛାଡ଼ିଲା ଶିକ୍ଷା ବିଭାଗ

କେନ୍ଦୁଝର(ପିଏନ୍): କେନ୍ଦୁଝର ଜିଲା ହାଟଡିହି ବ୍ଲକ ବାଲିବରେଇ ପଂଚାୟତର ବୀଣାପାଟିଆ ସାହିର ଦୁଇ ଅସହାୟ ଛାତ୍ର ମିଥୁନ ମୁର୍ମୁ ଓ ରାହୁଲ ମୁର୍ମୁ ଦୁଇ ଭାଇଙ୍କୁ ଶିକ୍ଷା ବିଭାଗ ଶିକ୍ଷାଦାନ ପାଇଁ ବୈଦାଖିଆ ଆଶ୍ରମରେ ଛାଡ଼ିଛି । ଖବରରୁ ଜଣାଯାଇଛି ରବି ମୁର୍ମୁ ଓ ତାଙ୍କ ସ୍ତ୍ରୀ ଚମ୍ପା । ତାଙ୍କର ଦୁଇ ଝିଅ ଓ ଦୁଇ ପୁଅ । ରବି ଏକ ହତ୍ୟା ମାମଲାରେ ୮ ବର୍ଷ ହେଲା ଜେଲରେ ରହିଛି । ତାର ସ୍ତ୍ରୀ ଛୁଆଙ୍କୁ ଭରଣ ପୋଷଣ କରିନପାରି କେଉଁଆଡ଼େ ପଳାଇଯାଇଛି ସେ ଆଉ ଘରକୁ ଫେରିଲେ ନାହିଁ । ଏଭଳି ପରିସ୍ଥିତିରେ ଯେଉଁ ଘରେ ରହୁଥିଲେ ସେ ଘରକୁ ରକ୍ଷଣାବେକ୍ଷଣ କରିବା କଷ୍ଟକର ହେବା ପରେ ଖାଇପିଇ ବଂଚିବା ପାଇଁ ସଂଘର୍ଷ କରିଥିଲେ । ତାର ବଡ଼ ଝିଅ ସରିତା ଦଶମ ଶ୍ରେଣୀର ଛାତ୍ରୀ । ମଝିଆଁ ଝିଅ ସୀତା ପଂଚମରୁ ପାଠ ଛାଡ଼ି ପରଘରେ କାମ କରି ଭାଇଭଉଣୀଙ୍କ ପାଇଁ ଦାନା ଯୋଗାଡ଼ କରୁଛନ୍ତି । ଦୁଇପୁଅ ମିଥୁନ ଓ ରାହୁଲ ଯଥାକ୍ରମେ ଷଷ୍ଠ ଓ ତୃତୀୟ ଶ୍ରେଣୀରେ ପଢୁଛନ୍ତି । ଘରର ପରିସ୍ଥିତି ନେଇ ସେ ମଧ୍ୟ ବିଦ୍ୟାଳୟକୁ ନଯାଇ ପାଠ ଛାଡ଼ିଦେଇଥିଲେ । ୩୦ କେଜି ଚାଉଳରେ ୪ ଭାଇଭଉଣୀ ମାସ ସାରା ଚଳୁଥିବା ବେଳେ ଦାଦା ନିମ୍ବାଇ ମୁର୍ମୁ ମଝିରେ ମଝିରେ ସାହାଯ୍ୟ ସହଯୋଗ କରୁଥିଲେ । ଏଭଳି ଅସହାୟ ପରିବାର ଓ ଦୁଇ ଛାତ୍ର ଶିକ୍ଷାଦାନ ପାଇଁ ଛାଡ଼ିଥିବା ପ୍ରଶାସନ ଦୃଷ୍ଟିକୁ ଅଣାଯାଇଥିଲା । ଏହାକୁ ନେଇ ଜିଲା ପ୍ରଶାସନ ତତ୍ପର ହେବା ପରେ ଜିଲା ଶିକ୍ଷା ଅଧିକାରୀ କପିଳେନ୍ଦ୍ର ମିଶ୍ରଙ୍କ ନିର୍ଦ୍ଦେଶକ୍ରମେ ବିଆରସିସି ବିନୋଦ କୁମାର ରାଉତ, ଏବିଇଓ ସୁରଥ କୁମାର ସାହୁ ସେମାନଙ୍କ ଘରେ ପହଂଚିଥିଲେ । ଦୁଇଭାଇ ମିଥୁନ ଓ ରାହୁଲଙ୍କୁ ବିନା ପଇସାରେ ଖାଇ ପିଇ ରହିବା ସହ ଶିକ୍ଷାଦାନ କରିବାକୁ କହିଥିଲେ । ଏଥିରେ ଦୁଇ ଭାଇ ମିଥୁନ ଓ ରାହୁଲ ରାଜି ହେବାରୁ ତାଙ୍କୁ ବୈଦାଖିଆ ସେବାଶ୍ରମରେ ଛାଡ଼ିଥିଲେ । ଯାହା ଫଳରେ ବାଟବଣା ହୋଇପଡ଼ିଥିବା ଦୁଇ କୋମଳମତି ଛାତ୍ର ସେମାନଙ୍କ ଭବିଷ୍ୟତ ତୋଳିବା ପାଇଁ ଏକ ସାହାରା ପାଇଥିବାରୁ ପ୍ରଶାସନର ଏଭଳି ପଦକ୍ଷେପକୁ ବୁଦ୍ଧିଜୀବୀ ମହଲରେ ସ୍ୱାଗତ କରାଯାଇଥିଲା । ସେମାନେ ଏଠାରେ ଛାତ୍ରାବାସରେ ରହି ପାଠ ପଢ଼ିବେ । ଏହାକୁ ନେଇ ଜିଲା ପରିଷଦ ସଦସ୍ୟା ଟିକି କିସ୍କୁ ପ୍ରଶାସନକୁ ଶୁଭେଚ୍ଛା ଓ କୃତଜ୍ଞତା ଜଣାଇଛନ୍ତି । ଘରଟି ଭାଙ୍ଗିଯାଇ ଥିବାରୁ ନୂତନ ପକ୍କାଗୃହ ଯୋଗାଇ ଦେବାକୁ ଗ୍ରାମବାସୀମାନେ ଦାବୀ କରିଛନ୍ତି ।

# ପ୍ରଖ୍ୟାତ ପ୍ରକାଶକ ସମ୍ପାଦକ ସନି ମେହେଟ୍ଟାଙ୍କୁ ଶ୍ରଦ୍ଧାଞ୍ଜଳି





ବିଶ୍ୱବିଖ୍ୟାତ ସୃଜନଶୀଳ ଗଣମାଧ୍ୟମ ବ୍ୟକ୍ତିତ୍ୱ ବିଶେଷକରି ପ୍ରକାଶନ ଓ ସମ୍ପାଦନାରେ ସୁନାମ ପ୍ରାପ୍ତ ସନି ମେହେଟ୍ଟାଙ୍କର ସତୋସ୍ତରୀ ବର୍ଷ ବୟସରେ ପରଲୋକ ହୋଇଛି । ସ୍ୱାଧୀନ ଭାରତର ପ୍ରଥମ କୁଟନୀତିଜ୍ଞ ଆମରିକ୍ ସିଂହ ମେହେଟ୍ଟାଙ୍କ ପୁଅ ସନି ମେହେଟ୍ଟାଙ୍କ ପରିବାର ପ୍ରଦତ୍ତ ନାମ ହେଉଛି ଅଜୟ ସିଂହ ମେହେଟ୍ଟା । ୧୯୪୨ ମସିହାରେ ଜନ୍ମିତ ଏହି ବିଶିଷ୍ଟ ବ୍ୟକ୍ତିତ୍ୱ ତାଙ୍କ ବାଲ୍ୟପାଠପଢ଼ା ବିଦେଶରେ ସମାପନ କରିଥିଲେ । ତାଙ୍କ ବାପା ଭାରତର କୂଟନୀତିଜ୍ଞ ହୋଇଥିବାରୁ ତାଙ୍କ ବୃତ୍ତିଗତ କ୍ଷେତ୍ର ନ୍ୟୁୟର୍କ, ଜେନେଭା, ନେପାଳ ଓ ପ୍ରେଗ୍ ଥିଲା ଏହି ସବୁ ସ୍ଥାନରେ ହିଁ ପାଠପଢ଼ା ଶେଷ କରିଥିଲେ ସନି ମେହେଟ୍ଟା । ନାମଜାଦା ଲରେନ୍ସ ସ୍କୁଲ ବ୍ରିଟେନର ଏହି ବିଶ୍ୱବିଖ୍ୟାତ ବିଦ୍ୟାଳୟରୁ ପଢ଼ା ଶେଷ ପରେ କେମ୍ବ୍ରିଜ ବିଶ୍ୱବିଦ୍ୟାଳୟରୁ ଇଂରାଜୀ ଓ ଇତିହାସ ସାହିତ୍ୟରେ ଦୁଇଟି ସ୍ନାତକ ଡିଗ୍ରୀ ପ୍ରାପ୍ତ ହୋଇଥିଲେ । ୧୯୬୫ ମସିହାରେ ସ୍ୱର୍ଗତଃ ସନି ମେହେଟ୍ଟା ତାଙ୍କ ପୁସ୍ତକ ପ୍ରକାଶନର ବୃତ୍ତିଗତ କ୍ଷେତ୍ର ଲଣ୍ଡନରୁ ଆରମ୍ଭ କରିଥିଲେ । ୧୯୮୭ରେ ନ୍ୟୁୟର୍କ ଯାଇଥିବାବେଳେ ସେହିବର୍ଷ ହିଁ ବିଖ୍ୟାତ ପ୍ରକାଶନ ସଂସ୍ଥା ଆଲ୍‌ଫ୍ରେଡ଼ ଏ ନଫ୍ ଡବଲଡେ ପବ୍ଲିକେଶନର ମୁଖ୍ୟ ସମ୍ପାଦକ ଓ ଅଧ୍ୟକ୍ଷ ଥିଲେ । ତାଙ୍କ ସାରସ୍ୱତ୍ତ ସାହିତ୍ୟ ପ୍ରତି ଆଗ୍ରହ, ସମ୍ପାଦନା ଓ ପ୍ରକାଶନ ପାଇଁ ଅନେକ ସମ୍ମାନ ମିଳିଥିବାବେଳେ ଲଣ୍ଡନ, ଆମେରିକା ଓ ଭାରତରେ ମଧ୍ୟ ପ୍ରକାଶନ ନିମିତ୍ତ ଲାଇଫ୍ ଟାଇମ ଆଚିଭମେଣ୍ଟ ଆୱାର୍ଡ଼ ମିଳିଛି । ସମ୍ମାନନୀୟ ଡକ୍ଟରେଟ ଉପାଧି ସେ ବାର୍ଡ କଲେଜ ପକ୍ଷରୁ ପାଇଛନ୍ତି । ଅନେକ ହୁଏତ ଜାଣିନଥିବେ ଭାନିଟି ଫେୟାର୍ସ ବେଷ୍ଟ ଡ୍ରେସଡ୍ ମ୍ୟାନର ଅନ୍ତର୍ଜାତୀୟ ତାଲିକାରେ ହଲ୍ ଅଫ୍ ଫେମ୍‌ରେ ବି ସନି ସ୍ଥାନ ପାଇଥିଲେ । ବିଖ୍ୟାତ ଇଂରାଜୀ ଲେଖକ ଜ୍ୟାକି କୋଲିନ୍ସ ଏବଂ ଡୁଗଲାସ୍ ଆଦମ୍ସ ଲେଖାକୁ ୧୯୭୨ ମସିହାରେ ପ୍ରକାଶିତ କରି ସ୍ୱର୍ଗତ ମେହେଟ୍ଟା ପାଶ୍ଚାତ୍ୟ ଜଗତରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିଲେ । ଯାହାକି କେବଳ ବିଦେଶରେ ନୁହେଁ ଭାରତର ବିଭିନ୍ନ ପ୍ରାନ୍ତୀୟ ଭାଷାରେ ମଧ୍ୟ ପରବର୍ତ୍ତୀ ସମୟରେ ଅନୁବାଦିତ ହୋଇ ପ୍ରଚୁର ପାଠକୀୟ ଆଦୃତି ଲାଭ କରିଥିଲା । ସେହିପରି ତାଙ୍କ ପ୍ରକାଶନ ସଂସ୍ଥା ଦ୍ୱାରା ପ୍ରକାଶିତ ସଲମାନ୍ ରୁସଦି, ଇୟାନ୍ ମିକ୍‌ୱାନ୍, ଏଡମଣ୍ଡ ହ୍ୱାଇଟ୍, ଜୁଲିୟାନ୍ ବାର୍ନେସ୍ ଓ ଗ୍ରାହାମ୍ ସ୍ୱିଫ୍ଟଙ୍କ ବହି ବୁକର ପୁରସ୍କାରରେ ସମ୍ମାନିତ ହୋଇଥିଲା । ସ୍ୱର୍ଗତ ସନି ମେହେଟ୍ଟାଙ୍କ ଦ୍ୱାରା ପ୍ରକାଶିତ ଛଅଟି ପୁସ୍ତକ ନୋବେଲ ପୁରସ୍କାର ପାଇଛି । ସ୍ୱର୍ଗତ ସନି ମେହେଟ୍ଟା ଆମେରିକାର ପୂର୍ବତନ ରାଷ୍ଟ୍ରପତି ଜର୍ଜ୍.ଏଚ୍.ଡବ୍ଲ୍ୟୁ ବୁଶ୍ ଓ ବିଲ୍ କ୍ଲିଣ୍ଟନ, ପୂର୍ବତନ ବ୍ରିଟିସ ପ୍ରଧାନମନ୍ତ୍ରୀ ମାର୍ଗାରେଟ୍ ଥ୍ୟାଚର୍ ଓ ଟୋନି ବ୍ଲେୟାରଙ୍କ ଲେଖା ପ୍ରକାଶ କରିଛନ୍ତି । ଏହା ସହିତ ପୂର୍ବତନ ପୋପ୍ ଜନ ପଲଙ୍କ ଲେଖା ପ୍ରକାଶ କରିବାର ମଧ୍ୟ ସେ ସୌଭାଗ୍ୟ ଅର୍ଜନ କରିଥିଲେ । ସନି ମେହେଟ୍ଟାଙ୍କ ସମ୍ପାଦିତ ଅନେକ ପୁସ୍ତକ ବହୁ ଆଗ୍ରହୀ ପାଠକ ସୃଷ୍ଟି କରିବାରେ ସକ୍ଷମ ହୋଇଥିଲା । ଜଣେ ସମ୍ପାଦକ ଭାବେ ତାଙ୍କର ଅଗାଦ ପାଣ୍ଡିତ୍ୟ ଭରିରହିଥିଲା । ପରିଚିତ ମହଲରେ ଜଣେ ସରଳ, ଅମାୟିକ ଓ ଅତ୍ୟନ୍ତ ଭଦ୍ରବ୍ୟକ୍ତି ସେ ଥିଲେ । ଅକ୍ସଫର୍ଡ ବିଶ୍ୱବିଦ୍ୟାଳୟରେ ସେ ଅଧ୍ୟୟନରତ ଥିବାବେଳେ ଓଡ଼ିଶାର କିମ୍ବଦନ୍ତୀ ରାଜନେତା ବିଶିଷ୍ଟ ଜନନାୟକ ସ୍ୱର୍ଗତଃ ବିଜୁ ପଟ୍ଟନାୟକଙ୍କ ଝିଅ ଗୀତା ମେହେଟ୍ଟାଙ୍କ ସହ ତାଙ୍କର ସାକ୍ଷାତ ହୋଇଥିଲା । ପରେ ପାରିବାରିକ ସ୍ୱୀକୃତିକ୍ରମେ ଉଭୟ ବିବାହ କରିଥିଲେ । ଗୀତା ମେହେଟ୍ଟା ମଧ୍ୟ ଜଣେ ବିଶିଷ୍ଟ ଲେଖିକା ଓ ପ୍ରାମାଣିକ ଚଳଚ୍ଚିତ୍ରର ପ୍ରଯୋଜିକା ମଧ୍ୟ । ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଭିଣୋଇ ସନି ମେହେଟ୍ଟା ଅନେକଥର ଓଡ଼ିଶା ଆସିଛନ୍ତି । ଓଡ଼ିଶାର କଳା ଓ ସଂସ୍କୃତି ଉପରେ ତାଙ୍କର ଅତ୍ୟନ୍ତ ଆଗ୍ରହ ରହିଥିଲା । ଅନେକ ଓଡ଼ିଆ ପୁସ୍ତକ ମଧ୍ୟ ତାଙ୍କ ବିଶାଳ ପାଠାଗାରରେ ସ୍ଥାନ ପାଇଛି । ସନି ମେହେଟ୍ଟାଙ୍କ ପରଲୋକ ପରେ ଅନେକ ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ଗଣମାଧ୍ୟମ ତାଙ୍କ ସୃଜନ ସାହିତ୍ୟ ସାଧନ କ୍ଷେତ୍ରର ବିଭିନ୍ନ ଦିଗ ଉପରେ ଆଲୋକପାତ କରି ତାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି । ପ୍ରାଚ୍ୟ ଓ ପାଶ୍ଚାତ୍ୟରେ ତାଙ୍କ ସମ୍ପାଦନା ଓ ପ୍ରକାଶନ ଯେଉଁ ବିପୁଳ ପାଠକ ସୃଷ୍ଟି କରିପାରିଛି ସେପରି ବିରଳ କୃତୀତ୍ୱ କ୍ୱଚିତ୍ ବ୍ୟକ୍ତିଙ୍କ କ୍ଷେତ୍ରରେ ଦେଖିବାକୁ ମିଳିଥାଏ । ସେପରି ସୌଭାଗ୍ୟର ଅଧିକାରୀ ଥିଲେ ଏହି କିମ୍ବଦନ୍ତୀ ସମ୍ପାଦକ ଓ ପ୍ରକାଶକ ସନି ମେହେଟ୍ଟା । ପୁସ୍ତକ ସାହିତ୍ୟ କ୍ଷେତ୍ରରେ ପରିଚିତି ନଥାଇ ବି ନୂଆ ନୂଆ ଲେଖୁଥିବା ଉଦୀୟମାନ ଲେଖକୀୟ ପ୍ରତିଭାଙ୍କୁ ସେ ପ୍ରୋତ୍ସାହନ ଦେବା ସହ ସେମାନଙ୍କ ପୁସ୍ତକକୁ ମଧ୍ୟ ସମ୍ପାଦନ ଓ ପ୍ରକାଶନ କରିଛନ୍ତି । କ୍ଷତି ସହି ମଧ୍ୟ ଅନେକ ଯୁବ ସାହିତ୍ୟ ବ୍ୟକ୍ତିତ୍ୱଙ୍କୁ ସେ ସାହାଯ୍ୟ କରିଛନ୍ତି । ଏପରି ଜଣେ ବିଦ୍ୱାନ, ପରୋପକାରୀ ବନ୍ଧୁ, ବିନମ୍ର ବ୍ୟକ୍ତିତ୍ୱର ଉଜ୍ଜ୍ୱଳ ଜ୍ୟୋତିଷ୍କ କୁହାଯାଉଥିବା ସମ୍ପାଦକ ଓ ପ୍ରକାଶକଙ୍କ ବ୍ୟକ୍ତିତ୍ୱ ପ୍ରତି ଆମେ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛୁ ।

**ଶେଖ୍ ଫରିଦ୍‌ଉଦ୍ଦିନ୍**, ମଧୁପୁର, କୁଆଁପାଳ, କଟକ, ଦୂରଭାଷ: ୯୪୩୭୦୦୪୮୮୮

# ଓଡ଼ିଆଙ୍କ ପୁରୁଷାର୍ଥର ପ୍ରମାଣ ପାଲଟଣା ବୋଇତ

ବାଲେଶ୍ୱର (ପିଏନ୍): ଚାନ୍ଦିପୁର ମୋତେ ରୋମାଂଚିତ କରେ । ଯେବେ ବି ଚାନ୍ଦିପୁର ଆସେ, ମନେପଡ଼େ ସାଧବଙ୍କ କଥା । ଯେବେ ଇଂରେଜମାନେ କାଗଜଡଂଗା ତିଆରି କରିବା ଶିଖି ନଥିବେ, ସେବେ ଓଡ଼ିଆ ସାଧବ ପୁଅ ପାଲଟଣା ବୋଇତ ନେଇ ସାତ ସମୁଦ୍ର ପାରି କରି ବେପାର ବଣିଜ କରିବାକୁ ବିଦେଶ ଯାଉଥିଲା । ଓଡ଼ିଆଙ୍କ ପୁରୁଷାର୍ଥର ପ୍ରମାଣ ହେଉଛି ପାଲଟଣା ବୋଇତ । ଆଜି ସେହି ଓଡ଼ିଆ ଜାତି ହୀନମନ୍ୟତାର ଶିକାର ହୋଇଛି । ବୀର ଓଡ଼ିଆଙ୍କ ବୀରତ୍ୱର ଗାଥାକୁ ସ୍ମରଣ କରି ଚାନ୍ଦିପୁରରେ ପ୍ରତିଷ୍ଠିତ ଏବର କ୍ଷେପଣାସ୍ତ୍ର ପରୀକ୍ଷଣ କେନ୍ଦ୍ର ମଧ୍ୟ ଆମର ଗର୍ବ ଓ ଗୌରବ ବହନ କରୁଛି । ଚାନ୍ଦିପୁର ଏକ ଶକ୍ତିର ସଂକେତ । ଭାରତୀୟ ବିଜ୍ଞାନର ପ୍ରତିଭୂତ କେନ୍ଦ୍ର ହେଉଛି ଚାନ୍ଦିପୁର । ଆଗାମୀ ଦିନରେ ଏଠାରେ ପିଲାଙ୍କ ଶିକ୍ଷା ପାଇଁ ଏକ ବିଜ୍ଞାନ ପ୍ରଶିକ୍ଷଣ କେନ୍ଦ୍ର ଆରମ୍ଭ ପାଇଁ ପ୍ରସ୍ତାବ ଦେଇଛି । କେବଳ ମନୋରଜଂନ ନୁହେଁ, ଅର୍ଥନୈତିକ ଅଭିବୃଦ୍ଧି ପାଇଁ ଚାନ୍ଦିପୁରଠାରେ ୧୦ କୋଟି ଟଙ୍କାର ଏକ ମତ୍ସ୍ୟ ପ୍ରକଳ୍ପର ଶୁଭାରମ୍ଭ ହେବାକୁ ଯାଉଛି । ମନ୍ତ୍ରୀ ଏହି ଅବସରରେ କେନ୍ଦ୍ର ସରକାରଙ୍କ ସିଏଏ ଆଇନ ବିଷୟରେ ମଧ୍ୟ ଉଲ୍ଲେଖ କରିଥିଲେ । ଅନ୍ୟ ରାଜ୍ୟର ବେଳାଭୂମୀ ଏତେ ବିକଶିତ ହୋଇଥିଲାବେଳେ ବାଲେଶ୍ୱରର ଡଗରା, ତାଳସାରୀ ଓ ଚାନ୍ଦିପୁର ବିକାଶ ହୋଇ ନପାରିବା ପାଇଁ କ୍ଷୋଭ ପ୍ରକାଶ କରିଥିଲେ । ଯାହାଫଳରେ ପର୍ଯ୍ୟଟକ ବଦଳରେ ଆତଙ୍କବାଦୀଙ୍କ ଚାରଣଭୂମି ପାଲଟୁଛି ଆମ ବେଳାଭୂମି ବୋଲି କେନ୍ଦ୍ର ମତ୍ସ୍ୟ, ପଶୁ ସଂପଦ ଓ ଅଣୁ, କ୍ଷୁଦ୍ର ଏବଂ ମଧ୍ୟମ ଶିଳ୍ପ ମନ୍ତ୍ରୀ ତଥା ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ବକ୍ତବ୍ୟରେ କହିଥିଲେ । ମୁଖ୍ୟବକ୍ତା ଭାବେ ଯୋଗଦେଇ ନୀଳଗିରି ବିଧାୟକ ସୁକାନ୍ତ କୁମାର ନାୟକ କହିଥିଲେ କି ଆମ ଜିଲ୍ଲାକୁ ଋଦ୍ଧିମନ୍ତ କରିଛି ଦୀନକୃଷ୍ଣଙ୍କ ରସକଲ୍ଲୋଳ, ରାଧାନାଥ ଓ ଫକୀରମୋହନଙ୍କ ରେବତୀ ଆମ ସାହିତ୍ୟକୁ ଅଧିକ ରୁଚିଶୀଳ କରିଛି । ଆମ ଜିଲ୍ଲାର ଉତ୍ତର ପାର୍ଶ୍ୱରେ ତାଳାସାରୀର ବାବା ଚନ୍ଦନେଶ୍ୱର, ଦକ୍ଷିଣରେ ମା' ଭଦ୍ରାକାଳୀ, ପଶ୍ଚିମରେ ଦେବଗିରି ପାହାଡ଼ରେ ବାବା ପଂଚଲିଂଗେଶ୍ୱର ଓ ପୂର୍ବରେ ବଂଗୋପସାଗର ଆମ ଜିଲ୍ଲାର ଗୌରବ ବହନ କରୁଛି । ଅନ୍ୟତମ ଅତିଥିଭାବେ ଯୋଗଦେଇ ବାଲେଶ୍ୱରର ଅତିରିକ୍ତ ଜିଲ୍ଲାପାଳ ସମ୍ବିତ କୁମାର ନାୟକ କ୍ଷୁଦ୍ର ଗଳ୍ପ ମାଧ୍ୟମରେ ଆମ ଚଳନ୍ତି ଜନଜୀବନର ପରମ୍ପରାକୁ ବହନ କରି ଏଭଳି ମହୋତ୍ସବ ଜାରି ରହୁ ବୋଲି ମତ ପ୍ରକାଶ କରିଥିଲେ । ବିଶିଷ୍ଟ ଯାତ୍ରା କଳାକାର ସଂଜୟ ଭୋଳଙ୍କୁ ସମ୍ବର୍ଦ୍ଧନା ଅବସରରେ ସେ ତାଙ୍କର ପାରମ୍ପରିକ ଯାତ୍ରା ସଂଳାପ ମାଧ୍ୟମରେ ଉପସ୍ଥିତ ଦର୍ଶକଙ୍କୁ ମୁଗ୍ଧ କରିଥିଲେ । ବାଲେଶ୍ୱରର ପୂର୍ବତନ ବିଧାୟକ ତଥା ମହୋତ୍ସବ କମିଟିର ସଭାପତି ଜୀବନ ପ୍ରଦୀପ ଦାଶ ତୃତୀୟ ସଂଧ୍ୟାର କଥା ଉତ୍ସବରେ ସଭାପତିତ୍ୱ କରି କହିଥିଲେ କି ଚାନ୍ଦିପୁର ବେଳାଭୂମି ପାଇଁ କେବଳ ସରକାର କି ପ୍ରଶାସନ ନୁହେଁ ଚାନ୍ଦିପୁର ଅଂଚଳର ଜନସାଧାରଣଙ୍କର ଅଧିକରୁ ଅଧିକ ସହଯୋଗ ରହିଲେ ଏହା ବିଶ୍ୱସ୍ତରରେ ପ୍ରଚାର ଓ ପ୍ରସାର ହେବାରେ ସଫଳ ହୋଇପାରନ୍ତା । ମହୋତ୍ସବ କମିଟିର ସାଧାରଣ ସଂପାଦକ ବରିଷ୍ଠ ଆଡ଼ଭୋକେଟ୍ ହରେକୃଷ୍ଣ ଦାଶ କହିଥିଲେ କି ବାଲେଶ୍ୱର ଓଡ଼ିଶାର ଏକ ଅଗ୍ରଣୀ ଜିଲ୍ଲା ଅଟେ । ଏହାର ଗୋଟିଏ ପାର୍ଶ୍ୱରେ ପଶ୍ଚିମବଂଗର ସଂସ୍କୃତିର ବାସ୍ନା ବାରିହୋଇ ପଡୁଥିବାବେଳେ ଅନ୍ୟପଟରେ ବିସ୍ତୃତ ବେଳାଭୂମି, ପୁଣି ବହୁ ମହିମାମଣ୍ଡିତ ବ୍ୟକ୍ତିତ୍ୱଙ୍କୁ ଜନ୍ମ ଦେଇ ଏ ମାଟି ଓଡ଼ିଶାର ସ୍ୱାତନ୍ତ୍ର୍ୟ ଜାହିର କରିପାରିଛି । ସେ କେନ୍ଦ୍ରମନ୍ତ୍ରୀଙ୍କଠାରେ ଚାନ୍ଦିପୁର ବେଳାଭୂମି ମହୋତ୍ସବକୁ ଜାତୀୟ ସ୍ତରର ମାନ୍ୟତା ଦେବା ପାଇଁ ପ୍ରସ୍ତାବ ମଧ୍ୟ ରଖିଥିଲେ । ଉପସଭାପତି ତଥା ବରିଷ୍ଠ ସାମ୍ବାଦିକ ଏବଂ ଆମ ନ୍ୟୁଜ୍‌ର ନିର୍ଦ୍ଦେଶକ ବିପ୍ଲବ କୁମାର ମହାନ୍ତି ଅତିଥିଙ୍କୁ ମଂଚ ଆବାହନ କରିଥିଲେ । ମଂଚରେ କମିଟିର ସଂପାଦକ କିଶୋର ଦାସ, ସଂପାଦକ ସମରେନ୍ଦ୍ର ନାଥ ଦାସ, ଗଂଗାଧର ରାଉତ, ସ୍ଥାନୀୟ ସରପଂଚ ତପନ ଜେନା, ନିହାର ରଂଜନ ରାୟ ପ୍ରମୁଖ ଉପସ୍ଥିତ ଥିଲେ । ଶେଷରେ କମିଟିର ଅତିରିକ୍ତ ସାଧାରଣ ସଂପାଦକ ଭାବଗ୍ରାହୀ ମହାନ୍ତି ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ । ବିସିଇଟିର ନିର୍ଦ୍ଦେଶକ ଶ୍ରୀମାନ ଶ୍ରୀଚନ୍ଦନ ମହାନ୍ତି ସଂଧ୍ୟାରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଆଂଚଳିକ କଳାକାର କ୍ରିତିପ୍ରଭା ପୃଥାଲ, କଲ୍ୟାଣୀ ନାୟକ, ରୁଦ୍ର ପ୍ରତାପ ନାୟକ, ସାଇ ସୁକନ୍ୟା ସାହୁ, ପ୍ରିୟଙ୍କା ପ୍ରିୟଦର୍ଶିନୀ ପୃଥାଲ, ଏଲ ଆର ଡେନ୍ସ ଗ୍ରୁପ, ଗୋଲଡେନ ବାର୍ଡ଼ ଡେନ୍ସ ଗ୍ରୁପର ଆଦି ନୃତ୍ୟ ପରିବେଷଣ କରିଥିବାବେଳେ ବିକାଶ ସଂଗୀତ ପରିବେଷଣ କରିଥିଲେ । ଏହି ଉତ୍ସବ ପରିଚାଳନାରେ କମିଟିର ସଦସ୍ୟ ସତ୍ୟପ୍ରିୟ ମହାନ୍ତି, ଅପର୍ଣ୍ଣା ମହାପାତ୍ର, ଭାଗବତ ସାହୁ, ଗୌରାଂଗ ଦାସ ପ୍ରମୁଖ ସହଯୋଗ କରିଥିଲେ । ଶାନ୍ତିଶୃଂଖଳା ରକ୍ଷାକରିବା ପାଇଁ ସ୍ଥାନୀୟ ଚାନ୍ଦିପୁର ଥାନା ଅଧିକାରୀ ପ୍ରଭୁ କଲ୍ୟାଣ ଆଚାର୍ଯ୍ୟ ଉପସ୍ଥିତ ରହି ଶାନ୍ତିଶୃଂଖଳା ରକ୍ଷା କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ଏହାସହିତ ରାଜ୍ୟ ତଥା ରାଜ୍ୟ ବାହାରୁ ଆସିଥିବା କଳାକାରଙ୍କ ଦ୍ୱାରା କଥକ, ଘୁମରା ନୃତ୍ୟ ଆଦି ସାଂସ୍କୃତିକ କାର୍ଯ୍ୟକ୍ରମକୁ ଖୋଲାଆକାଶ ତଳେ ବିଳମ୍ବିତ ରାତି ଯାଏଁ ହଜାରହଜାର ଦର୍ଶକ ବେଶ୍ ଉପଭୋଗ କରୁଥିବାର ଦେଖିବାକୁ ମିଳିଥିଲା । ସୂଚନାଯୋଗ୍ୟ କି ୨୨ତମ ଚାନ୍ଦିପୁର ସୁବର୍ଣ୍ଣ ବେଳାଭୂମି ମହୋତ୍ସବ ଅବସରରେ ତୃତୀୟ ଦିନରେ କଟକର ସ୍ୱସ୍ତିକ ହସ୍ପିଟାଲ ସହଯୋଗରେ ଦିବସବ୍ୟାପୀ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଆୟୋଜିତ ହୋଇଥିଲା ।




# ବିଶପଙ୍କ ସାଇମନ ମେମୋରିଆଲ ଆନ୍ତଃସ୍କୁଲ-୨୦୨୦ କ୍ରୀଡା ପ୍ରତିଯୋଗୀତା ଉଦ୍‌ଯାପିତ

କେନ୍ଦୁଝର: ବାଲେଶ୍ୱର ଡାଏସସ ଅଧିନରେ ଥିବା ସମସ୍ତ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ବିସଫ ସାଇମନଙ୍କ ସ୍ମୃତିରେ କ୍ରୀଡା ପ୍ରତିଯୋଗୀତା-୨୦୨୦ କେନ୍ଦୁଝର ନିର୍ମଳା କନଭେଂଟ ରେ ଅନୁଷ୍ଠିତ ହୋଇଯାଇଛି । କେନ୍ଦୁଝର ଟାଉନହଲ ପଡିଆ ଅନୁଷ୍ଠିତ କ୍ରୀଡାରେ ବାଲେଶ୍ୱର ଜୋନ ଅଧିନରେ ଥିବା ୧୨ଟି ସ୍କୁଲ ଯୋଗ ଦେଇଥିଲେ । ଉଦ୍‌ଘାଟନୀ ଦିବସରେ ବାଲେଶ୍ୱର ଡାଏସିସର ପରିଚାଳକ ରେଭେରେଣ୍ଡ ଫାଦର ପୁଥେନାନଗଡି ଆଇଜାକଙ୍କ ସଭାପତିତ୍ୱରେ କେନ୍ଦୁଝର ଇନକମ ଟ୍ୟାକ୍ସ ଅଫିସର ମନ୍ମଥ କୁମାର ରାଉତ, ସମ୍ମାନୀତ ଅତିଥିଭାବେ କେନ୍ଦୁଝର ଜିଲ୍ଲା କ୍ରୀଡା ସଂସ୍ଥାର ସମ୍ପାଦକ ଜନାର୍ଦ୍ଦନ ଦାଶ, ବିସପ ସାଇମନ ମେମୋରିଆଲ ଆନ୍ତଃସ୍କୁଲର ସଂଯୋଜକ ରେଭେରେଣ୍ଡ ଫାଦର ଜୋସ ଆରାସେରିଲ ଯୋଗ ଦେଇ କ୍ରୀଡା ସମାରୋହକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରି ବିଦ୍ୟାଳୟ ସ୍ତରରେ କ୍ରୀଡା ପ୍ରତିଯୋଗିତା ପ୍ରତିଭା ଅନ୍ୱେଷଣ ସହିତ କ୍ରୀଡା ପ୍ରତିଭାର




ବିକାଶ କ୍ଷେତ୍ରରେ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିବ ବୋଲି କହିଥିଲେ । କ୍ରୀଡାବିତ୍‌ମାନେ ସ୍ଥିର ଲକ୍ଷ, କଠୋର ଅଧ୍ୟବସାୟ, ଦୃଢ ମନୋବଳ ଏବଂ ଆତ୍ମ ବିଶ୍ୱାସ ରହିଲେ ସେମାନେ ସଫଳତାର ଶୀର୍ଷକ ପାଲଟିବେ ବୋଲି ଅତିଥିଭାବେ ମତବ୍ୟକ୍ତ କରିଥିଲେ । ଏଥିରେ ଛାତ୍ରଛାତ୍ରୀମାନେ ପ୍ୟାରେଡ କରିବା ସହିତ ଦୌଡ, ଲମ୍ବଡିଆଁ, ଖୋଖୋ, ବ୍ୟାଡମିଂଟନ, ରିଲେ ରେସ ଆଦି ପ୍ରତିଯୋଗୀତା ଅନୁଷ୍ଠିତ ହୋଇଯାଇଛି । ଅପରାହ୍ନ ୫ଟାରେ ନିର୍ମଳା କନଭେଂଟ ସ୍କୁଲ ପରିସରରେ କୁଇଜ ମାଷ୍ଟର ଓମ ପ୍ରକାଶ ରଥଙ୍କ ତତ୍ତ୍ୱାବଧାନରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ କୁଇଜ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିଲା । ସଂନ୍ଧ୍ୟାରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା । ଉଦ୍‌ଯାପନୀ ସମାରୋହରେ ମୁଖ୍ୟ ଅତିଥିଭାବେ କେନ୍ଦୁଝର ଆରକ୍ଷୀ ଅଧିକ୍ଷକ ମିତ୍ରଭାନୁ ମହାପାତ୍ର ଯୋଗଦେଇ କ୍ରୀଡାବିତ୍‌ମାନଙ୍କୁ ଶୁଭେଚ୍ଛା ଜଣାଇ ଖେଳାଳୀମାନେ କ୍ରୀଡା କ୍ଷେତ୍ରରେ ସୁନାମ ବର୍ଦ୍ଧନ କରିବାକୁ ଆହ୍ୱାନ ଜଣାଇଥିଲେ । ଖେଳରେ ହାର୍‌ଜିତ୍ ବଡକଥା ନୁହେଁ, ଖେଳାଳି ମନୋଭାବ ନେଇ ଖେଳିବା ସହ କ୍ରୀଡାର ଗାରିମା ବଢାଇବାକୁ ସେ ପରାମର୍ଶ ଦେଇଥିଲେ । ଶେଷର ମୁଖ୍ୟ ଅତିଥି ବିଭିନ୍ନ ବର୍ଗରେ କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ । ଏଥିରେ ନିର୍ମଳା କନଭେଂଟ ସ୍କୁଲ ଦଳଗତ ଚମ୍ପିୟାନ ହୋଇଥିବାବେଳେ ଦ୍ୱିତୀୟ ସ୍ଥାନରେ ଯୁଗ୍ମଭାବେ ସେଂଟମେରୀ ସ୍କୁଲ, ବଡବିଲ ଓ ସେଂଟ ଟେରେସା ସ୍କୁଲ ଯୋଡା, ତୃତୀୟ ସ୍ଥାନରେ ଜ୍ୟୋତି କନଭେଂଟ ସ୍କୁଲ ଭଦ୍ରକ ରହିଥିଲା । ନିର୍ମଳା କନଭେଂଟ ସ୍କୁଲର ଅଧକ୍ଷା ସିଷ୍ଟର ଜସମେରିଆଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏବଂ ଅନ୍ୟ ସମସ୍ତ ଶିକ୍ଷକ/ଶିକ୍ଷୟିତ୍ରୀ, ଭଲ୍ୟୁଂଟରମାନଙ୍କ ସହଯୋଗରେ ସଫଳତାର ସହ କ୍ରୀଡା ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିଲା । ସଭାଶେଷରେ ଜ୍ୟୋତି କନଭେଂଟ ସ୍କୁଲ ଭଦ୍ରକର ଅଧକ୍ଷ ରେଭେରେଣ୍ଡ ଫାଦର ଭର୍ଗୀସ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ବିଷ୍ଣୁ ସାମନ୍ତରାୟ ମହାବିଦ୍ୟାଳୟ ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ



ଚଣ୍ଡିଖୋଲ ୧୨/୧(ପିଏନ)- ବଡ଼ଚଣା ବ୍ଲକ ଅନ୍ତର୍ଗତ ନୂଆହାଟ ସ୍ଥିତ ବିଷ୍ଣୁ ସାମନ୍ତରାୟ ମହାବିଦ୍ୟାଳୟର ୨ଦିନିଆ ବାର୍ଷିକ କ୍ରୀଡ଼ଶ ଉତ୍ସବ ଆଜି ଉଦଯାପିତ ହୋଇଛି । ବିଦ୍ୟାଳୟର ଅଧକ୍ଷ ପ୍ରଫେସର ସତ୍ୟବ୍ରତ ପୃଷ୍ଟି କ୍ରୀଡ଼ା ଉତ୍ସବକୁ ଉଦଘାଟନ କରି ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରେ କ୍ରୀଡ଼ା ପ୍ରତିଭାକୁ ବିକଶିତ କରିବା ଦିଗରେ ବାର୍ଷିକ କ୍ରୀଡ଼ା ଉତ୍ସବ ସାହାର୍ଯ୍ୟ କରିଥାଏ । ଶିକ୍ଷାର ଏକ ଅଂଶ ସ୍ୱରୁପ କ୍ରୀଡ଼ା ଶାରୀରୀକ, ମାନସିକ, ଓ ବୌଦ୍ଧିକ ବିକାଶ କରିବା ସହିତ ପ୍ରତିଯୋଗତିତାର ମନୋବୃତ୍ତି ଉଦ୍ରେକ କରିଥାଏ । କ୍ରୀଡ଼ା ଶିକ୍ଷକ ଅଶୋକ କୁମାର ଖୁଣ୍ଟିଆଙ୍କ ନେତୃତ୍ୱରେ ଏହି କ୍ରୀଡ଼ଶ ଉତ୍ସବକୁ ଉପଦେଷ୍ଟା ସଞ୍ଜିତ କୁମାର ମହାନ୍ତି, ପ୍ରାଧ୍ୟାପକ ବିମଳେନ୍ଦୁ ପଟନାୟକ, ଅଧ୍ୟାପକ ପ୍ରମୋଦ ଖଣ୍ଡାୟୀ, ପବିତ୍ର ମହୋନ ମାହାଲା, ବ୍ରଜ କିଶୋର ସ୍ୱାଇଁ, ପ୍ରଦୀପ କୁମାର ବରାଳ, ଶାନ୍ତନୁ ରାଉତରାୟ, ନାରାୟଣ ଚନ୍ଦ୍ର ମୁଦୁଲି, ଅଧ୍ୟାପକ ସନ୍ଦୀପ ସ୍ୱାଇଁ, ଅମ୍ବିକା ତ୍ରୀପାଠୀ, ପ୍ରମୁଖ ଯୋଗ ଦେଇ କ୍ରୀଡ଼ଶ ବିତ ମାନଙ୍କୁ ଉତ୍ସାହିତ କରିଥିଲେ । ଏହି କ୍ରୀଡ଼ା ଉତ୍ସବରେ ଯୁକ୍ତ ୩ ବିଭାଗରେ ଅକ୍ଷୟ କୁମାର ରାଉତ ବାଳକ ବିଭାଗରେ ଚାମ୍ପିୟାନ ହୋଇଥିବା ବେଳେ, ବାଳିକା ବିଭାଗରେ କଲ୍ୟାଣୀ ପରିଡ଼ା, ଇତିପ୍ରିୟା ସାମଲ ଯୁଗ୍ମ ବିଜେତା ହୋଇଥିଲେ । ଯୁକ୍ତ ୨ ବାଳକ ବିଭାଗରେ ଜନ୍ମେଜୟ ଧଳ, ଛାତ୍ରୀ ମୋନାଲିସା ରାଉତ ଚାମ୍ପିୟାନ ହୋଇଥିଲେ । ଶେଷରେ ଅଶୋକ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ନିଖିଳ ଓଡ଼ିଶା କାଳନ୍ଦୀ ସମାଜର ବାର୍ଷିକ ସମ୍ମିଳନୀ

ଭୁବନେଶ୍ୱର, ୧୧.୧ : ନିଖିଳ ଓଡ଼ିଶା କାଳନ୍ଦୀ ସମାଜର ବାର୍ଷିକ ଅଧିବେଶନ ଇଂ ଅଲେଖ ଚନ୍ଦ୍ର ମଲ୍ଲିକଙ୍କ ସଭାପତିତ୍ୱରେ ଭୁବନେଶ୍ୱରସ୍ଥିତ ବୁଦ୍ଧବିହାରଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ଅଧିବେଶନରେ କାଳନ୍ଦୀ ସମାଜର କର୍ମକର୍ତ୍ତାମାନଙ୍କ ସହ ଅନ୍ୟାନ୍ୟ ଅନୁଷ୍ଠାନର ଅତିଥିମାନେ ଯୋଗ ଦେଇଥିଲେ । ଶ୍ରୀଯୁକ୍ତ ମାନସ କୁମାର ଜେନା, ବନ୍ଧୁ ସେଠୀ, ପ୍ରକାଶ ନାଗ, ଆକୁଳି ସେଠୀ, ଅଶୋକ ନାୟକ, ନରେନ୍ଦ୍ର କୁମାର ସେଠୀ ଓ ଡ଼ିଙ୍ଗର କୁମାର ପ୍ରମୁଖ ଅତିଥି ଓ ଶ୍ରୀଯୁକ୍ତ ପ୍ରଭାକର ମଲ୍ଲିକ, ଦୁଃଶାସନ ମଲ୍ଲିକ, ଅଶୋକ ମଲ୍ଲିକ, କଳ୍ପତରୁ ମଲ୍ଲିକ, ଖଗେଶ୍ୱର ମଲ୍ଲିକ, ରାଘବ ମଲ୍ଲିକ ଓ ମାଧବ ମଲ୍ଲିକ ପ୍ରମୁଖ କର୍ମକର୍ତ୍ତା ଯୋଗଦେଇ ଆଲୋଚନା ପରେ ନିମ୍ନଲିଖିତ ପ୍ରସ୍ତାବଗୁଡ଼ିକ ଗ୍ରହଣ କରାଯାଇଥିଲା ।

ସାମ୍ପ୍ରତିକ ବିଶ୍ୱର କଲ୍ୟାଣ ଓ ଶାନ୍ତି ପ୍ରତିଷ୍ଠା ନିମିତ୍ତ ଭଗବାନ ବୁଦ୍ଧ, ବାବାସାହେବ ଆମ୍ବେଦକର ଓ ଅନ୍ୟାନ୍ୟ ମହାତ୍ମାମାନଙ୍କର ନୀତି ଆଦର୍ଶର ପ୍ରଚାର ଓ ପ୍ରସାର କରିବା, ସମାଜରୁ କୁସଂସ୍କାର ଓ ନିଶା ସେବନ ଦୂର କରିବା, ଭୁବନେଶ୍ୱରଠାରେ ଏକ ଆମ୍ବେଦକର ଭବନ ପ୍ରତିଷ୍ଠା କରିବା, ଛୁଆଁ ଅଛୁଆଁ ଭେଦଭାବ ଦୂର କରି ଧର୍ମ ଓ ଜାତିମାନଙ୍କ ମଧ୍ୟରେ ଭାଇଚାରା ପ୍ରତିଷ୍ଠା କରିବା, ନିର୍ଯ୍ୟାତନାର ଶିକାର ହେଉଥିବା ଦଳିତ, ଆଦିବାସୀ, ମହିଳା ଓ ଶିଶୁମାନଙ୍କୁ ସୁରକ୍ଷା ପ୍ରଦାନ କରିବା, କଣ୍ଡରା ବୈଷ୍ଣବ, କାଳନ୍ଦୀ ବୈଷ୍ଣବ, ବାଉରି ବୈଷ୍ଣବ ପ୍ରମୁଖ ବୈଷ୍ଣବ ଜାତିକୁ ତଫସିଲଭୁକ୍ତ ଜାତିର ମାନ୍ୟତା ଦେବା, ମେହେନ୍ତର ଜାତିକୁ ଏସ୍.ସି. ତାଲିକାଭୁକ୍ତ କରିବା ଓ ସଅର ଜାତିକୁ ଏସ୍‌ଟି ତାଲିକାଭୁକ୍ତ କରିବା, କଣ୍ଡରା ମତ୍ସଜୀବୀମାନଙ୍କୁ ମତ୍ସ୍ୟଜୀବୀ ସାହାଯ୍ୟ ପ୍ରଦାନ କରିବା, ସମସ୍ତ ସଂରକ୍ଷଣ ପଦପଦବୀକୁ ପୂରଣ କରିବା ଓ ପଦୋନ୍ନତି ଦେବା । ସରକାରୀ ଓ ବେସରକାରୀ କ୍ଷେତ୍ରରେ ମାଗଣା ଶିକ୍ଷାଦାନ କରିବା ଓ ଅନୁସୂଚିତ ବର୍ଗ ଗରିବ ଓ ମେଧାବୀ ଛାତ୍ରଛାତ୍ରୀମାନଙ୍କୁ ଠିକ୍ ସମୟରେ ବୃତ୍ତି ପ୍ରଦାନ କିରବା । ଗ୍ରାମ୍ୟ ଚୌକିଦାରମାନଙ୍କର ବେତନ ବୃଦ୍ଧି କରିବା ସହିତ ସରକାରୀ ଚାକିରୀ ସୁବିଧା ମିଳିବା ।

# ଗଣପତି ଜ୍ଞାନମନ୍ଦିରର ବାର୍ଷିକ ଉତ୍ସବ



ନେଉଳପୁର:୧୨।୧(ପି.ଏନ)- ଚଣ୍ଡିଖୋଲ ନିକଟ ଚାରିବାଟିଆସ୍ଥିତ ଗଣପତି ଜ୍ଞାନମନ୍ଦିରର ୧୪ ତମ ବାର୍ଷିକ ଉତ୍ସବ ଆଜି ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟଅତିଥି ଭାବେ ବିଧାୟକ ଅମର ପ୍ରସାଦ ଶତପଥି ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ । ପିଲାମାନଙ୍କ ଭବିଷ୍ୟତ ଗଠନରେ ଅଭିଭାବକ ଓ ଶିକ୍ଷକମାନଙ୍କର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ବିଧାୟକ ଶ୍ରୀ ଶତପଥି କହି ଏହି ଅନୁଷ୍ଠାନର ଉନ୍ନତି ଓ ପିଲାମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ । ମୁଖ୍ୟବକ୍ତାଭାବେ ବାବା ଭୈରବା ନନ୍ଦ ସ୍ୱୟଂ ଶାସିତ ମହାବିଦ୍ୟାଳୟ ଚଣ୍ଡିଖୋଲର ଇଂରାଜୀ ଭାଷା ସାହିତ୍ୟ ବିଭାଗର ପ୍ରାମ୍ପକ ଡଃ ରାଜେନ୍ଦ୍ର କିଶୋର ପାଢି ଯୋଗଦେଇ ଶିକ୍ଷା, ଶିକ୍ଷକ ଓ ଶିକ୍ଷାୟତନ ସଂପର୍କରେ ସାରଗର୍ଭକ ଭାଷଣ ପ୍ରଦାନ କରିଥିଲେ । ସମ୍ମାନିତ ଅତିଥିଭାବେ ସାମ୍ବାଦିକ ତଥା ସାହିତ୍ୟିକ ଭକ୍ତଚରଣ ସାହୁ ଯୋଗଦେଇ କୋମଳମତି ଛାତ୍ରଛାତ୍ରୀଙ୍କୁ ଡର ଭୟ ନ ଦେଖାଇ ସ୍ନେହ ଶ୍ରଦ୍ଧାର ସହିତ ସେମାନଙ୍କୁ ଶିକ୍ଷା ଦାନ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ । ଅନ୍ୟତମ ସମ୍ମାନୀତ ଅତିଥିଭାବେ ବିଦ୍ୟାଳୟର ପ୍ରତିଷ୍ଠାତା ସାମ୍ବାଦିକ ପ୍ରଦୀପ୍ତ କୁମାର ପରିଡା ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଏହି ଅବସରରେ ଚଳିତ ବର୍ଷର ବିଦ୍ୟାଳୟର ଶ୍ରେଷ୍ଠ ଛାତ୍ରୀଭାବେ ପଞ୍ଚମ ଶ୍ରେଣୀର ସୋନାଲୀ ପୃଷ୍ଟିଙ୍କ ସମେତ କୃତି ଛାତ୍ରଛାତ୍ରୀଙ୍କୁ ମୁଖ୍ୟଅତିଥି ଶ୍ରୀ ଶତପଥି ପ୍ରମାଣପତ୍ର ସହ ପୁରସ୍କାର ପ୍ରଦାନ କରିଥିଲେ । ପ୍ରାରମ୍ଭରେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ବନ୍ଦେ ଉତ୍କଳ ଜନନୀ ଗାନ କରାଯାଇଥିବାବେଳେ ସାମ୍ବାଦିକ ଅନିରୁଦ୍ଧ ସାମନ୍ତରାୟଙ୍କ ଅକାଳ ବିୟୋଗରେ ଏକ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା । ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଶିକ୍ଷାବିତ୍ ବିନାୟକ ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଉତ୍ସବରେ ସାମ୍ବାଦିକ ଅଭିମନ୍ୟୁ ଧଳ ସ୍ୱାଗତ ଭାଷଣ ଓ ସାମ୍ବାଦିକ ପ୍ରସନ୍ନ କୁମାର ବିଶ୍ୱାଳ ଅତିଥି ପରିଚୟ ପ୍ରଦାନ କରିଥିଲେ । ବିଦ୍ୟାଳୟର ଅଧକ୍ଷ ସତ୍ୟବାଦୀ ଶତପଥି ବିବରଣୀ ପାଠ କରିଥିବାବେଳେ ପ୍ରଧାନଶିକ୍ଷକ ଚନ୍ଦ୍ରମଣି ସାମଲ ମାନପତ୍ର ପାଠ କରିଥିଲେ ଓ ସାମ୍ବାଦିକ ନରେନ୍ଦ୍ର କୁମାର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ । ସମାଜସେବୀ ନିରଞ୍ଜନ ସେନାପତି, ରାଧାଦେଇପୁର ସରପଞ୍ଚ ଆଶିଷ ରଞ୍ଜନ ଚୌଧୁରୀଓ ଘନଶ୍ୟାମ ଗୋଛାୟତୟଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗ ଦେଇଥିବାବେଳେ ଅର୍ଣ୍ଣପୁର୍ଣ୍ଣ । ରାଉତ, ସତ୍ୟବାଦୀ ଶତପଥି, ରାଜଶ୍ରୀ ସାହୁ, ଲିପିକା ସ୍ୱାଇଁ, ସ୍ୱର୍ଣ୍ଣପ୍ରଭା ପଣ୍ଡା, ଅନିମା ବଳ, କେଶବ ଚନ୍ଦ୍ର ସ୍ୱାଇଁ, ସୂର୍ଣ୍ଣପ୍ରଜ୍ଞା ବାରିକ, ଯାଜ୍ଞସେନୀ ନାଥ ଓ ସମୀକ୍ଷା ପାଲଙ୍କ ସମେତ ବିଦ୍ୟାଳୟର ସମସ୍ତ ଶିକ୍ଷକଶିକ୍ଷୟତ୍ରୀ ଉତ୍ସବପରିଚାଳନାରେ ସହଯୋଗ କରିଥିଲେ । ଶେଷରେ କୁନି କୁନି ପିଲାମାନଙ୍କ ଦ୍ୱାରା ରଙ୍ଗରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

# ମହାବିନାୟକ ଲଘୁ ଖଣିଜ ପରିବହନ ମାଲିକ ସଂଘ ପକ୍ଷରୁ ସଡ଼କ ସୁରକ୍ଷା ସପ୍ତାହ ପାଳିତ



ଚଣ୍ଡିଖୋଲ ୧୨/୧(ପିଏନ)- ଚଣ୍ଡିଖୋଲ ସ୍ଥିତ ମହାବିନାୟକ ଲଘୁ ଖଣିଜ ପରିବହନ ମାଲିକ ସଂଘ ପକ୍ଷରୁ ୩୧ତମ ଜାତୀୟ ସଡ଼କ ସୁରକ୍ଷା ସପ୍ତାହ ପାଳିତ ହୋଇଯାଇଅଛି । ସଭାପତି ଅଜାମ୍ବର ସାହୁ, ସଂପାଦକ ଅମିତ କୁମାର ସାହୁଙ୍କ ନେତୃତ୍ୱରେ ୩ଶହରୁ ଉର୍ଦ୍ଧ୍ୱ ମୋଟର ସାଇକେଲ ଏକ ଶୋଭା ଯାତ୍ରାରେ ଯାଇ ଚଣ୍ଡିଖୋଲ ପରିକ୍ରମା କରିବା ସହିତ ଡୁବୁରୀ ପର୍ଯ୍ୟନ୍ତ ଦୀର୍ଘ ୪୦ କିମି ଧରି ଶୋଭା ଯାତ୍ରାରେ ବାହାରି ଲୋକ ମାନଙ୍କୁ ସଡ଼କ ସୁରକ୍ଷା ବିଷୟରେ ଅବଗତ କରିଥିଲେ । ଏହି ଶୋଭାଯାତ୍ରାରେ ବରିଷ୍ଠ ଉପଦେଷ୍ଟା ଚନ୍ଦନ କୁମାର ନାୟକ, ରଜନୀକାନ୍ତ କର, ସନା ଉଲ୍ଲା, ମୁଜିବର ଅହମଦ, ଜୟୀରାମ ସ୍ୱାଇଁ, ଯୁଗ୍ମ ସଂପାଦକ ମହେନ୍ଦ୍ର କୁମାର ଦାସ, ପ୍ରମୋଦ କବି, ବିନୋଦ ନାୟକ, ପ୍ରଭାତ ରାଉତ, ଦିପ୍ତୀରଂଜନ ସାମଲ, ଚଗଲା ଧିର, କପିଳେଶ୍ୱର ପ୍ରଧାନ, ଜଗନ୍ନାଥ ସାମଲ, ଅଶୋକ ପରିଡ଼ା, ସୁବାଷ ଜେନା, ଅନୀଲ ରାଉତରାୟ, ବିନୋଦ ନାୟକ, ସମୀର ବାବୁ, ବିକ୍ରମ ବାବୁ, ଉପ ସଭାପତି ସରୋଜ ରାଉତ, ଦୁର୍ଯ୍ୟୋଧନ ପ୍ରଧାନ, ବାବୁଲି ସାମଲ, ଦିଲୀପ ଲେଙ୍କା, କେଶବ ରାଉତ, ପ୍ରସନ୍ନ ସ୍ୱାଇଁ, ଅରୁଣ ସାମଲ ପ୍ରମୁଖ ଯୋଗ ଦେଇ ଗାଡ଼ି ଚାଳକ ମାନଙ୍କୁ ସୁରକ୍ଷିତ ଗାଡ଼ି ଚାଳନା ଓ ମୋଟର ଗାଡ଼ି ଆଇନ, ଟ୍ରାଫିକ ନିୟମ ପାଳନ କରିବାକୁ ସଚେତନତା କରିଥିଲେ । ହେଲମେଟ ପିନ୍ଧି ଯାଉଥିବା ଗାଡ଼ି ଚାଳକ ମାନଙ୍କୁ ଗୋଲାପ ଫୁଲ ଦେଇ ସମ୍ବର୍ଦ୍ଧିତ କରିଥିଲେ ସଂଘ ପକ୍ଷରୁ ୭ଦିନ ଧରି ଏହି କାର୍ଯ୍ୟକ୍ରମ ଚାଲୁରହିବ ବୋଲି ସଭାପତି, ସଂପାଦକ ଜଣାଇଛନ୍ତି ।

# ଶ୍ରୀ ଜଗନ୍ନାଥ ଚାରଣ ଗୋଷ୍ଠୀ ଓଡିଶା ପକ୍ଷରୁ ସ୍ୱତନ୍ତ୍ର ଅଧିବେଶନ

ନେଉଳପୁର ୧୨।୧(ପି.ଏନ)- ଚଣ୍ଡିଖୋଲ ଛକ ସନ୍ନିକଟ ଶ୍ରୀ ନୀଳକଣ୍ଠେଶ୍ୱର ଜୀୟୁ ମନ୍ଦିର ପରିସରରେ ଆଜି ଚାରଣ ଗୋଷ୍ଠି ଚଣ୍ଡିଖୋଲ ମଣ୍ଡଳ ପକ୍ଷରୁ ଶ୍ରୀ ଢ଼ଜଗନ୍ନାଥ ଚାରଣଗୋଷ୍ଠୀ ଓଡିଶାର ଏକ ସ୍ୱତନ୍ତ୍ର ଅଧିବେସନ ଭାଗିରଥି ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଅଧିବେସନରେ ସିଦ୍ଧାର୍ଥ ସାମନ୍ତରାୟ, ପ୍ରଫୁଲ ମିଶ୍ର, ସୁବାଷ ସାହୁ, ଗୋପାଳ ଚନ୍ଦ୍ର ବାରିକ, ସୁର୍ଦଶନ ସାହୁ, କୁଳମଣୀ ନାୟକ, ଦୁ଼ତିଧର ଦାସ, ଭାଗିରଥି ମହାରଣା, ଚାରଣ ଉଦୟନାଥ ସାହୁ, ବୀରବର ସାହୁ, ପ୍ରଫୁଲ ମିଶ୍ର, ସୁରେସ ଖଣ୍ଡାଇ, ବସନ୍ତ କୁମାର ସାହୁ, ଜଗନ୍ନାଥ ସାମନ୍ତରାୟ, ସତ୍ୟବ୍ରତ ଖଣ୍ଡାଇ, ମୋହନ ଚରଣ ରାଉତ, ଦୁର୍ଯ୍ୟୋଧନ ବେହେରା, ସମରେନ୍ଦ୍ର ମାହାଲା, ମଳୟ କୁମାର ସାହୁ, ସୂର୍ଯ୍ୟମଣି କବି, ଅନନ୍ତ କୁମାର ସ୍ୱାଇଁ, ଇନ୍ଦ୍ରମଣି ବେହେରା, କୁଞ୍ଜବିହାରୀ ନାୟକ, ଭାବଗ୍ରାହୀ ସାହୁ, ସମେତ ଚାରଣ ଶାଖା ଉତମ ଗରା, କୃଷ୍ଣପଡା, କାଏମା, ମୁଣ୍ଡମାଳ, ମିର୍ଜାପୁର, ଅରେଇକଣା, ପାଇଜରାପୁର ଶଙ୍ଖ, ପିପ୍ପଳିଡିହ, ହଳଦୀ ବସନ୍ତ, ନେତୁଆ, ଜଖପୁରା, କଟକ, ଅଶୁଳେଶ୍ୱର, କଙ୍କଡାହାଡ, ହରଦେଇପୁର, କ୍ଷେତ୍ରପାଳ, ସିଦ୍ଧିପୁର, ଗୋପାଳପୁର, ଆନନ୍ଦପୁର ଭାଗବତ ଗୋଷ୍ଠିର କର୍ମକର୍ତା ସମେତ ଶତାଧିକ ଚାରଣ ଗେଷ୍ଠୀର ସଭ୍ୟ ଯୋଗ ଦେଇଥିଲେ । ପ୍ରାରମ୍ଭରେ ଶ୍ରୀ ଜଗନ୍ନାଥଙ୍କ ପୂଜାର୍ଚ୍ଚନା, ବିଷ୍ଣୁ ସହସ୍ର ନାମ, ସ୍ୱାଧ୍ୟାୟ, ଗୀତା ଓ ହନୁମାନ ଚାଳିଶାପଠନ କରାଯାଇଥିଲା । ଶ୍ରୀ ଜଗନ୍ନାଥଙ୍କ ସେବକ, ପଣ୍ଡିତ ସଦାଶିବ ରଥଶର୍ମା ପ୍ରଭୁ ଜଗନ୍ନାଥଙ୍କ ଭାରତବର୍ଷରେ ଓ ବୀଶ୍ୱରେ ପ୍ରସାର କରିବା ପାଇଁ ଚାରଣ ଗୋଷ୍ଠୀ ଆରମ୍ଭ କରିଥିଲେ । ଦୀର୍ଘବର୍ଷ ହେଲା ଚାରଣ ଗୋଷ୍ଠିର କାର୍ଯ୍ୟ ଓଡିଶା ରାଜ୍ୟରେ ଚାଲୁଥିଲେ ହେଁ ଯେଉଁମାନେ ଦାୟିତ୍ୱରେ ଥିବା କେନ୍ଦ୍ରୀୟ କର୍ମକତା ବିଶ୍ୱାସହୀନ ହେବା ଅବସ୍ଥାରେ ସେ ନେଇ ଚାରଣ ଗୋଷ୍ଠୀ ପକ୍ଷରୁ ଓଡିଶା ରାଜ୍ୟ ପାଇଁ ଏକ ସ୍ୱତନ୍ତ୍ର କମିଟି ଗଠନ କରାଯାଇଛି । ଏହା ୪ଟି କେନ୍ଦ୍ରରେ ଭଅଗ କରାଯାଇଛି । ଯେଉଁମାନେ ଚାରଣ ଗୋଷ୍ଠିର ସଭ୍ୟ ସେମାନେ ୨୦୨୦ ନୂତନ ବର୍ଷରେ ପ୍ରଭୁଙ୍କ କାର୍ଯ୍ୟକ୍ରମକୁ ପ୍ରସାର କରାଇ ଶ୍ରୀମଦ ଭାଗବତ ଚେତନା ଓ ଲୋକ ସର୍ମ୍ପକ ଅଭିଯାନକୁ ଅଧିକ ଗୁରୁତ୍ୱ ଦେଇ ଚାରଣଗୋଷ୍ଠିର ସୁନାମ ରଖିବା ପାଇଁ ସଭାପତି ସମସ୍ତଙ୍କୁ ନିବେଦନ କରିଥିଲେ । ଆଜି ସର୍ବସମ୍ମତି କ୍ରମେ ଚାରଣଗୋଷ୍ଠୀ ଓଡିଶାର ଦଳପତି ଭାବେ ଗୋପାଳ ଚନ୍ଦ୍ର ବାରିକ, ଉପଦଳପତି ଶରତ ଚନ୍ଦ୍ର ରାଉତ, ସମ୍ପାଦକ ଭାବେ ଭାଗିରଥି ପାଣିଗ୍ରାହୀ, ସହ ସମ୍ପାଦକ, ସୁବାଷ ଚନ୍ଦ୍ର ସାହୁ, ଧୃତିଧର ଦାସ, ଗଣେଶ୍ୱର ବ୍ରହ୍ମା କୋଷାଧକ୍ଷ ଭାଗବତ ମହାରଣା, କେନ୍ଦ୍ରୀୟ ସଂଗଠକ ଉଦୟନାଥ ସାହୁ, ଆଇନ ପରାମର୍ଶଦାତା ସିଦ୍ଧାର୍ଥ ଶଙ୍କର ସାମନ୍ତରାୟ, ଉପଦେଷ୍ଟା କମିଟିରେ ପ୍ରଫୁଲ ମିଶ୍ର, ମିହିର ପଟ୍ଟାନାୟକ, ଅଭୟ କୁମାର ଦାସ, ବସନ୍ତ କୁମାର ସାହୁ, ମଳୟ କୁମାର ସାହୁ, ମିଡିଆ ସେଲର ସୁରେସ କୁମାର ଖଣ୍ଡାଇ, ପତ୍ରିକା ସଂପାଦକ ପଣ୍ଡିତ ପ୍ରଫୁଲ କୁମାର ମିଶ୍ର, ଅଭୟ ରାଉତଙ୍କୁ ମନୋନୀତ କରାଯାଇଛି । ଶେଷରେ ଚାରଣ ଉଦୟନାଥ ସାହୁ ସମସ୍ତଙ୍କୁ କୃତ ଜ୍ଞତା ଜ୍ଞା ପନ କରିଥିଲେ ।

# ସୁବର୍ଣ୍ଣ ଜୟନ୍ତୀ ସମାରୋହ ପାଳିତ

କେନ୍ଦଝର(ପିଏନ) : ଝୁମ୍ପୁରା ବ୍ଲକ ଅନ୍ତର୍ଗତ ବାଲିବନ୍ଧ ସରକାରୀ ଉଚ୍ଚ ବିଦ୍ୟାଳୟର ସୂବର୍ଣ୍ଣ ଜୟନ୍ତୀ ସମାରୋହ ୧୦/୧ ରିଖ ଓ ୧୧/୧ରିଖ ୨ଦିନ ଧରି ପାଳିତ ହୋଇଯାଇଛି । ୧୦/୧ରିଖ ଜୟନ୍ତୀ ସମାରୋହ ର ଉଦଘାଟନୀ ଉତ୍ସବରେ ମଣ୍ଡଳ ଶିକ୍ଷାଧିକାରୀ ଦୁଃଶାସନ ସିଂ, ସ୍ୱାମ ପାଟନା ମହାବିଦ୍ୟାଳୟର ଇଂରାଜୀ ପ୍ରଧ୍ୟାପକ ଅଶ୍ୱନୀ ସାହୁ ଅତିଥି ଭାବେ ଯୋଗ ଦେଇଥିବାବେଳେ, ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ ହରିଶ୍ଚନ୍ଦ୍ର ବାରିକ (ଅବସର ପ୍ରାପ୍ତ ପ୍ରଧ୍ୟାପକ, ଆନନ୍ଦପୁର ମହାବିଦ୍ୟାଳୟ) । ସେହିପରି ୧୧/୧ରିଖ ଉଦଯାପନୀ ଉତ୍ସବରେ ଯୋଗ ଦେଇଥିଲେ ପ୍ରେମାନନ୍ଦ ନାଏକ (ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷାମନ୍ତ୍ରୀ, ଓଡିଶା ସରକାର), ଚନ୍ଦ୍ରାଣୀ ମୁର୍ମୁ (ସାଂସଦ, କେନ୍ଦୁଝର ଲୋକସଭା), ମୋହନ ଚରଣ ମାଝୀ (ସଦର ବିଧାୟକ, କେନ୍ଦୁଝର), ୧୭ନଂ ଜିଲା ପରିଷଦ ସଦସ୍ୟ, ଅନୁବ୍ରତ ବେହେରା, ବିରଚିଂ ବାଗ, ଆଇଆଇସି ଝୁମ୍ପୁରା, ବିଶିକେଶନ ଦାଶ, ଅଗ୍ନିଶମ ଅଧିକାରୀ ଝୁମ୍ପୁରା, ଅବସରପ୍ରାପ୍ତ ପ୍ରଫେସର, ଧରଣୀଧର ମହାବିଦ୍ୟାଳୟ କେନ୍ଦୁଝର, ବିମ୍ବାଧର ବେହେରା ମୁଖ୍ୟବକ୍ତା ଭାବେ ଯୋଗ ଦେଇ ସୂବର୍ଣ୍ଣ ଜୟନ୍ତୀ ପାଳନର ଆବଶ୍ୟକତା ତଥା ଛାତ୍ରଛାତ୍ରୀଙ୍କର ଅନୁଶାସନ ପୂର୍ଣ୍ଣ ଜୀବନ ଶୈଳୀ ଜାଣିବାର ଜିଜ୍ଞାସୁ ମନୋଭାବ ସମ୍ବନ୍ଧରେ ଉପାଦେୟ ବକ୍ତବ୍ୟ ରଖିଥିଲେ । ୧୯୬୯ ମସିହାରୁ ଆରମ୍ଭ ହୋଇଥିବାଏହି ବିଦ୍ୟାଳୟ ଉତଥାନ ପତନ ମଧ୍ୟରେ ଗତିକରି ୫୦ବର୍ଷ ପୂର୍ତ୍ତି କରି ଜୟନ୍ତୀ ସମାରୋହ ପାଳିତ ହେଉଥିବା ସମ୍ବନ୍ଧରେ ବିଦ୍ୟାଳୟର ପୂର୍ବତନ ଶିକ୍ଷକ, ଛାତ୍ରଛତ୍ରୀ ଅଭିଭାଷଣ ରଖିଥିଲେ । ବିଦ୍ୟାଳୟ ପରିଚାଳନା କମିଟି ସମ୍ପାଦକ ମହେନ୍ଦ୍ର ପଟ୍ଟନାୟକଙ୍କ ଉଦ୍ୟମ ତଥା ୧୯୭୧ ମସିହାରୁ ବର୍ତମାନ ପର୍ଯ୍ୟନ୍ତ ବହୁ ପୁରାତନ ଛାତ୍ରଛାତ୍ରୀଙ୍କ ସହଯୋଗ ନେଇ ସୂବର୍ଣ୍ଣ ଜୟନ୍ତୀ କମିଟିର ସଭାପତି କୁଞ୍ଜବିହାରୀ ପ୍ରଧାନ ସନ୍ତୋଷ ବ୍ୟକ୍ତ କରିଥିଲେ । ୨ଦିନ ଧରି ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

# କେନ୍ଦୁଝର କୋର୍ଟରେ ଦୁଇ ବରିଷ୍ଠ ବିଚାରପତିଙ୍କ କାର୍ଯ୍ୟରେ ଯୋଗଦାନ

କେନ୍ଦୁଝର,:(ପିଏନ)- କେନ୍ଦୁଝର ଜିଲ୍ଲା ଜଜ୍‌କୋର୍ଟରେ ଦୁଇଜଣ ବରିଷ୍ଠ ବିଚାରପତି ଇତିମଧ୍ୟରେ କାର୍ଯ୍ୟରେ ଯୋଗ ଦେଇଛନ୍ତି । କେନ୍ଦୁଝରରେ ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ଭାବରେ ମାନସ ରଞ୍ଜନ ବାରିକ କାର୍ଯ୍ୟରେ ଯୋଗ ଦେଇଥିବାବେଳେ ପରିବାର ଅଦାଲତରେ ବିଚାରପତି ଭାବରେ ବୈଶପାୟନ କର ଯୋଗ ଦେଇଛନ୍ତି । ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ଭାବରେ କାର୍ଯ୍ୟରେ ଯୋଗ ଦେଇଥିବା ମାନସ ରଞ୍ଜନ ବାରିକ ପୂର୍ବରୁ ବ୍ରହ୍ମପୁରର ଅତିରିକ୍ତ ଜିଲ୍ଲା ଜଜ୍ ଭାବରେ ଦାୟୀତ୍ୱ ସଂପାଦନ କରିଥିଲେ । ସେହିପରି ପରିବାର ଅଦାଲତର ବିଚାରପତି ବୈଶପାୟନ କର ପୂର୍ବରୁ ଯାଜପୁର ଜିଲ୍ଲା ଜଜ୍ ଭାବରେ ଦକ୍ଷତାର ସହ କାର୍ଯ୍ୟ କରି ପ୍ରଶଂସାଭାଜନ ହୋଇଛନ୍ତି । ଏହି ଦୁଇ ନୂତନ ବିଚାରପତିଙ୍କୁ ଜିଲ୍ଲା ଜଜ୍‌କୋର୍ଟର ବିଭିନ୍ନ ବିଚାରପତି, ମାଜିଷ୍ଟ୍ରେଟ୍ ଓ କର୍ମଚାରୀମାନେ ସ୍ୱାଗତ ଜଣାଇଥିଲେ । ପୂର୍ବରୁ ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ଭାବରେ ଦାୟୀତ୍ୱ ସଂପାଦନ କରୁଥିବା ବାଳକୃଷ୍ଣ ମହାପାତ୍ର ଓଡିଶା ହାଇକୋର୍ଟର ରିସର୍ଚ୍ଚ ଏବଂ ଇନ୍‌ଭେଷ୍ଟିଗେସନ୍‌ର ରେଜିଷ୍ଟର ଭାବରେ ସ୍ଥାନାନ୍ତରିତ ହୋଇଛନ୍ତି ।

# ମୃତ ସମ୍ବାରୀ ମୁଣ୍ଡାଙ୍କ ପରିବାରକୁ ସହଯୋଗର ହାତ ବଢାଇଲା ଗନ୍ଧମାର୍ଦ୍ଦନ ଲୋଡିଂ ଏଜେନ୍ସି

କେନ୍ଦୁଝର(ପିଏନ): ବାଂଶପାଳ ବ୍ଲକ ଉପର କଇଁସାରୀ ଗ୍ରାମର ସମାରୀ ମୁଣ୍ଡା ଦୀର୍ଘଦିନ ହେବ ରୋଗାକ୍ରାନ୍ତ ହୋଇ ଗତ ୧ ସପ୍ତାହ ତଳେ ମୃତ୍ୟୁବରଣ କରିଥିଲେ । ମୃତ ସମାରୀ ମୁଣ୍ଡାଙ୍କ ଅସହାୟ ପରିବାର ସଦସ୍ୟଙ୍କ ପାଇଁ ସହଯୋଗର ହାତ ବଢାଇଛି ଶୁଅକାଟୀସ୍ଥିତ ଲୋଡିଂ ଏଜେନ୍ସି । ଏଜେନ୍ସି ପକ୍ଷରୁ ତଳକଇଁସାରୀ ସରପଂଚ ଚୈତନ୍ୟ ଚରଣ ମଲ୍ଲିକ, ବାଂଶପାଳ ବ୍ଲକ ଉପାଧକ୍ଷ



ବାବୁଲି ପଲେଇ, ମାନସ ରଞ୍ଜନ ବାରିକ, ପ୍ରହଲ୍ଲାଦ ବାରିକ, ଦେବାନନ୍ଦ ମହାକୁଡ ପ୍ରମୁଖ ମୃତ ସମାରୀ ମୁଣ୍ଡାଙ୍କ ଶୋକସନ୍ତପ ପରିବାରକୁ ଭେଟି ସମବେଦନା ଜଣାଇବା ସହ ମୃତ ସମାରୀଙ୍କ ପତ୍ନୀ ସାବିତ୍ରୀ ମୁଣ୍ଡାଙ୍କୁ ୧୦ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରିଛନ୍ତି । ଏହା ବ୍ୟତିତି ତାଙ୍କ ପରିବାର ପ୍ରତିପୋଷଣ ପାଇଁ ମାସିକ ୨ହଜାର ଟଙ୍କା ଦିଆଯିବ ବୋଲି ଏଜେନ୍ସି ପକ୍ଷରୁ କୁହାଯାଇଛି । ଉପର କଇଁସାରୀ ଏବଂ ନିତିଗୋଠ ଗ୍ରାମର ଉପସ୍ଥିତ ଥିବା ଶୁକୁରା ବେହେରା, ମହାନ୍ତି ଦେହୁରୀ, ସୁନାରାମ ମୁଣ୍ଡା, ଦୁର୍ଯ୍ୟୋଧନ ଦେହୁରୀ ଗନ୍ଧମାର୍ଦ୍ଦନ ଲୋଡିଂ ଏଜେନ୍ସିର ଏପରି କାର୍ଯ୍ୟକୁ ପ୍ରଶଂସା କରିଛନ୍ତି ।




# ସତ୍‌ସଙ୍ଗର ଆହ୍ୱାନ: ସତ୍ୟାନୁସରଣର ଅନୁଚିନ୍ତନ



ଭୁବନେଶ୍ୱର (ପିଏନ୍): ପରମପ୍ରେମମୟ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କର ପ୍ରିୟ ଭକ୍ତ ଅତୁଳ ଚନ୍ଦ୍ର ଭଟ୍ଟାଚାର୍ଯ୍ୟଙ୍କର ଆକୁଳ ପ୍ରାର୍ଥନାରେ ଓଡ଼ିଆ ୧୩୧୬ ସାଲରେ ୨୨ ବର୍ଷ ବୟସରେ ଶ୍ରୀ ଶ୍ରୀ ଠାକୁର ଏକ ରାତ୍ରିରେ ଲିପିବଦ୍ଧ କରିଥିଲେ ଅମୃତ-ନିଷ୍ୟନ୍ଦୀ ସ୍ୱତଃ ଉତ୍ସାରିତ ବାଣୀ ଯାହାକି ସତ୍ୟାନୁସରଣ ନାମରେ ଚିର ପୂଜିତ। ଭକ୍ତର ପ୍ରାର୍ଥନା ଓହ୍ଲାଇ ଆଣିଲା ପୃଥିବୀ ପୃଷ୍ଠରେ ମନ୍ଦାକିନୀର ପୁଣ୍ୟଧାରା ଯାହାକି ସଞ୍ଜୀବିତ କରି ରଖିବ ତାଙ୍କୁ ଏବଂ ଯୁଗ ଯୁଗ ଧରି ପ୍ରତ୍ୟେକଟି ମଣିଷଙ୍କୁ। କଲ୍‌କୀ ଅବତାର ଶ୍ରୀ ଶ୍ରୀ ଠାକୁରଙ୍କ ଦୃଷ୍ଟିଭଙ୍ଗିରେ ଜୀବନର ଦୁଇଟି ଅପରିହାର୍ଯ୍ୟ ଦିଗ ରହିଛି। ପ୍ରଥମ ହେଉଛି-ବଞ୍ଚିବା ଓ ଦ୍ୱିତୀୟଟି ହେଉଛି ବୃଦ୍ଧି, ଆନନ୍ଦ କିମ୍ବା ବିସ୍ତାରିତ ଅନୁଭୂତି। ଏହି ଦୁଇଟି ଦିଗକୁ ପରିପୂରଣ କରିବାର ଉପାୟ ସତ୍ୟାନୁସରଣର ପ୍ରତ୍ୟେକ ପରିଚ୍ଛଦରେ ଦିଆଯାଇଛି। ଯୁଗାବତାର ଶ୍ରୀ ଶ୍ରୀ ଠାକୁରଙ୍କ ଅମୋଘ ଆହ୍ୱାନ 'ଅର୍ଥ, ମାନ, ଯଶ ଇତ୍ୟାଦି ପାଇବା ଆଶାରେ ମୋତେ ଠାକୁର ସଜାଇ ଭକ୍ତ ହୁଅ ନାହିଁ। ସାବଧାନ ହୁଅ - ଠକିଯିବ, ତୁମର ଠାକୁରତ୍ୱ ଜାଗ୍ରତ ନହେଲେ କେହି ତୁମର କେନ୍ଦ୍ର ନୁହଁନ୍ତି, ଠାକୁର ବି ନୁହଁନ୍ତି - ଫାଙ୍କି ଦେଲେ ତାହା ହିଁ ପାଇବ'। ମନୁଷ୍ୟ ଭିତରେ ଦେବତ୍ୱକୁ ଜାଗ୍ରତ କରିବା, ଆତ୍ମା ସହିତ ପରମାତ୍ମାର ମିଳନ କରାଇବା, ମନୁଷ୍ୟକୁ ତା'ର ଲକ୍ଷ୍ୟ ସମ୍ବନ୍ଧରେ ସଚେତନ କରାଇବା ପାଇଁ ଶ୍ରୀ ଶ୍ରୀ ଠାକୁରଙ୍କ ଏହି ବାଣୀ ଏକ ଅମୋଘ ଅସ୍ତ୍ର। ଦୁର୍ବଳତା ବିରୁଦ୍ଧରେ ଯୁଦ୍ଧ କରିବା ପାଇଁ ଭଗବାନ କୃଷ୍ଣ ଅର୍ଜୁନଙ୍କୁ ଆହ୍ୱାନ ଦେଲାଭଳି ଶ୍ରୀ ଶ୍ରୀ ଠାକୁର ସତ୍ୟାନୁସରଣର ପ୍ରଥମ ପରିଚ୍ଛଦରେ କହିଛନ୍ତି, ''ସର୍ବପ୍ରଥମେ ଆମ୍ଭମାନଙ୍କୁ ଦୁର୍ବଳତା ବିରୁଦ୍ଧରେ ଯୁଦ୍ଧ କରିବାକୁ ହେବ। ସାହସୀ ହେବାକୁ ହେବ, ବୀର ହେବାକୁ ହେବ। ପାପର ଜ୍ୱଳନ୍ତ ପ୍ରତିମୂର୍ତ୍ତି ଏହି ଦୁର୍ବଳତା। ତଡ଼, ଯେତେ ଶୀଘ୍ର ପାର, ଏଡି ରକ୍ତଶୋଷଣକାରୀ ଅବସାଦ ଉତ୍ପାଦକ ବାଦୁଡ଼ିକୁ। ସ୍ମରଣ କର ତୁମେ ସାହସୀ, ସ୍ମରଣକର ତୁମେ ଶକ୍ତିର ତନୟ, ସ୍ମରଣ କର ତୁମେ ପରମପିତାର ସନ୍ତାନ। ଆଗେ ସାହସୀ ହୁଅ, ଅକପଟ ହୁଅ, ତେବେ ଜଣାଯିବ, ତୁମର ଧର୍ମରାଜ୍ୟରେ ପଶିବାର ଅଧିକାର ଜନ୍ମିଛି।'' ଭାରତବାସୀଙ୍କୁ ଶ୍ରୀ ଶ୍ରୀ ଠାକୁରଙ୍କର ବୈପ୍ଳବିକ ଆହ୍ୱାନ ହେଉଛି-'ଭାରତର ଅବନତି ସେହି ସମୟରୁ ଆରମ୍ଭ ହୋଇଛି ଯେଉଁ ସମୟରୁ ଭାରତବାସୀଙ୍କ ପାଖରେ ଅମୂର୍ତ୍ତ ଭଗବାନ ଅସୀମ ହୋଇଉଠିଛନ୍ତି। ଋଷିଙ୍କୁ ବାଦ ଦେଇ ଋଷିବାଦର ଉପାସନା ଆରମ୍ଭ ହୋଇଛି। ଭାରତ, ଯଦି ଭବିଷ୍ୟତ କଲ୍ୟାଣକୁ ଆବାହନ କରିବାକୁ ଚାହିଁ ତେବେ ସଂପ୍ରଦାୟଗତ ବିରୋଧ ଭୁଲି ଜଗତର ପୂର୍ବ ପୂର୍ବ ଗୁରୁମାନଙ୍କ ପ୍ରତି ଶ୍ରଦ୍ଧା ସମ୍ପନ୍ନ ହୁଅ, ଆଉ ତୁମର ମୂର୍ତ୍ତ ଓ ଜୀବନ୍ତ ଗୁରୁ ବା ଭଗବାନଙ୍କ ପ୍ରତି ଆସକ୍ତ ହୁଅ ଏବଂ ସେହି ମାନଙ୍କୁ ହିଁ ସ୍ୱୀକାର କର ଯେଉଁମାନେ ତାଙ୍କୁ ଭଲ ପାଆନ୍ତି, କାରଣ ପୂର୍ବବର୍ତ୍ତୀଙ୍କୁ ଅଧିକାର କରି ହିଁ ପରବର୍ତ୍ତୀଙ୍କ ଆବିର୍ଭାବ। ଏହି ପରିପ୍ରେକ୍ଷୀରେ ବାଲେଶ୍ୱର ଜିଲ୍ଲାର ଭୋଗରାଇ ଥାନା ଅନ୍ତର୍ଗତ ଜଳସୋହରିଆ ପାନ ବଜାରସ୍ଥିତ ପ୍ରିୟପରମ ଶ୍ରୀ ଶ୍ରୀ ଅନୁକୂଳଚନ୍ଦ୍ର ଚର୍ଯ୍ୟାଶ୍ରମ ଓ ଜଳସୋହରିଆ ପାନ ବଜାରର ଆଧାତ୍ମିକ ଶ୍ରଦ୍ଧାଳୁ ଓ ଠାକୁରଙ୍କ ଆଶ୍ରିତଙ୍କ ସୌଜନ୍ୟରେ ଆସନ୍ତା ନଭେମ୍ବର ୭ ଓ ୮ (ବୁଧବାର ଓ ଗୁରୁବାର) ତାରିଖରେ ପାନଅଡ୍‌ଡ୍ ପରିସରରେ ୨୩ତମ ସତ୍ତା ସମ୍ବର୍ଦ୍ଧନୀ ସମ୍ମିଳନୀ ଅନୁଷ୍ଠିତ ହେବ। ଯୁଗ ପୁରୁଷୋତ୍ତମ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କର କ୍ରାନ୍ତିକାରୀ ଆଦର୍ଶ ଓ ଭାଗବତ ଜୀବନର ବିଶଦ ପରିବେଷଣ ଏହି ସମ୍ମିଳନୀରେ ମୁଖ୍ୟ କାର୍ଯ୍ୟାନୁଷ୍ଠାନ ହେବ। ପ୍ରାତଃକାଳରୁ ଜାଗରଣୀ ନହବତ, ପ୍ରଭାତ ଯାଜନ ପରିକ୍ରମା ଓ ସଂକୀର୍ତ୍ତନ, ସମବେତ ପ୍ରାର୍ଥନା ଓ ନାମଧ୍ୟାନ, ଆର୍ଯ୍ୟକୃଷ୍ଟି ପତାକା ଉତ୍ତୋଳନ, ପିଲାମାନଙ୍କର ବକ୍ତୃତା ଓ ସଙ୍ଗୀତ ପ୍ରତିଯୋଗିତା, ମାତୃ ସମ୍ମିଳନୀ, କର୍ମୀ ସମ୍ମିଳନୀ, ମାଗଣା ଚିକିତ୍ସା ଶିବିର, ସନ୍ଧ୍ୟା ବିନତୀ ପ୍ରାର୍ଥନା ଓ ସତ୍‌ସଙ୍ଗ ଅଧିବେଶନ ଇତ୍ୟାଦି ମାଧ୍ୟମରେ ଏକ ଭାଗବତ ଓ ସତ୍‌ସଙ୍ଗ ପରିବେଷଣର ଆୟୋଜନ କରାଯାଇଛି। ଦ୍ୱିତୀୟ ଦିନରେ ଚନ୍ଦନେଶ୍ୱର ବଜାରରେ ପ୍ରସିଦ୍ଧ ଶୈବ ମନ୍ଦିର ସମ୍ମୁଖରେ ଯାଜନ ଓ ସଂକୀର୍ତ୍ତନ ପରିକ୍ରମାର ବ୍ୟବସ୍ଥା କରାଯାଇଛି। ଆଲୋଚନାଚକ୍ରରେ ଶ୍ରୀ ଶ୍ରୀ ଠାକୁରଙ୍କ ନିର୍ଦ୍ଧାରିତ ପଥ ହିଁ ଯୁଗ ସମସ୍ୟା ସମାଧାନର ଏକମାତ୍ର ମୂଳମନ୍ତ୍ର ଓ ଶ୍ରୀ ଶ୍ରୀ ଠାକୁରଙ୍କ ଦିବ୍ୟ ଜୀବନ, ଦର୍ଶନ ଏବଂ ଲୀଳା ସମ୍ବନ୍ଧରେ ଆଲୋଚନା କରିବେ ଭାରତବର୍ଷର ବିଭିନ୍ନ ପ୍ରାନ୍ତରୁ ଆସିଥିବା ଭକ୍ତବୃନ୍ଦ ଓ ଶ୍ରୀ ଶ୍ରୀ ଠାକୁର ଅନକୂଳଚନ୍ଦ୍ରଙ୍କର ପୌତ୍ର ମହାମହିମ ଶ୍ରୀଯୁକ୍ତ ବିଦ୍ୟୁତ୍‌ରଞ୍ଜନ ଚକ୍ରବର୍ତ୍ତୀ ଓ ମହାମହିମ ଶ୍ରୀଯୁକ୍ତ ବୁଦ୍ଧଦେବ ଚକ୍ରବର୍ତ୍ତୀ ମହୋଦୟ। ସମସ୍ତଙ୍କୁ ବିନମ୍ର ଅନୁରୋଧ ଏହି ସମ୍ମିଳନୀରେ ସପରିବାର ଓ ସବାନ୍ଧବ ଯୋଗଦାନ କରି ଧର୍ମ, ଆଦର୍ଶ ଓ ଆର୍ଯ୍ୟ ସଂସ୍କୃତିକୁ ଗୌରବାନ୍ୱିତ କରିବା ସଙ୍ଗେ ସଙ୍ଗେ ଏହି ଅନୁଷ୍ଠାନକୁ ସାଫଲ୍ୟ ମଣ୍ଡିତ କରାଇବେ। ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ଦର୍ଶାନୁରାଗୀ ସହ ପ୍ରତିରତ୍ୱିକ ପରେଶଚନ୍ଦ୍ର ପାତ୍ରଙ୍କ ସଭାପତିତ୍ୱରେ ଏହି ମହତ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। **(ସୌଜନ୍ୟ: ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର, ବିଭାଗୀୟ ମୁଖ୍ୟ, ହେପାଟାଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ, ଦୂରଭାଷ : ୯୪୩୭୦୫୧୯୫୭)**

## ଦଲକ ଅନନ୍ତ ବାସୁଦେବ ବିଦ୍ୟାପୀଠରେ ପୁରସ୍କାର ବିତରଣ ଉତ୍ସବ



ଖୋର୍ଦ୍ଧା (ପିଏନ୍): ମଳିପଡ଼ା ନିକଟବର୍ତ୍ତୀ ଦଲକସ୍ଥିତ ଅନନ୍ତ ବାସୁଦେବ ବିଦ୍ୟାପୀଠର ୨୮ତମ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ତଥା ପୁରସ୍କାର ବିତରଣ ଉତ୍ସବ ପ୍ରଧାନ ଶିକ୍ଷକ ବସନ୍ତ କୁମାର ପାଇକରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଅଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ଐତିହାସିକ ସତ୍ୟବାଦୀ ବଳିଆରସିଂହ ଯୋଗଦେଇ ଛାତ୍ରଛାତ୍ରୀମାନେ ଅଧ୍ୟୟନଶୀଳ ହେବା ସହ ଗୁରୁଜନମାନଙ୍କ ପ୍ରତି ଭକ୍ତିଭାବ ରଖିବାକୁ କହିଥିଲେ। ମୁଖ୍ୟବକ୍ତା ଭାବେ ଖୋର୍ଦ୍ଧା ଜିଲା ନିଶା ନିବାରଣ ସମିତିର ସଭାପତି ରାମଶଙ୍କର ଯୋଗଦେଇ ପୃଥିବୀର ବିଭିନ୍ନ ଦେଶର ଶିକ୍ଷା ଯେଭଳି ଆଗେଇ ଚାଲିଛି ଓଡ଼ିଶାରେ ଅନୁରୂପ ଭାବେ ଆଗେଇବା ପାଇଁ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥିଭାବେ ଖୋର୍ଦ୍ଧାର ସମାଜସେବୀ ନାରାୟଣ ଦୋରା, ଓଷ୍ଟା ଶିକ୍ଷକ ସଂଘ ସଭାପତି ଗଣେଶ୍ୱର ମିଶ୍ର, ଅବସରପ୍ରାପ୍ତ ଫ୍ଲାଇଟ୍ ଲେଫ୍ଟନାଂଟ୍ ବିଦ୍ୟାଧର ଲେଙ୍କା, ଡଙ୍ଗରପଡ଼ା ହାଇସ୍କୁଲ ପ୍ରଧାନ ଶିକ୍ଷକ ପବିତ୍ରମୋହନ ଖାଡ଼ଙ୍ଗା, ୟୁ.ଜି.ମି.ଇ ସ୍କୁଲ ପ୍ରଧାନ ଶିକ୍ଷକ ପ୍ରଶାନ୍ତ କୁମାର ବେହେରା ଓ ପରିଚାଳନା କମିଟିର ମହନ୍ତ ଚମ୍ପତି ଯୋଗ ଦେଇଥିଲେ। ଓଷ୍ଟା ସଂପାଦକ ରତିକାନ୍ତ କହଲସିଂହ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ପର୍ଶୁରାମ ଦଳାଇ ଅତିଥି ପରିଚୟ, ଅରୁଣ କୁମାର ରାୟ ବାର୍ଷିକ ବିବରଣୀ ଓ ତ୍ରିଲୋଚନ ଦାସ ଧନ୍ୟବାଦ ଦେଇଥିଲେ। କ୍ରୀଡ଼ା ପ୍ରତିଯୋଗିତାରେ ବାଳିକା ବିଭାଗରେ ଗାୟତ୍ରୀ ବରାଳ ଓ ବାଳକ ବିଭାଗରେ ଦୁଃଖୀଶ୍ୟାମ ବରାଳ ଚମ୍ପିଆନ୍ ହୋଇଥିଲେ। ସର୍ବୋତ୍କୃଷ୍ଟ ଛାତ୍ରଭାବେ ସଂବିତ କୁମାର ପଣ୍ଡାଙ୍କୁ ପୁରସ୍କୃତ କରାଯାଇଥିଲା। ଖେଳ, ସାଂସ୍କୃତିକ କାର୍ଯ୍ୟକ୍ରମରେ ଶିକ୍ଷକ ସର୍ବଶ୍ରୀ ନିଶିକାନ୍ତ କହଲସିଂହ, ବିଶ୍ୱନାଥ ସାହୁ ଓ ଶ୍ରୀନିବାସ ଶ୍ରୀଚନ୍ଦନ ସହଯୋଗ ପ୍ରଦାନ କରିଥିଲେ।

## ସେଂଚୁରିଆନ କୃଷି ବିଶ୍ୱବିଦ୍ୟାଳୟର ଅଭିନବ ପ୍ରୟାସ

ଭୁବନେଶ୍ୱର (ପିଏନ୍): ଓଡ଼ିଶା ଏକ କୃଷିପ୍ରଧାନ ରାଜ୍ୟ ଭାବେ ଜଣାଶୁଣା। ଧାନ ହିଁ ଆମର ମୁଖ୍ୟ ଫସଲ ଅଟେ। ଓଡ଼ିଶାରେ ସାଧାରଣତଃ ଖରିଫ ଋତୁରେ ଧାନ ଚାଷ କରାଯାଉଥିଲେ ହେଁ କେତେକ ସ୍ଥାନରେ ରବି ଋତୁରେ ମଧ୍ୟ ଧାନ ଚାଷ କରାଯାଇଥାଏ। ଓଡ଼ିଶାରେ ଚାଷୀଭାଇମାନେ ଦେଶୀ କିସମର ଧାନ ଯଥା-ସ୍ୱର୍ଣ୍ଣ ୧୦୦୧, ପୂଜା ପ୍ରଭୃତି ବ୍ୟବହାର କରୁଥିବା ବେଳେ ଏବେ ଆର.ଏନ୍.ଆର-୧୫୦୪୮ କିସମର ଧାନ ସାରା ଓଡ଼ିଶାରେ ବେଶ ନାଁ କମେଇ ପାରିଛି। ଆର.ଏନ୍.ଆର ୧୫୦୪୮ ୧୨୦ରୁ ୧୨୫ ଦିନ ମଧ୍ୟରେ ଅମଳ ହୋଇପାରୁଥିବା ଧାନର ଏକ କିସମ ଅଟେ। ମୁଖ୍ୟତଃ ଏହା ଜୁଲାଇ ମାସରେ ଚାଷ କରାଯାଇଥାଏ। ଜୀବାଣୁଜନିତ ପତ୍ରପୋଡ଼ା ରୋଗର ଏହା ସହନଶୀଳ କିସମ ଅଟେ। ସାଧାରଣତଃ ଏହାକୁ ଖରିଫ ଓ ରବି ଉଭୟ ଚାଷ ଋତୁରେ ଚାଷ କରାଯାଇଥାଏ। ଓଡ଼ିଶାର ଗଜପତି ଜିଲ୍ଲାର ପାରଳାଖେମୁଣ୍ଡି ସହରର ବିଭିନ୍ନ ଗ୍ରାମରେ ଚାଷୀମାନଙ୍କ ପାଖେ ଏହା ବିଶେଷ ଭାବରେ ଆଦୃତ ହୋଇପାରିଛି। ଏମିତିକି ଚାଷୀମାନେ ଏବେ ଖରିଫ ଆର.ଏନ.ଆର. ଅମଳ କରିସାରିବା ପରେ ରବି ଫସଲ ଭାବରେ ପୁଣିଥରେ ଏହାକୁ ଚାଷ କରିବା ପାଇଁ ମନ ବଳେଇଲେଣି। ଅମଳ ଅଧିକ ହେବା ସହ କମ୍ ମାତ୍ରାରେ ରୋଗପୋକ ଲାଗିବା ଏହାକୁ ଚାଷୀମାନଙ୍କ ପାଖରେ ଲୋକପ୍ରିୟ କରେଇପାରିଛି। ବିଶେଷ ଭାବରେ ଆନ୍ଧ୍ରପ୍ରଦେଶ ଓ ତେଲେଙ୍ଗାନା ରାଜ୍ୟରେ ବହୁଳ ଭାବେ ଚାଷ କରାଯାଉଛି। ଏମିତିକୁ ଏହାକୁ ତେଲେଙ୍ଗାନା ସୁନା ବୋଲି ମଧ୍ୟ ଅଭିହିତ କରାଯାଏ। ତେବେ ପ୍ରତିବର୍ଷ ପରି ଏବର୍ଷ ମଧ୍ୟ ପ୍ରଦର୍ଶନୀ ପଡ଼ିଆଠାରେ ଅନୁଷ୍ଠିତ ହେଉଛି ଅନ୍ତର୍ଜାତୀୟ ମଧ୍ୟମ ଓ ଲଘୁ ମଧ୍ୟମ ଉଦ୍ୟୋଗୀ ମେଳା। ଆଉ ଯେଉଁଥିରେ ସ୍ଥାନ ପାଇଛି ଆର.ଏନ.ଆର ଡ଼ାଏଫିଟ୍ ଚାଉଳ। ସାଧାରଣତଃ ଡ଼ାଇବେଟିସ ରୋଗୀଙ୍କ ପାଇଁ ଏହା ହିତକର ଅଟେ। ସେଂଚୁରିଆନ କୃଷି ବିଶ୍ୱବିଦ୍ୟାଳୟର ସହାୟତାରେ ଚାଷୀମାନଙ୍କୁ ନେଇ ଆରମ୍ଭ କରାଯାଇଥିବା ଏହି ଚାଷ ଏବେ ସାରା ଓଡ଼ିଶାରେ ଲୋକପ୍ରିୟ ହୋଇପାରିଛି। ଏହି ପରିପ୍ରେକ୍ଷୀରେ ପ୍ରଦର୍ଶନୀ ସ୍ଥଳରେ ମଧ୍ୟ ଏହା ଲୋକଙ୍କ ପାଖେ ଖୁବ ଆଦୃତ ହେଉଛି। ଏହି ପ୍ରଦର୍ଶନୀକୁ ପଦ୍ମନ ବରଦା , ରାମାରାଓ ପ୍ରଭୃତି ପରିଚାଳନାରେ ସହଯୋଗ କରିଥିଲେ।

# ଜମି ମାଲିକାନା କୃଷକ ହାତକୁ ଯାଉ



ଭୁବନେଶ୍ୱର (ପିଏନ୍): ଓଡ଼ିଶାରେ ପ୍ରାୟ ୭୫ ପ୍ରତିଶତ ଅଧିବାସୀ ଗ୍ରାମାଞ୍ଚଳରେ ବାସ କରନ୍ତି। ସେଥିମଧ୍ୟରୁ ୬୫ ପ୍ରତିଶତ କେବଳ କୃଷିଜୀବୀ। ଗ୍ରାମାଞ୍ଚଳରେ ଅଧିକାଂଶ ଗରିବ ବାସ କରନ୍ତି। ସେମାନଙ୍କ ମଧ୍ୟରୁ ଦାରିଦ୍ର୍ୟ ସୀମାରେଖା ତଳେ ଥିବା ୩୧ ପ୍ରତିଶତ ଲୋକ ମଧ୍ୟ ଗ୍ରାମାଞ୍ଚଳରେ ବାସ କରନ୍ତି। ସୁଖର କଥା ଯେ କୃଷିର ବିକାଶ ପାଇଁ ସରକାର ବିଭିନ୍ନ ପଦକ୍ଷେପ ନେଇଛନ୍ତି। କୃଷି ବିଭାଗ ପକ୍ଷରୁ କୁହାଯାଇଛି ଯେ କୃଷି ଉତ୍ପାଦନ ଦୁଇଗୁଣ ବୃଦ୍ଧି ହୋଇଛି ଏବଂ ଓଡ଼ିଶା ଏ ଦିଗରେ ପ୍ରଥମ। ଜଳସେଚନ ସୁବିଧା ମଧ୍ୟ ଗତ ୩-୪ ବର୍ଷ ମଧ୍ୟରେ ବୃଦ୍ଧି ପାଇଛି ଏବଂ ଆସନ୍ତା ତିନି ବର୍ଷ ମଧ୍ୟରେ ଅଧିକ ୬ଲକ୍ଷ ହେକ୍ଟର ଚାଷ ଜମିକୁ ଜଳସେଚନ ସୁବିଧା ଦିଆଯିବ। ଦୀର୍ଘଦିନର ଆଶା ପୂର୍ଣ୍ଣ ହେବ ରେଙ୍ଗାଲି ପ୍ରକଳ୍ପ କାର୍ଯ୍ୟକାରୀ ହେଲେ। ଆସନ୍ତା ବର୍ଷଠାରୁ ଏଥିରୁ ଚାଳିଶ ହଜାର ହେକ୍ଟର ଜଳସେଚିତ ହେବ। ଏସବୁରୁ ସୂଚନା ମିଳୁଛି ଯେ ଗ୍ରାମାଞ୍ଚଳର ଦାରିଦ୍ର୍ୟ ହ୍ରାସ ପାଉଛି କିନ୍ତୁ ଅସଲ କଥା ହେଉଛି ଯେ ରାଜ୍ୟରେ କୃଷିର ବିକାଶ ଅନ୍ୟ ରାଜ୍ୟମାନଙ୍କ ସହିତ ସମକକ୍ଷ ନହେବାର କାରଣ ହେଉଛି ଯେ ରାଜ୍ୟର ୮୫ ଭାଗ ନାମକୁମାତ୍ର ଚାଷୀ ଅଛନ୍ତି ଏବଂ ଅନ୍ୟ ସମସ୍ତେ ଜମିର ମାଲିକ। ଯେଉଁମାନେ ଜମିର ମାଲିକ ନୁହନ୍ତି ସେମାନଙ୍କ ହାତରେ ଚାଷର ଦାୟିତ୍ୱ ରହୁଥିବାରୁ କୃଷି ବିକାଶ ନିମନ୍ତେ ନାମକୁମାତ୍ର ଚାଷୀମାନେ ଅଧିକ ଜମିକୁଜଳଯୋଗାଣ, ଉତ୍ତମ ବିହନ ପ୍ରୟୋଗ, ଅଧିକ ସାର ବିନିଯୋଗ ଓ କୀଟନାଶକ ବ୍ୟବହାର ପାଇଁ ନାମକୁ ମାତ୍ର ଚାଷୀମାନଙ୍କ ହାତରେ ଅର୍ଥ ନାହିଁ। ତେଣୁ ଏହି ନାମକୁମାତ୍ର ଚାଷୀମାନେ ସରକାରୀ ସୂତ୍ରରୁ ହେଉ ବା ବ୍ୟବସାୟୀ ସୂତ୍ରରୁ ହୋଇ ଋଣ କରିବାକୁ ବାଧ୍ୟ ହୁଅନ୍ତି ଅଧିକ ଅମଳ କରିବା ପାଇଁ। ଓଡ଼ିଶା ହେଉଛି ଏକମାତ୍ର ଖାଉଟି ରାଜ୍ୟ ଯେଉଁଠାରେ ଅଧିକ ଲୋକ ରାଜ୍ୟ ବାହାରୁ ଆସୁଥିବା ସାମଗ୍ରୀ ଉପରେ ନିର୍ଭର କରନ୍ତି। ଧାନ, ମକା, କିଛି ପରିବା, ଦୁଗ୍ଧ, କିଛି ଫଳମୂଳ ବାଦ ଦେଇ ଆଉ ସବୁ ଜିନିଷ ବାହାର ରାଜ୍ୟରୁ ଓଡ଼ିଶାକୁ ଆସିଥାଏ। ଓଡ଼ିଶାର କୃଷକମାନଙ୍କ ମଧ୍ୟରେ ୮୫ଭାଗ ଲୋକ ନାମକୁମାତ୍ର ଚାଷୀ ହେଉଥିବାରୁ କୃଷି ଉତ୍ପାଦନ ସେମାନଙ୍କର ଆର୍ଥିକ ଅବସ୍ଥା ଓ ଜଳ, ସାର, ଉତ୍ତମ ବୀଜ ଇତ୍ୟାଦିର ପ୍ରୟୋଗ ଉପରେ ନିର୍ଭର କରେ। ଏହି ନାମକୁ ମାତ୍ର ଚାଷୀମାନଙ୍କ ହାତରେ ଅର୍ଥ ନାହିଁ ଯଦ୍ୱାରା ସେମାନେ କୃଷି ଅଧିକ ଉତ୍ପାଦନକ୍ଷମ କରିବା ପାଇଁ ଋଣ ଆଣି ତାହାର ସଦୁପଯୋଗ କରିବେ। ଯେଉଁ କେତେକ କୃଷକ ଋଣ ପରିଶୋଧ କରିନପାରି ଆତ୍ମହତ୍ୟା କରୁଛନ୍ତି ସେମାନଙ୍କର ପରିବାରର ଆବଶ୍ୟକତା ଧାନ ଓ ଅନ୍ୟାନ୍ୟ ସାମଗ୍ରୀ ବିକ୍ରି କରି ପରିଶୋଧ କରିବା ସମ୍ଭବ ହେଉନାହିଁ। ବନ୍ୟା, ବାତ୍ୟା, ମରୁଡ଼ି ଯୋଗୁଁ ଫସଲ ନଷ୍ଟ ହେଉଛି। ଏହାର ସ୍ଥାୟୀ ପ୍ରତିକାର ହେଉନାହିଁ। ଫଳ, ପରିବା, ମାଛ, ଅଣ୍ଡା, କୁକୁଡ଼ା ଓ ଅନ୍ୟାନ୍ୟ ଘରକରଣା ସମାଗ୍ରୀ, ଲୁଗା, ଲୁଙ୍ଗି, ଗାମୁଛାର ଇତ୍ୟାଦି ପ୍ରାୟ ଜିନିଷ ଓଡ଼ିଶାବାସୀଙ୍କୁ କ୍ରୟ କରିବାକୁ ପଡ଼ିଥାଏ। ଫଳରେ ଧାନ, ମକା ଆଉ ଅନ୍ୟାନ୍ୟ କିଛି ସାମଗ୍ରୀ ବିକ୍ରି କରି ସେମାନେ ଯାହା ଉପାର୍ଜନ କରନ୍ତି ବାହାରୁ ଆସୁଥିବା ସାମଗ୍ରୀ କ୍ରୟ କରିବା ଦ୍ୱାରା ହାତରେ ଅର୍ଥ ରହେନାହିଁ। ଗତ କେତେବର୍ଷ ଧରି ଚାଷୀମାନଙ୍କର ଆୟ ଦୁଇଗୁଣ ବଢୁଥିବାରୁ ଆତ୍ମହତ୍ୟା କରୁଥିବା ଚାଷୀମାନଙ୍କର ସଂଖ୍ୟା କମିଛି ଏବଂ ତା ସହିତ ଚାଷୀମାନଙ୍କର ସମସ୍ୟା ମଧ୍ୟ କେତେକାଂଶରେ ସମାଧାନ ହୋଇଥିବ। କିନ୍ତୁ ମୂଳକଥା ହେଉଛି ଯେ ଓଡ଼ିଶା୮୫ ପ୍ରତିଶତ ଚାଷୀ ଯଦି ନାମକୁମାତ୍ର ଚାଷ ଉପରେ ନିର୍ଭର କରୁଛନ୍ତି ତେବେ କୃଷି ଉତ୍ପାଦନ ବୃଦ୍ଧି କରିବା ସତ୍ତ୍ୱେ ସମସ୍ୟାର ସମାଧାନ ହୋଇପାରୁନାହିଁ। ମୂଳ ପ୍ରସଙ୍ଗ ହେଉଛି ଯେ ଭାଗଚାଷୀଙ୍କ ସଂଖ୍ୟା ବଢୁଥିବାରୁ ଏବଂ ପ୍ରକୃତ ଚାଷୀଙ୍କ ହାତରେ ଜମି ନଥିବାରୁ ଜମିରୁ ଅଧିକ ଫସଲ ଉତ୍ତାରିବା ପାଇଁ ଋଣକରି ଜଳ, ବିହନ, ସାର କ୍ରୟ କରିବା ପାଇଁ ସେ ସାହାସ କରିପାରୁନାହିଁ। କାରଣ ଓଡ଼ିଶାରେ ବନ୍ୟା, ମରୁଡ଼ି, ବାତ୍ୟା ଗୋଟିଏ ପରେ ଗୋଟିଏ ଲାଗି ରହିଥାଏ। ଏଥିରୁ ବୁଝିବାକୁ ହେବ ଯେ ଭାଗଚାଷ ପ୍ରଥାର ସଂସ୍କାର ଜରୁରୀ ଏବଂ ଚାଷୀ ଯେ ପର୍ଯ୍ୟନ୍ତ ଜମିର ମାଲିକ ହୋଇନାହିଁ, ସେ ପର୍ଯ୍ୟନ୍ତ ସେ ଚାଷ ପାଇଁ ସବୁ ସମ୍ବଳ ଖର୍ଚ୍ଚ କରିପାରିବନାହିଁ। ଗତ ଦଶବର୍ଷ ମଧ୍ୟରେ ଯଦି ଆମ୍ବ, ସପେଟା, ଲିଚୁ, ଅମୃତଭଣ୍ଡା ଇତ୍ୟାଦି ଉତ୍ପାଦନ ଆଶାନୁରୂପ ବଢ଼ିଥାଏ ଏବଂ ସେହିପରି ମାଛ, କୁକୁଡ଼ା, ଅଣ୍ଡା ଇତ୍ୟାଦିର ଆମଦାନୀ କିଛି ପରିମାଣରେ କମିଥାଏ ତେବେ ଚାଷୀକୁ ତା ସମସ୍ୟା ପାଇଁ ଦୋଷ ଦେଇହେବନାହିଁ। କାରଣ ତା ପାଖରେ ଅର୍ଥ ନାହିଁ କି ସେ ଜମିର ମାଲିକ ନୁହେଁ। ଗତ ୨-୩ ବର୍ଷ ଧରି ଚାଷୀମାନଙ୍କୁ ସ୍ୱାସ୍ଥ୍ୟବୀମା ଯୋଗାଇ ଦିଆଯାଉଛି ଏବଂ ଏହା ଏକ ସକରାତ୍ମକ ପଦକ୍ଷେପ। କିନ୍ତୁ ପ୍ରାକୃତିକ ବିପତ୍ତିରୁ ଚାଷୀକୁ ଯେଉଁସବୁ ସମସ୍ୟାକୁ ସାମନା କରିବାକୁ ପଡୁଛି ସେ ବିଷୟରେ ସମାଧାନର ଶକ୍ତି ତା ହାତରେ ନାହିଁ। ବଳକା ଫଳମୂଳ ସାଇତି ରଖିବା ପାଇଁ ଶୀତଳଭଣ୍ଡାର ଅଭାବ ରହିଛି। ଫଳ ପ୍ରକ୍ରିୟାକରଣ ମଧ୍ୟ ସହଜ ହେଉନାହିଁ। ଜଳସଚେନର ସୁବ୍ୟବସ୍ଥା ଉତ୍ତମ ବିହନ, କୀଟନାଶକ ଓ ସାର ଉପଯୋଗ ପାଇଁ ତା ହାତରେ ଯଦି କିଛି ପାଣ୍ଠି ନରହେ ତେବେ କୃଷିର ସହିତ ଆନୁସଙ୍ଗିକ ଧନ୍ଦାଗୁଡ଼ିକର ବିକାଶ କରିବା ସମ୍ଭବ ହେବ ନାହିଁ। ତାହା ନହେଲା ପର୍ଯ୍ୟନ୍ତ ଗ୍ରାମାଞ୍ଚଳରୁ ଦାରିଦ୍ର୍ୟ ଦୂରୀକରଣ ଦୂର କରିବା ସମ୍ଭବ ନୁହେଁ। **(ସୌଜନ୍ୟ: ନାରାୟଣ ଚନ୍ଦ୍ର ବିଶ୍ୱାଳ, କଟିକଟା, ମଙ୍ଗଳପୁର, ଯାଜପୁର, ଦୂରଭାଷ: ୯୪୩୮୨୭୬୭୬୦)**

## ବଚସାକୁ କେନ୍ଦ୍ରକରି ପଥରରେ ଛେଚି ନୃଶଂସ ହତ୍ୟା



କେନ୍ଦୁଝର (ପିଏନ୍): କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ବ୍ଲକ ଦୈତାରୀ ଥାନା ଅନ୍ତର୍ଗତ ରେବଣା ଗ୍ରାମରେ ପଥରରେ ଛେଚି ଯୁବକଙ୍କୁ ହତ୍ୟା ଅଭିଯୋଗ ହୋଇଛି। ମିଳିଥିବା ଖବର ଅନୁଯାୟୀ ବରେଇଗୋଡାଠାରୁ ଦୈତାରୀ ଯିବା ରାସ୍ତାରେ ରେବଣା ଛକ ନିକଟରେ ରେବଣା ଗ୍ରାମର ଡବର ମାଝୀ (୨୭)ଙ୍କୁ ଦୁର୍ବୃତ୍ତ ପଥରରେ ଛେଚି ନୃଶଂସ ଭାବେ ହତ୍ୟା କରିଛି। ଏହି ଘଟଣାରେ ପୋଲିସ ଉକ୍ତ ଗ୍ରାମର ଜିତେନ୍ଦ୍ର ଦେହୁରୀଙ୍କୁ ଅଟକ ରଖିଥିବା ସହ ସଂପୃକ୍ତ ସ୍କୁଟରକୁ ଜବତ କରିଛି। ଡବର ମାଝୀଙ୍କ ଶବ ପଡିଥିବା ଦେଖି ଲୋକମାନେ ପୋଲିସ୍‌କୁ ଖବର ଦେଇଥିଲେ। ମୃତଦେହ ରାସ୍ତା ମଝିରେ ପଡିଥିବାରୁ ଯାନବାହାନ ଚଳାଚଳ କିଛି ସମୟ ପାଇଁ ବାଧାପ୍ରାପ୍ତ ହୋଇଥିଲା। ସୂଚନା ଅନୁଯାୟୀ ଡବର ମାଝୀ ନିଜ ପୁତୁରାଙ୍କ ସହିତ ହରିଚନ୍ଦନପୁର ହଙ୍କଳର ଯାଇ ଘରକୁ ଫେରିବା ପରେ ପୁନର୍ବାର ବାହାରକୁ ଯାଇ ଫେରି ନଥିଲେ। ହତ୍ୟାର କାରଣ ଅସ୍ପଷ୍ଟ ରହିଥିବାବେଳେ ପୋଲିସ ତଦନ୍ତ ପରେ ସତ୍ୟତା ଲୋକଲୋଚନକୁ ଆସିବ। ଘଟଣାକୁ ନେଇ ଘଟଗାଁ ଏସ୍‌ଡିପିଓ ରବିନ୍ଦ୍ର ମଲ୍ଲିକ ଓ ଥାନା ଅଧିକାରିଣୀ ସସ୍ମିତା ଖିଲାର ଘଟଣାସ୍ଥଳରେ ପହଂଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ଆନନ୍ଦପୁର ଉପଖଣ୍ଡ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଥିବା ସହ ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି।

# ଭାରତର ଇ-ଆବର୍ଜନା



ଭୁବନେଶ୍ୱର (ପିଏନ୍): ବର୍ତ୍ତମାନ ପୃଥିବୀ ଲାଗି ଯେଉଁ ଆବର୍ଜନାର ପାହାଡ଼ ଏକ ସମସ୍ୟା ସୃଷ୍ଟି କରିବାକୁ ଯାଉଛି ତାହା ହେଲା ଇଲେକ୍ଟ୍ରୋନିକ ଆବର୍ଜନା। ଏହି ଆବର୍ଜନାକୁ ଇ-ଆବର୍ଜନା ବୋଲି କୁହାଯାଉଛି। ଏହି ଆବର୍ଜନାର ପାହାଡ଼ର ଉଚ୍ଚତା ପ୍ରତି ବର୍ଷ ବଢୁଥିବା ଏବେ ଚିନ୍ତାର କାରଣ ହୋଇଛି। ଏ ଆବର୍ଜନା ସୃଷ୍ଟି କରିବାରେ ଯେଉଁ ଦେଶଗୁଡ଼ିକ ଅଗ୍ରଣୀ, ସେମାନଙ୍କ ଭିତରେ ଭାରତ ବି ଅନ୍ୟତମ। ଜାତିସଂଘ ଦ୍ୱାରା ପ୍ରସ୍ତୁତ ଏକ ରିପୋର୍ଟ ଅନୁସାରେ ୨୦୧୪ରେ ଇ-ଆବର୍ଜନା ସୃଷ୍ଟି କରିଥିବା ଦେଶ ମାନଙ୍କ ଭିତରେ ଭାରତର ସ୍ଥାନ ପଞ୍ଚମ। ଏଥିରେ ଯେଉଁ ଚାରିଟି ଦେଶ ଭାରତ ଠାରୁ ଆଗରେ ଅଛନ୍ତି ସେଗୁଡ଼ିକ ହେଲେ ଯୁକ୍ତରାଷ୍ଟ୍ର ଆମେରିକା, ଚୀନ, ଜାପାନ ଓ ଜର୍ମାନୀ। ଗତ ବର୍ଷ ସାରା ପୃଥିବୀ ସୃଷ୍ଟି କରିଥିଲା ୪୧.୭ ଟନ୍ ଇ-ଆବର୍ଜନା। ପୃଥିବୀର ସବୁ ମହାଦେଶ ଭିତରେ ଏସିଆ ମହାଦେଶର ସ୍ଥାନ ଏକ ନମ୍ବର। ଏସିଆରେ ସୃଷ୍ଟି ହୋଇଥିବା ଇ-ଆବର୍ଜନାର ପରିମାଣ ହେଉଛି ପ୍ରତି ବ୍ୟକ୍ତି ପିଛା ୩.୭ କିଲୋଗ୍ରାମ। ଗତବର୍ଷ ଭାରତ ସୃଷ୍ଟି କରିଥିବା ଇ-ଆବର୍ଜନାର ପରିମାଣ ହେଉଛି ୧.୭ଟନ୍। ସାଧାରଣତଃ ଧରି ନିଆଯାଏ ଯେ ମୋବାଇଲ ଫୋନ୍, କମ୍ପ୍ୟୁଟର, ପ୍ରିଣ୍ଟର ଆଦି ଭଳି ଏବର ବହୁଳ ଭାବେ ବ୍ୟବହୃତ ଇଲେକ୍ଟ୍ରୋନିକ୍ସ ପଦାର୍ଥର ଭାଗ ଇ-ଆବର୍ଜନାରେ ସବୁଠାରୁ ଅଧିକ। ମାତ୍ର ତାହା ଠିକ୍ ନୁହେଁ। ଏଭଳି ସାମଗ୍ରୀର ଭାଗ ହେଉଛି ମାତ୍ର ୭ ପ୍ରତିଶତ। ଯେଉଁ ପଦାର୍ଥଗୁଡ଼ିକ ଇ-ଆବର୍ଜନାର ୬୦ ପ୍ରତିଶତ ଭାଗ ଅକ୍ତିଆର କରିଛନ୍ତି ସେଗୁଡ଼ିକ ହେଲେ ଭେକୁମ୍ କ୍ଲିନର୍, ୱାସିଂ ମେସିନ୍, ରୋଷେଇ ଘରେ ବ୍ୟବହୃତ ହେଉଥିବା ଟୋଷ୍ଟର ବା ମାଇକ୍ରୋୱେଭ୍ ଭଳି ବଡ଼ ବଡ଼ ଉପକରଣ। ଭାରତ ହେଉ ବା ଚୀନ ହେଉ ବା ଜାପାନ; ଦେଖାଯାଉଛି ଯେ ରୋଷେଇ ଘରେ ବା ଗାଧୁଆଘରେ ବ୍ୟବହୃତ ହେଉଥିବା ବୈଦ୍ୟୁତିକ ଉପକରଣ ସବୁ ବର୍ଷେ ବା ଦୁଇ ବର୍ଷର ବ୍ୟବହାର ପରେ ଇ-ଆବର୍ଜନାରେ ପରିଣତ ହେଉଛନ୍ତି। ଲୋକଙ୍କ ଆର୍ଥିକ ମାନଦଣ୍ଡରେ ଉନ୍ନତି ଏବଂ ପରିବର୍ତ୍ତିତ ଜୀବନ ଶୈଳୀର ଚିହ୍ନ ରୂପେ ଘରମାନଙ୍କରେ ବ୍ୟବହୃତ ବୈଦ୍ୟୁତିକ ଏବଂ ଇଲେକ୍ଟ୍ରୋନିକ୍ସ ଉପକରଣର ସଂଖ୍ୟା ବଢ଼ିବାରେ ଲାଗିଛି। କେବଳ ସେତିକି ନୁହେଁ, ପ୍ରଯୁକ୍ତିର ମୁହୂର୍ମୁହୂ ବିକାଶ ଫଳରେ ଆଜିର ଜିନିଷ କାଲିକୁ ପୁରୁଣା ହୋଇ ଘରମାନଙ୍କରୁ ବିସ୍ଥାପିତ ହୋଇଯାଉଛନ୍ତି। ସେଗୁଡ଼ିକ ଅଳିଆ ଗଦାରେ ସ୍ଥାନ ପାଉଛନ୍ତି। ଭାରତର ରକ୍ଷଣଶୀଳ ସମାଜ ଆଗରୁ ଯେ କୌଣସି ପଦାର୍ଥକୁ ସହଜରେ ଅଳିଆ ଗଦାରେ ଫିଙ୍ଗି ଦେଉ ନଥିଲା। କୌଣସି ପଦାର୍ଥର ସର୍ବଶେଷ ବ୍ୟବହାର ଯୋଗ୍ୟତା ଥିବା ପର୍ଯ୍ୟନ୍ତ ବିଭିନ୍ନ ପ୍ରକାରେ ତାକୁ ବ୍ୟବହାରରେ ଲଗାଯାଉଥିଲା। କିନ୍ତୁ ବ୍ୟବହାର ଅନୁପଯୋଗୀ ହେଉ ବା ନହେଉ ପୁରୁଣା ଜିନିଷକୁ ଫୋପାଡ଼ି ଦେଇ ନୂଆ ରଖିବାର ସଂସ୍କୃତିର ବିକାଶ ପରେ ଭାରତରେ ଇ-ଆବର୍ଜନାର ପରିମାଣ ବୃଦ୍ଧି ପାଇବାରେ ଲାଗିଛି। ଭବିଷ୍ୟତ ଲାଗି ଇ-ଆବର୍ଜନା ଯେ ଏକ ବିରାଟ ସମସ୍ୟାରେ ପରିଣତ ହେବ ଏଥିରେ ସନ୍ଦେହ ନାହିଁ। ଏହା ପରିବେଶ ପ୍ରଦୂଷଣର ଏକ ବଡ଼ କାରଣ ରୂପେ ଛିଡ଼ା ହେବ। ଏହା ବି ସତ ଯେ ଏବର ଜୀବନ ଶୈଳୀ ଏବଂ ଅଭ୍ୟାସ ବଦଳିବାର କୌଣସି ସମ୍ଭାବନା ନ ଥିବାରୁ ଏ ସମସ୍ୟାର ତୀବ୍ରତା ହ୍ରାସ ହେବା ସହଜ ନୁହେଁ। ତେବେ ପୁନଃ ଚକ୍ରଣ ଜରିଆରେ ଏ ସମସ୍ୟାର ଆଂଶିକ ସମାଧାନ ହୁଏତ ସମ୍ଭବ। କିନ୍ତୁ ଭୋଗବାଦୀ ମାନସିକତାର ଏ ଲକ୍ଷଣ ପୃଥିବୀର ଭବିଷ୍ୟତକୁ ବିପନ୍ନ କରିବାର ଆଶଙ୍କା ଅମୂଳକ ନୁହେଁ। **(ସୌଜନ୍ୟ: ମୋହନ କୁମାର ଭଟ୍ଟ, ଭବାନୀପାଟଣା, ଦୂରଭାଷ: ୯୯୩୮୯୦୪୭୭୫)**

# ଓଡ଼ିଆର ଅସ୍ମିତା ମହାକବି ସାରଳା ଦାସ



ଖୋର୍ଦ୍ଧା (ପିଏନ୍): ଭାରତୀୟ ପ୍ରାଦେଶିକ ସାହିତ୍ୟ କ୍ଷେତ୍ରରେ ମହାକବି ସାରଳା ଦାସ ଏକ ଅପୂର୍ବ ବିସ୍ମୟ। କୋଣାର୍କ ଶିଳାଗାତ୍ରରେ ଓଡ଼ିଆ ଶିଳ୍ପୀର ସର୍ବୋଚ୍ଚ କଳାକୁଶଳତା ପ୍ରଦର୍ଶିତ ହୋଇ ବିଶ୍ୱବାସୀଙ୍କୁ ଆକୃଷ୍ଟ କଲାଭଳି ଅକ୍ଷର କୀର୍ତିର ଅମ୍ଳାନ ନିଦର୍ଶନ ସାରଳା ମହାଭାରତ ହେଉଛି ଓଡ଼ିଆ ଜାତିର ଐଶ୍ୱର୍ଯ୍ୟ, ଭାରତୀୟ ସାହିତ୍ୟର ଅତୁଲ୍ୟ ସମ୍ପଦ। ଏମ୍.ବି.ସି. ଟିଭି ଓ ଖୋରଧା ସାହିତ୍ୟ ସଂସଦ ଆନୁକୂଲ୍ୟରେ ଆୟୋଜିତ ସାରଳା ଦାସ ଓ ଶାସ୍ତ୍ରୀୟ ଓଡ଼ିଆ ଭାଷା ଆଲୋଚନା ଚକ୍ରରେ ଅତିଥିମାନେ ଏହା ବ୍ୟକ୍ତ କରିଛନ୍ତି। ଖୋରଧା ସାହିତ୍ୟ ସଂସଦର ସଭାପତି ପ୍ରାଧ୍ୟାପକ ଗୋପାଳକୃଷ୍ଣ ଦାସଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ଏମ୍.ବି.ସି. ଟିଭିର ଜିଲା ପ୍ରତିନିଧି ନାରାୟଣ ମହାନ୍ତି ସ୍ୱାଗତ ଭାଷଣ ଦେଇଥିଲେ। ସମ୍ପାଦକ ଡ. ଧୀରେନ୍ଦ୍ର ନନ୍ଦ ଅତିଥି ପରିଚୟ କରିଥିଲେ। ପୂର୍ବାହ୍ନରେ ଆୟୋଜିତ ପଦଯାତ୍ରାକୁ ସମାଜସେବୀ ରାମଶଙ୍କର ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ବିଶିଷ୍ଟ କଥାକାର ଡ. ପଦ୍ମଜ ପାଳ, ମୁଖ୍ୟବକ୍ତା ଶିକ୍ଷାବିତ୍ ଡ. ପତିତପାବନ ଦଳାଇ, ସମାଲୋଚକ ଡ. ସସ୍ମିତା ପଟ୍ଟନାୟକ, ଡ. ପ୍ରବୀଣ ମିଶ୍ର, ଡ. ମିଥୁନ ଚନ୍ଦ୍ର ଦେ, ଗାଳ୍ପିକ ପ୍ରିୟରଂଜନ ପଟ୍ଟନାୟକ ପ୍ରମୁଖ ସାରଳା ସାହିତ୍ୟର ଦିଗଦିଗନ୍ତ ସମ୍ପର୍କରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଏମ୍.ବି.ସି. ଟିଭିର ମୁଖ୍ୟ ସମ୍ପାଦକ ଶ୍ରୀ ବିଶ୍ୱନାଥ ଶତପଥୀ, ବାର୍ତ୍ତା ସମ୍ପାଦକ ଲିଙ୍ଗରାଜ ମିଶ୍ର ସାରା ରାଜ୍ୟରେ ଚାଲିଥିବା ସାରଳା ବିଶ୍ୱଭାଷା ଆଲୋଚନା ଚକ୍ର ଓ ଓଡ଼ିଆ ଭାଷା ସୁରକ୍ଷା ଅଭିଯାନ ସମ୍ପର୍କରେ ଅବତାରଣା କରିଥିଲେ। ଆଲୋଚନାରେ ଡ. ବୃନ୍ଦାବନ ପଣ୍ଡା, ଡ. ପ୍ରମୋଦ ଚନ୍ଦ୍ର ଦାସ, ଡ. ପ୍ରଫୁଲ୍ଲ କୁମାର ସାମନ୍ତରାୟ, ସମରଜିତ୍ ପଟ୍ଟନାୟକ, ଆରତୀ ମଞ୍ଜରୀ ଦାଶ, ଚପଳା ପଣ୍ଡା, ଲକ୍ଷ୍ମୀଧର ବଡ଼ଜେନା ପ୍ରମୁଖ ଅଂଶଗ୍ରହଣ କରିଥିଲେ। ପ୍ରାଣନାଥ ରୋଭର ରେଂଜର, ମହିଳା ମହାବିଦ୍ୟାଳୟ, ଇନ୍ଦିରା ପବ୍ଲିକ୍ ସ୍କୁଲର ଛାତ୍ରଛାତ୍ରୀମାନେ ସାମରିକ କ୍ରୀଡ଼ା କୌଶଳ ପାଇକ ଆଖଡ଼ା ପ୍ରଦର୍ଶନ କରିଥିଲେ। ସଂଗଠନର ସମ୍ପାଦକ ଶ୍ରୀ ବିଭୁ ପ୍ରସାଦ ହରିଚନ୍ଦନ ଧନ୍ୟବାଦ ଅର୍ପଣ କରିଥିଲେ।


# DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS/ASTROLOGERS/VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Pragyan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# କେଡିଏମ୍ ସୁପର ଟେନ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟରେ ଜାବରା ଓ ପଟୁଣିଆ ବିଜୟୀ



କଳ୍ପତରୁ ଦାସ ନ୍ୟାସ୍‌ନ୍ୟାଲ ଫାଉଣ୍ଡେସନ୍ ପକ୍ଷରୁ ୫ମ କେଡିଏମ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ କଳ୍ପତରୁ ଦାସ ଷ୍ଟାଡିୟମ୍ ଠାରେ ସୁପର ଟେନ୍‌ରେ ପ୍ରବେଶ କରିଥିବା ଟିମ୍ ମଧ୍ୟରୁ ଆଜି ଦୁଇଗୋଟି ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ପ୍ରଥମ ମ୍ୟାଚ୍‌ରେ ଜାରକା ଦଳ ୩୩ ରନ୍‌ର ରାଇଛନ୍ଦକୁ ପରାସ୍ତ କରି ବିଜୟ ହୋଇଥିଲା। ଟର୍ଚ୍ଚରେ ଜିତି ଜାବରା ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭର ଖେଳି ୬ ୱିକେଟ୍‌ରେ ୧୬୨ ରନ୍ କରିଥିଲା। ଦଳ ପକ୍ଷରୁ କ୍ରାନ୍ତି ଶଙ୍କରଙ୍କ ଧୂଆଁଧାର ୨୫ବଲରେ ୪୭ରନ୍, ରାକେଶ ପଣ୍ଡା ୨୦ବଲରେ ୩୯ରନ କରିଥିବା ବେଳେ ବିପକ୍ଷ ଦଳ ବୋଲିଂରେ ରତ୍ନାକର ପ୍ରଧାନ ୩ଟି, ବାସୁଦେବ ୪ଟି ୱିକେଟ୍ ଦଖଲ କରିଥିଲେ। ଏହାର ଜବାବରେ ରାଇଛନ୍ଦା ଦଳ ନିର୍ଦ୍ଧାରିତ ୧୫ ଓଭର ଖେଳି ୯ ୱିକେଟ୍ ହରାଇ ୧୨୯ରନ୍ କରିବାକୁ ସକ୍ଷମ ହୋଇଥିଲା। ବୋଲିଂରେ ଜାବରା ଦଳ ପକ୍ଷରୁ ବିଭୁତି ପୃଷ୍ଟି, ପ୍ରଭାସ ସାହୁ ପ୍ରତ୍ୟେକ ଦୁଇଟି ଲେଖାଏଁ ୱିକେଟ୍ ନେଇଥିଲେ। ଏହି ଖେଳକୁ ଇନ୍ତିକା ଆଲାମ୍, ସୁବ୍ରତ ପାଲ୍, ବାସୁଦେବ ମିଶ୍ର, ପ୍ରକାଶ ଧଳ ପରିଚାଳନା କରିଥିବା ବେଳେ ଦ୍ୱିତୀୟ ମ୍ୟାଚ୍ ପଟୁଣିଆ ଓ ଆରୁହା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଟର୍ଚ୍ଚରେ ଜିତି ପଟୁଣିଆ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇ ନିର୍ଦ୍ଧାରିତ ୧୫ ଓଭର ଖେଳି ସମସ୍ତ ୱିକେଟ ବିନିମୟରେ ୧୩୦ ରନ କରିଥିଲା। ଦଳ ପକ୍ଷରୁ ବିକ୍ରମ ପାଳ ୨୧ ବଲରେ ୪୭ ରନ, ପଙ୍କଜ ରାଉତ ୧୪ ବଲରେ ୩୦ ରନ କରିଥିଲେ। ଆରୁହା ଦଳ ପକ୍ଷରୁ ମକର ପ୍ରଧାନ ୩ଟି ଓ ସୁଭେନ୍ଦୁ ବେହେରା ୨ଟି ୱିକେଟ ନେଇଥିଲେ। ଏହାରେ ଜବାବରେ ଆରୁହା ଦଳ ୯ ୱିକେଟ ବିନିମୟରେ ୧୨୭ରନ କରିଥିଲା। ଦଳ ପକ୍ଷରୁ ଦୁର୍ଯ୍ୟୋଧନ ସ୍ୱାଇଁ ୨୮ ରନ, ଅବିନାଷ ପ୍ରଧାନ ୧୪ ରନ କରିଥିଲେ। ବୋଲିଂ ପକ୍ଷରୁ ସୂର୍ଯ୍ୟପ୍ରକାଶ ଦାସ ୪ଟି, ସଂଜୀବ ଦଳାଇ ଦୁଇଟି ୱିକେଟ ଦଖଲ କରିଥିଲେ। ଖେଳକୁ ବାସୁଦେବ ମିଶ୍ର ପ୍ରକାଶ ଧଳ ପରିଚାଳନା କରିଥିଲେ। ପଟୁଣିଆ ଦଳ ୩ରନରେ ବିଜୟ ହୋଇଥିଲା।

# ଶ୍ରଦ୍ଧାଦେବ ସିଂଦେବ ସିଂ ହେଲେ ରାଉରକେଲା ଏଡିଏମ

ରାଉରକେଲା,(ପିଏନ)–ନିକଟରେ ରାଜ୍ୟ ସରକାର ରାଉରକେଲା ଏଡିଏମ ଭାବେ ଆଇ ଏ ଏସ ଶ୍ରଦ୍ଧାଦେବ ସିଂ ଙ୍କୁ ନିଯୁକ୍ତି ଦେବା ଖବର ସହରରେ ପ୍ରଚାର ହେବା ପରେ ତାଙ୍କୁ ଓ ତାଙ୍କ ଶାସନ ପ୍ରଣାଳି କୁ ବୁଝୁଥିବା ଲୋକଙ୍କ ଭିତରେ ଖୁସିର ଲହରୀ ଖେଳିଯାଇଛି। ୨୦୧୪ ବ୍ୟାଚ ଆଇଏଏସ ଶ୍ରୀମତୀ ସିଂ ଅଳ୍ପ ଦିନତଳେ ବଣେଇ ଉପଖଣ୍ଡରେ ଉପଜିଲ୍ଲାପାଳ ଥିବା ସମୟରେ ଯାହା ସବୁ କାମ କରିଯାଇଛନ୍ତି ଓ ତାଙ୍କର ଶାସନ ଶୈଳିକୁ ନେଇ ଏବେ ଚର୍ଚ୍ଚା ଆରମ୍ଭ ହୋଇଛି।ବଡ କଥା ହେଲା ମାଡାମ ସିଂ ଲୋକ ମାନଙ୍କୁ ଅତି ସୁନ୍ଦର ଭାବେ ପ୍ରଥମେ ଶୁଣନ୍ତି,ତାପରେ ସମସ୍ତ କଥା ର ଉତର ମଧ ରଖନ୍ତି ଓ ସମସ୍ୟାର ସମାଧାନ ସେହିଯାଗାରେ କରିବାକୁ ଚେଷ୍ଟା କରନ୍ତି। ଜନସାଧାରଣରେ ହେଉଥିବା ସମସ୍ୟାର ସମାଧାନ ଲାଗି ସେ ଦିନ ରାତି କୁ ଏକ କରି କାମ ମଧ କରନ୍ତି। ପ୍ରଦୁଷଣ ସମସ୍ୟାର ସମାଧାନ ଲାଗି ମାଡାମ ସିଂ ବଣେଇରେ ଏକ ଆଖିଦୃଶିଆ କାମ କରି ଜିଲ୍ଲାରେ ରେକର୍ଡ କରିଯାଇଥିଲେ।ଏକ ସ୍ପଂଜ କାରଖାନା ପ୍ରଦୁଷଣ ରୋକିବାରେ ବିଫଳ ହେବାରୁ ସେ କାରଖାନାକୁ ସେ ନିଜେ ସିଲ କରିଥିଲେ।ଯାହା ଆଜିଯାଏ କୌଣସି ଜିଲ୍ଲପାଳ ମଧ କରିନଥିଲେ। ସେହିଭଳି ଘନ ଘନ ବିଜୁଳିକାଟ ପ୍ରତିବାଦରେ ବଣେଇବାସୀଙ୍କ ଅସନ୍ତୋଷକୁ ନେଇ ବିଭାଗୀୟ ଜେଇ ମାନଙ୍କୁ ବିଳମ୍ବିତ ରାତିଯାଏ ଖୋଜି ସମସ୍ୟାର ସମାଧାନ କରିବା ଖବର ସେତେବେଳେ ଜିଲ୍ଲାରେ ଚର୍ଚ୍ଚା ର ବିଷୟ ହୋଇଥିଲା।ମୋଟା ମୋଟି ସରକାରୀ କାମ ସଠିକ ଭାବେ କରୁଥିବା ଅଫିସର ଓ କର୍ମଚାରୀ ମାନଙ୍କ ଲାଗି ବର୍ତମାନ ତାଙ୍କ ସମୟରେ ବେଶ ସୁବିଧାଜନକ ସ୍ଥିତି ସୃଷ୍ଟି କରିବ ଓ ଠକ ମାନଙ୍କ ଲାଗି କାଳ ହେବ ବୋଲି ସାଧାରଣରେ ଚର୍ଚ୍ଚା ଚାଲିଛି।

# ପଂଚମ ଟାଟା ଷ୍ଟିଲ ସାହିତ୍ୟ ସମ୍ମେଳନ ହର୍ଷୋଲ୍ଲାସର ସହ ଉଦଯାପିତ




ଭୁବନେଶ୍ୱର: ରଚନାତ୍ମକ କଳାର ଉତ୍ସବ ପାଳନ କରିବାର ପ୍ରତିଶ୍ରୁତିକୁ ରକ୍ଷା କରି ଟାଟା ଷ୍ଟିଲ ଭୁବନେଶ୍ୱର ସାହିତ୍ୟ ସମ୍ମେଳନ (ଟିବିଏସଏଲଏମ)ର ପଂଚମ ସଂସ୍କରଣ ଆଜି ଉଦଯାପିତ ହୋଇଯାଇଛି। ସାହିତ୍ୟ ଠାରୁ ମଂଚ, ସଙ୍ଗୀତ ଠାରୁ ଚଳଚ୍ଚିତ୍ର ପର୍ଯ୍ୟନ୍ତ–ଟିଏସବିଏଲଏମ ଓଡ଼ିଶା ଓ ବାହାରର ଅନେକ କଳାକାରଙ୍କୁ ଏକତ୍ରୀତ କରି ବିଭିନ୍ନ ପ୍ରାସଙ୍ଗିକ ପ୍ରସଙ୍ଗକୁ ନେଇ ସଂପୃକ୍ତି ଭିତିକ ଓ ସମୃଦ୍ଧ ଅଧିବେଶନ ଆୟୋଜନ କରିଥିଲା।

ଓଡ଼ିଶାର ଭାଷା ଓ ସଂସ୍କୃତିକୁ ପାଳନ କରିବାର ପ୍ରତିଶ୍ରୁତି ଅନୁଯାୟୀ, ଟିଏସବିଏଲଏମର ଶେଷ ଅଧୀବେଶନରେ ଓଡ଼ିଆ କବିତାର ଉତ୍ସବ ପାଳନ କରାଯାଇଥିଲା। ଚିତ ରଂଜନ ମିଶ୍ର, ସୋନାଲି ସାହୁ ଓ ସରିତା ନାଏକଙ୍କ ଭଳି ସହରର ବିଶିଷ୍ଟ କଳାକାରଙ୍କୁ ନେଇ ଆୟୋଜନ କରାଯାଇଥିବା ଏକ ଅଧିବେଶନ ପରେ ଗାୟତ୍ରୀବାଳା ପଣ୍ଡା ଓ ମନୁ ଦାଶଙ୍କ ପ୍ରଦର୍ଶନ ଦେଖିବାକୁ ମିଳିଥିଲା। ଚନ୍ଦ୍ରହାସ ଚୌଧୁରୀଙ୍କ ଅର୍ଜି ଦି ଡ୍ୱର୍ଫର ଓଡ଼ିଆ ଅନୁବାଦ ଉପରେ ଦିବସର ପ୍ରାରମ୍ଭରେ ଆୟୋଜନ କରାଯାଇଥିବା ଏକ ଅଧିବେଶନକୁ ଶ୍ରୀଯୁକ୍ତ ଦାଶ ଶୁଭାରମ୍ଭ କରିଥିଲେ, ଏହି ପୁସ୍ତକଟି କମନୱେଲଥ ଫାଷ୍ଟ ବୁକ ଆୱାର୍ଡ ପାଇଁ ସର୍ଟଲିଷ୍ଟ ହୋଇଥିଲା। ଏହି ଦିବସର ଅନେକ ପ୍ରମୁଖ କାର୍ଯ୍ୟକ୍ରମ ମଧ୍ୟରୁ ଆନନ୍ଦ ନୀଳକାନ୍ତନଙ୍କ ଅଧିବେଶନରେ ମହାକାବ୍ୟଗୁଡ଼ିକର ଚରିତ୍ରମାନଙ୍କ ସହିତ ଆଧୁନିକ ପାଠକ କିଭଳି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା ଉପରେ ପର୍ଯ୍ୟବେସିତ ଥିଲା। ବିଶିଷ୍ଟ ଲେଖକ କୁନାଲ ବସୁ ତାଙ୍କର ନୂଆ ପୁସ୍ତକ "ସରୋଜିନିସ୍ ମଦର'ଙ୍କ ଉପରେ ଆଲୋଚନା କରିଥିବା ବେଳେ ସାରା ଦେଶର ଅଭିଳାଷକୁ ନେଇ ଅପରାଧିକ ମାମଲାର ରିପୋର୍ଟ ସଂଗ୍ରହ ବେଳର ସମୟକୁ ମନେ ପକାଇ ବିଶିଷ୍ଟ ସାମ୍ବାଦିକ ବଚି କକାରିଆ କାର୍ଯ୍ୟକ୍ରମ ଆୟୋଜିତ ସ୍ଥଳରେ ଉପସ୍ଥିତ ଦର୍ଶକମାନଙ୍କୁ ବିମୋହିତ କରିଥିଲେ। ରଚନାତ୍ମକ ଅନୁସନ୍ଧାନର ସମସ୍ତ ଭାବର ପ୍ରସାର କରୁଥିବା ଏହି ସାହିତ୍ୟ ମହୋତ୍ସବଟି ବିଶ୍ୱ କଲ୍ୟାଣ ରଥଙ୍କ ପ୍ରଦର୍ଶନ ସହିତ ଶେଷ ହୋଇଛି। ନିଜ ଅନୁକରଣୀୟ ବ୍ୟଙ୍ଗ ଶେଳୀରେ ଶ୍ରୀଯୁକ୍ତ ରଥ ନିଜ ପ୍ରଦର୍ଶନ ଜରିଆରେ ଶହ ଶହ ଲୋକଙ୍କୁ ବାନ୍ଧି ରଖିଥିଲେ ଓ ସେ ଆଜିର ଯୁବପିଢ଼ିଙ୍କ ସହ ସମ୍ପର୍କ ସ୍ଥାପନ କରିପାରୁଥିବା ପ୍ରସଙ୍ଗ ଉପରେ ନିଜର ପ୍ରଦର୍ଶନ ପର୍ଯ୍ୟବେସିତ କରିଥିଲେ।କାର୍ଯ୍ୟକ୍ରମର ଉଦଘାଟନ ଓ ଲର୍ଡ ମେଘନାଦ ଦେଶାଇଙ୍କ ପ୍ରମୁଖ ବକ୍ତବ୍ୟ ଓ ପଣ୍ଡିତ ହରି ପ୍ରସାଦ ଚୌରସିଆଙ୍କ ସମୃଦ୍ଧ ଜୀବନ ଠାରୁ ଆରମ୍ଭ କରି ବିଶିଷ୍ଟ ଅଭିନେତା ଅମୋଲ ପାଲେକରଙ୍କ ଚିତାକର୍ଷକ ପ୍ରଦର୍ଶନ ଏବଂ ପ୍ରିୟା ମଲ୍ଲିକଙ୍କ ନୂଆ ପିଢ଼ିର ସ୍ଲୋକନ ୱାର୍ଡ କବିତାକୁ ନେଇ ଟିଏସବିଏଲଏମର ବିଗତ ତିନି ଦିନରେ ଦର୍ଶକଙ୍କ ଭିଡ଼ ଜମିଥିଲା ଯେଉଁମାନେ ପ୍ରତିନିଧିଙ୍କ ସହିତ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ଅପ୍ରେଲ୍ ୯ରେ କେଏଲ୍ ଡିମ୍‌ଡି ବିଶ୍ୱବିଦ୍ୟାଳୟର ଦ୍ୱିତୀୟ ପର୍ଯ୍ୟାୟ ଅନ୍ ଲାଇନ୍ ଏନ୍‌ଟ୍ରାନ୍ସ୍




ଭୂବନେଶ୍ୱର (ପିଏନ)– ଆନ୍ଧ୍ରପ୍ରଦେଶର କେ.ଏଲ୍ ଡିମ୍‌ଡି ବିଶ୍ୱବିଦ୍ୟାଳୟ ପକ୍ଷରୁ ଭୂବନେଶ୍ୱରସ୍ଥ ହୋଟେଲ କଳିଙ୍ଗ ଅଶୋକାରେ କେ.ଏଲ୍. ଡିମ୍‌ଡି ବିଶ୍ୱବିଦ୍ୟାଳୟର ଅତିରିକ୍ତ ନିର୍ଦ୍ଦେଶକ ଡଃ. ଜେ. ଶ୍ରୀନିବାସ ରାଓଙ୍କ ଅଧ୍ୟକ୍ଷତାରେ ଆଜି ସନ୍ଧ୍ୟା ୫ ଘଟିକା ସମୟରେ ଏକ ସାମ୍ବାଦିକ ସମ୍ମଳନୀ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ ଥିବା ସମସ୍ତ ଗଣମାଧ୍ୟମର ପ୍ରତିନିଧିମାନଙ୍କୁ ଡଃ ରାଓ ସମ୍ମଳନୀର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବିଷୟରେ ଅବଗତ କରାଇବାକୁ ଯାଇ କହିଥିଲେ ଯେ, କେ.ଏଲ୍ ଡିମ୍‌ଡି ବିଶ୍ୱବିଦ୍ୟାଳୟ ସମଗ୍ର ଓଡିଶାରେ ଔପଚାରିକ ଭାବେ ଆଗାମୀ ମାସ ଏପ୍ରିଲ୍ ୯ ତାରିଖରୁ ଏପ୍ରିଲ୍ ୧୩ତାରିଖ ମଧ୍ୟରେ ଦ୍ୱିତୀୟ ପର୍ଯ୍ୟାୟ ଇଞ୍ଜିନିୟରିଂ ପ୍ରବେଶିକା ପରୀକ୍ଷା ସଂଚାଳନ କରିବା ସହ ଏହି ପରୀକ୍ଷାରେ ଯେଉଁ ପରୀକ୍ଷାର୍ଥୀମାନେ ଟପ୍ ର୍ୟାଙ୍କର ହୋଇଥିବେ , ଅର୍ଥାତ୍ ସବୁଠାରୁ ଉପରସ୍ତରରେ ନମ୍ବର ରଖିଥିବେ,ସେମାନଙ୍କୁ ଡିମ୍‌ଡି ବିଶ୍ୱବିଦ୍ୟାଳୟ ତରଫରୁ ୨୫ଲକ୍ଷ ଟଙ୍କା ପୁରସ୍କାର ସ୍ୱରୂପ ଦିଆଯିବ। ଏତଦ୍ ବ୍ୟତୀତ ମେଧାବୀ ଛାତ୍ରଛାତ୍ରୀମାନଙ୍କୁ ଶତକଡା ୧୦୦ପ୍ରତିଶତ ପର୍ଯ୍ୟନ୍ତ ସ୍କଲାରସିପ୍ ଦେବାର ବ୍ୟବସ୍ଥା କରାଯାଇଛି , ଯଦ୍ୱାରା ଯେଉଁ ଛାତ୍ରଛାତ୍ରୀମାନେ ଇଞ୍ଜିନିୟରିଂ ପଢିବାକୁ ଚାହୁଁଛନ୍ତି, ସେହି ଛାତ୍ରଛାତ୍ରୀଙ୍କ ପାଇଁ ଏହା ଅତ୍ୟନ୍ତ ଆବଶ୍ୟକ। ଏହି ପ୍ରବେଶିକା ପରୀକ୍ଷା ବିଷୟରେ ସୂଚନା ଦେବାକୁ ଯାଇ ଡଃ ରାଓ କହିଥିଲେ ଯେ, ଏହି ପରୀକ୍ଷା ପାଇଁ ଓଡିଶାର କଟକ, ଭୂବନେଶ୍ୱର , ବ୍ରହ୍ମପୁର, ସମ୍ବଲପୁର, ରାଉରକେଲା ଓ ପୁରୀ ଆଦି ଜିଲ୍ଲାରେ ପରୀକ୍ଷା କେନ୍ଦ୍ରମାନ ସ୍ଥାପନ କରାଯାଇଛି। ଦୀର୍ଘ ପାଂଚ ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି ପ୍ରବେଶିକା ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ଛାତ୍ରଛାତ୍ରୀମାନେ ଇଞ୍ଜିନିୟରିଂ ପାଠ୍ୟକ୍ରମର ସିଭିଲ୍, ମେକାନିକାଲ୍, ଇଲେକ୍ଟ୍ରିକାଲ୍, ପେଟ୍ରୋଲିୟମ୍ ଓ କମ୍ପ୍ୟୁଟରରେ ନାମ ଲେଖାଇବାକୁ ଯୋଗ୍ୟ ବିବେଚିତ ହେବେ। ଏଠାରେ ଉଲ୍ଲେଖ ଯୋଗ୍ୟ ଯେ ଗୁନ୍ଟୁର୍, ହାଇଦ୍ରାବାଦ୍ ଓ ବିଜୟୱାଡା କ୍ୟାମ୍ପସରେ ପାଖାପାଖି ୫୦ହଜାର ଛାତ୍ରଛାତ୍ରୀ ୪ ଦଶନ୍ଧୀ ଧରି ପାଠପଢାରେ କୃତିତ୍ୱ ଅର୍ଜନ କରିଆସୁଛନ୍ତି। ଏଠାରେ ପ୍ରକାଶ ଯୋଗ୍ୟ ଯେ, କେ.ଏଲ୍ ଡିମ୍‌ଡି ବିଶ୍ୱବିଦ୍ୟାଳୟ ନିକଟରେ ୟୁଜିସି ଓ ଏପ୍ଲସ୍ ନାକ୍ ମାନ୍ୟତା ଲାଭ କରିଛି। ତେଣୁ ଓଡିଶାର ଛାତ୍ରଛାତ୍ରୀ ତଥା ଅଭିଭାବକମାନେ ଏହି ସୁବର୍ଣ୍ଣ ସୁଯୋଗ ନ ହାରାଇ ଏହାର ସଦୁପଯୋଗ କରିବାକୁ ଅନୁରୋଧ କରୁଛୁ। ଏହି ପ୍ରବେଶିକା ପରୀକ୍ଷା ସମ୍ବନ୍ଧରେ ଅଧିକ ଜାଣିବା ପାଇଁ ଆମ ୱେବ୍ ସାଇଟ୍ www.kl.university.inକୁ ଲଗ୍ ଇନ୍ କରନ୍ତୁ ଅଥବା ୦୮୬୩ – ୨୩୯୯୯୯୯ରେ ଯୋଗାଯୋଗ କରନ୍ତୁ।

# ଅବସରକାଳୀନ ସମ୍ବର୍ଦ୍ଧନା ସଭା

କୋରେଇ, (ପିଏନ)– କୋରାଇ ବ୍ଲକ ଅନ୍ତର୍ଗତ ଗୌରପୁର ପଂଚାୟତର ଇଛାପୁରସ୍ଥିତ କୃନ୍ତଳା କୁମାରୀ ହାଇସ୍କୁଲର ପ୍ରଧାନ ଶିକ୍ଷକ ବିଦ୍ୟାଧର ମୁଦୁଲିଙ୍କ ଅବସର ଗତ ୩୧ ତାରିଖ ହୋଇଥିଲା। ଏଥି ନେଇ ବିଦ୍ୟାଳୟରେ ଆଜି ବିଦାୟ କାଳୀନ ସଭା ପୁରାତନ ଛାତ୍ର ସଂସଦ ଦ୍ୱାରା ଅନୁଷ୍ଠିତ ହୋଇଯାଇଛି। ସହଦେବ ସେନାପତି ବିବରଣୀ ପାଠ କରିଥବବା ବେଳେ ବିଜୟ କୁମାର ନନ୍ଦ ମାନପତ୍ର ପାଠ କରଇଥିଲେ।

# ନିରବଚ୍ଛିନ୍ନ, ନିସ୍ୱାର୍ଥପର ସାଧନାର ଦୂରଗାମୀ ଫଳ ରହିଛି

ଭୁବନେଶ୍ୱର,(ପିଏନ)– ସାମ୍ବାଦିକତାର ଦିଗ ବଦଳିଛି। ଏହା ବର୍ତମାନ କେବଳ ପ୍ରିଂଟ କିମ୍ବା ଇଲେକଟ୍ରୋନିକ୍ସ ମିଡିଆରେ ସୀମିତ ରହିନାହିଁ। ସୋସିଆଲ ମିଡିଆରେ ସାଧାରଣ ଲୋକେ ଯେଉଁଭଳି ଭାବେ ସକ୍ରିୟ ହେଉଛନ୍ତି ତାହା ବର୍ତମାନ ସାମ୍ବାଦିକଙ୍କ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିଛି। ଅନେକ ଗୁରୁତ୍ୱପୂର୍ଣ୍ଣ ଖବର ସୋସିଆଲ ମିଡିଆ ଯୋଗୁ ଲୋକଲୋଚନକୁ ଆସିପାରୁଛି। କୌଣସି ଗୋଟିଏ ବିଷୟକୁ ପ୍ରତିଷ୍ଠିତ କରିବାକୁ ନିରବଚ୍ଛିନ୍ନ ଏବଂ ନିସ୍ୱାର୍ଥପର ସାଧନା କଲେ ଏହାର ଦୂରଗାମୀ ଫଳ ମିଳିଥାଏ ବୋଲି ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ପଶ୍ଚିମବଙ୍ଗ,ଆସାମ, ଆଣ୍ଡାମାନ ନିକୋବର, ଓଡିଶାର କ୍ଷେତ୍ରକାର୍ଯ୍ୟବାହ ଅଧ୍ୟାପକ ଗୋପାଳ ପ୍ରସାଦ ମହାପାତ୍ର ପ୍ରକାଶ କରିଛନ୍ତି।

ସ୍ଥାନୀୟ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର ପରିସରରେ ବିଶ୍ୱ ସମ୍ବାଦ କେନ୍ଦ୍ର ଓଡ଼ିଶା ପକ୍ଷରୁ ଆୟୋଜିତ ରାଜ୍ୟସ୍ତରୀୟ ସାମ୍ବାଦିକ କର୍ମଶାଳା 'ପେନ୍ ଫର୍ ନେସନ'ରେ ଯୋଗଦେଇ ସେ କହିଲେ ଯେ, ସାମ୍ବାଦିକ କେବଳ ନିଜପାଇଁ ଲେଖିନୀ ଚାଳନା ନ କରି ରାଷ୍ଟ୍ରର ହିତ ପାଇଁ ଲେଖନୀ ଚାଳନା କରିବା ଦରକାର। ସାମ୍ବାଦିକତାକୁ ଗୋଟିଏ ଦିଗ ପ୍ରଦାନ କରି ଏହାକୁ ଗୋଟିଏ ସ୍ଥଳରେ ପହଂଚାଇବା ପାଇଁ କିଛି ଲୋକଙ୍କୁ ନିରବଚ୍ଛିନ୍ନ ସାଧନା କରିବାକୁ ପଡ଼ିବ। ସେଥିପାଇଁ ବିଶ୍ୱ ସମ୍ବାଦ କେନ୍ଦ୍ର ଏଭଳି କାର୍ଯ୍ୟକ୍ରମ ଆୟୋଜନ କରୁଛି। ଏହା ଦ୍ୱାରା କିଛି ଲୋକ ସାଧନାରେ ବ୍ରତୀ ହେବା ସହ ଏହାର ଦୂରଗାମୀ ପରିଣତି ଦେଖିବାକୁ ମିଳିବ। ସାମ୍ବାଦିକତା ପେଶା ନ ହୋଇ ଲେଖନୀ ଚାଳନା ଆମର ନିଶା ହେବା ଦରକାର। ସେଥିପାଇଁ ସାମ୍ବାଦିକମାନେ ରାଷ୍ଟ୍ର ସମ୍ପର୍କରେ ଅଧିକରୁ ଅଧିକ ଅଧ୍ୟୟନ କରିବା ଦରକାର ବୋଲି ସେ କହିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ରାଷ୍ଟ୍ରଦୀପର ପୂର୍ବତନ ସମ୍ପାଦକ ଜଗବନ୍ଧୁ ମିଶ୍ର ଯୋଗଦେଇ କହିଲେ ଯେ, ସାମ୍ପ୍ରତିକ ପରିସ୍ଥିତିରେ ସାମ୍ବାଦିକତା କ୍ଷେତ୍ରରେ ଅନେକ ଆହ୍ୱାନ ଦେଖାଦେଇଛି। ମାତ୍ର ସାମ୍ବାଦିକ ଏହି ସବୁ ଆହ୍ୱାନକୁ ସ୍ୱୀକାର କରି ରାଷ୍ଟ୍ରପ୍ରତି ମମତ୍ୱ ଭାବ ନିର୍ମାଣ ନ ହେବା ପର୍ଯ୍ୟନ୍ତ ରାଷ୍ଟ୍ରକୁ ନିଜର ବୋଲି ନ ଭାବିବା ପର୍ଯ୍ୟନ୍ତ ରାଷ୍ଟ୍ର ପାଇଁ ଲେଖନୀ ଚାଳନା ହେବନାହିଁ ବୋଲି କହିଥିଲେ। ସାମ୍ବାଦିକ ମାନେ ସମାଜରେ ଥିବା ସତ୍ୟକୁ ଉଜାଗର କରିବା ପାଇଁ ବ୍ରତୀ ହେଲେ ଏହି କାର୍ଯ୍ୟ ସଫଳ ହୋଇପାରିବ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ସମ୍ବାଦିକ ଯତିନ ଦାସ ଏବଂ ସ୍ତମ୍ଭକାର ସୌମେନ୍ଦ୍ର ଜେନା ଅତିଥି ଭାବେ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ଓଡ଼ିଶା ପୂର୍ବ ପ୍ରାନ୍ତ ପ୍ରଚାର ପ୍ରମୁଖ ରବିନାରାୟଣ ପଣ୍ଡା ଏବଂ ସହପ୍ରାନ୍ତ ପ୍ରଚାର ପ୍ରମୁଖ ସୁମନ୍ତ କୁମାର ପଣ୍ଡା ଯଥାକ୍ରମେ ପ୍ରଥମ ଓ ଦ୍ୱିତିୟ ସତ୍ରରେ ସଭାପତିତ୍ୱ କରିଥିଲେ। ଶିବପ୍ରସାଦ ନାୟକ,ଦୁର୍ଗାମାଧବ ରଥ କାର୍ଯ୍ୟକ୍ରମ ସଂଚାଳନ କରିଥିଲେ।

'ସୂର୍ଯ୍ୟପ୍ରଭା'ର ୧୭ଶ ବାର୍ଷିକ ଉତ୍ସବ

# 'ସାମ୍ବାଦିକ ବୃତିରେ ସୃଷ୍ଟି ହୁଏ ଦୈନିକ ନୂଆ ଆହ୍ୱାନ'




ଭୁବନେଶ୍ୱର,(ପିଏନ): ସମାଜର ଦର୍ପଣ ହେଉଛି ଗଣମାଧ୍ୟମ। ସାମ୍ବାଦିକତା ବୃତ୍ତି ସର୍ବଦା ନିର୍ଭୟ ଓ ନିରପେକ୍ଷ ହେବା ଆବଶ୍ୟକ। ଏହା ଦ୍ୱାରା ସମାଜରେ ପରିବର୍ତ୍ତନ ଘଟିଥାଏ। ତେବେ ସାମ୍ବାଦିକ ବୃତ୍ତିରେ ଦୈନିକ ନୂଆ ଆହ୍ୱାନ ସୃଷ୍ଟି ହୋଇଥାଏ। ଏହାକୁ ସାମ୍ନା କରି ଗଣମାଧ୍ୟମ ନିର୍ଭିକ ଓ ନିରପେକ୍ଷ ଖବର ପ୍ରସାରଣ ଉପରେ ଗୁରୁତ୍ୱ ଦେବା ଆବଶ୍ୟକ ବୋଲି ବହୁ ବିଶିଷ୍ଟ ବ୍ୟକ୍ତି ମତ ପୋଷଣ କରିଛନ୍ତି। 'ସୂର୍ଯ୍ୟପ୍ରଭା'ର ୧୭ଶ ବାର୍ଷିକ ଉତ୍ସବରେ ଯୋଗଦେଇ ବହୁ ବିଶିଷ୍ଟ ବ୍ୟକ୍ତି ଏହି ମତବ୍ୟକ୍ତ କରିଛନ୍ତି।

ଗୀତଗୋବିନ୍ଦ ଭବନଠାରେ 'ସୂର୍ଯ୍ୟପ୍ରଭା'ର ୧୭ଶ ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସାଂସଦ ଅମର ପଟ୍ଟନାୟକ କହିଲେ ଯେ, ସାମ୍ବାଦିକତା ବୃତ୍ତିରେ ସବୁଦିନ ଏକ ନୂଆ ଆହ୍ୱାନକୁ ସମ୍ମୁଖୀନ ହେବାକୁ ପଡିଥାଏ। ଏହି ବୃତ୍ତିରେ ସାର୍ବଜନୀନ ଜୀବନରେ ସର୍ବଦା ଭୟର ବାତାବରଣ ମଧ୍ୟରେ ଗତି କରିବାକୁ ପଡିଥାଏ। ଏହା ସତ୍ତ୍ୱେ ସାମ୍ବାଦିକତାର ସ୍ୱର ସବୁବେଳେ ନିର୍ଭିକ ଓ ନିରପେକ୍ଷ ହେବା ଆବଶ୍ୟକ କାରଣ ଏହାର ସୁଦୂର ପ୍ରଭାବ ସମାଜରେ ସକରାତ୍ମକ ପରିବର୍ତ୍ତନ ଘଟାଇଥାଏ ବୋଲି ସାଂସଦ ଶ୍ରୀ ପଟ୍ଟନାୟକ କହିଛନ୍ତି। ଯଦି ସାମ୍ବାଦିକମାନେ ଖବର ପରିବେଷଣ ସମୟରେ ନିରପେକ୍ଷତା ଓ ନିର୍ଭିକତା ପ୍ରଦର୍ଶନ ନକରିବେ ତେବେ ସେମାନେ ତାଙ୍କର ଅସ୍ତିତ୍ୱ ହରାଇବେ ବୋଲି ସେ କହିଥିଲେ। ସୂର୍ଯ୍ୟପ୍ରଭାର ସଂପାଦକ ରବି କାନୁନଗୋଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ଅନୁଷ୍ଠାନର ପରିଚାଳନା ନିର୍ଦ୍ଦେଶକ ବିକାଶ ସ୍ୱାଇଁ ପ୍ରତିଦିନ ଏହି ଅନୁଷ୍ଠାନ କିଛି ନା କିଛି ନୂତନ ଦିଗଦର୍ଶନ ପାଠକଙ୍କୁ ଭେଟି ଦେଇଥାଏ। ଖବର ପ୍ରସାରଣ ସହିତ ସମାଜରେ ସକରାତ୍ମକ ପରିବର୍ତ୍ତନ କରିବାରେ 'ସୂର୍ଯ୍ୟପ୍ରଭା' ତାର ସଙ୍କଳ୍ପରୁ କେବେ ବିଚ୍ୟୁତ ହୋଇନାହିଁ ଆଗକୁ ମଧ୍ୟ ନିରନ୍ତର ଏହି ପ୍ରୟାସକୁ ଜାରି ରଖିବ ବୋଲି ଶ୍ରୀ ସ୍ୱାଇଁ କହିଥିଲେ। 'ସୂର୍ଯ୍ୟପ୍ରଭା'ର ଦୀର୍ଘଦିନର ଜୟଯାତ୍ରା ପାଇଁ ସେ ସମସ୍ତ ପାଠକ ଓ କର୍ମକର୍ତ୍ତାଙ୍କୁ ସାଧୁବାଦ ଜଣାଇଥିଲେ। ଏହି ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ବିଧାୟକ ପ୍ରଶାନ୍ତ ଜଗଦେବ ଓ ସଞ୍ଜିବ ମଲ୍ଲିକ, ପୂର୍ବତନ ବିଧାୟକ ବିଭୂତି ବଳବନ୍ତରାୟ, ଏନଟିପିସିର ପୂର୍ବତନ ବିତ୍ତ ନିର୍ଦ୍ଦେଶକ କୁଳମଣି ବିଶ୍ୱାଳ, ସ୍ତମ୍ଭକାର ଅରୁଣ ପଣ୍ଡା, ଓଡିଆ ଅଭିନେତା ବବି ମିଶ୍ର ଓ ଅଭିନେତ୍ରୀ କୋଏଲ ପ୍ରମୁଖ ଯୋଗଦେଇ ଖବର କାଗଜ ଓ ସାମ୍ବାଦିକତାର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ସୁନାମ ଅର୍ଜନ କରିଥିବା ବ୍ୟକ୍ତି ବିଶେଷଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହା ସହ ସୂର୍ଯ୍ୟପ୍ରଭା ପକ୍ଷରୁ ଆୟୋଜିତ ରାଜ୍ୟସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିବା କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା।

# ଟେକ୍ନୋ ପକ୍ଷରୁ ସ୍ପାର୍କ ସିରିଜ୍‌ର ନୂଆ ସ୍ମାଟଫୋନ୍ ସ୍ପାର୍କ ଗୋ ପ୍ଲସ୍‌ର ବଜାର ପ୍ରବେଶ

ଭୁବନେଶ୍ୱର–ଅଗ୍ରଣୀ ପ୍ରିମିୟମ୍ ସ୍ମାଟଫୋନ୍ ନିର୍ମାତା ଟେକ୍ନୋ ମୋବାଇଲ୍ ପକ୍ଷରୁ ଗ୍ରାହକଙ୍କ ଚାହିଦାକୁ ଦୃଷ୍ଟିରେ ରଖି ଟ୍ରାନ୍ସସିଅନ୍ ଇଣ୍ଡିଆର ସ୍ପାର୍କ ସିରିଜ୍‌ର ନୂଆ ସ୍ମାର୍ଟଫୋନ୍ ସ୍ପାର୍କ ଗୋ ପ୍ଲସ୍‌ର ବଜାର ପ୍ରବେଶ ସମ୍ପର୍କରେ ଘୋଷଣା କରାଯାଇଛି। ଏହାର ମୂଲ୍ୟ ୬୨୯୯ ଟଙ୍କା ରହିଛି। ୮ଏମ୍‌ପି ସେଲଫି କ୍ୟାମେରା, ୮ଏମ୍ ପି ପଛ କ୍ୟାମେରା, ଡୁଆଲ୍ ଫ୍ଲାଶ୍ ଲାଇଟ୍, ଏଆଇ ସିଷ୍ଟମ୍ ଏବଂ ଫିଙ୍ଗରପ୍ରିଂଟ୍ ସେନସର ରହିଛି। ଏଥିରେ ୪୦୦୦ଏମ୍‌ଏଏଚ୍ ଦୀର୍ଘ ବ୍ୟାଟେରୀ ଲାଇଫ୍ ରହିଛି। ଏହା ୬ ଘଂଟାର ଭିଡ଼ିଓ ପ୍ଲେବ୍ୟାକ୍, ୨୬ ଘଂଟାର କଲିଂ, ୬.୯ ଘଂଟାର ଗେମିଂ, ୫.୭ ଘଂଟାର ୱେବ୍ ବ୍ରାଉଜିଂ ଏବଂ ୧୧୦ ଘଂଟାର ମ୍ୟୁଜିକ୍ ସୁବିଧା କେବଳ ଥରେ ଚାର୍ଜରେ ଉପଲବ୍ଧ କରିବ। ୩୪୩ ଘଂଟାର ଷ୍ଟାଣ୍ଡ୍ ବାଏ ସୁବିଧା ରହିଛି। ଏଥିରେ ୬.୫୨ ଇଂଚ ଏଚଡି ପ୍ଲସ୍ ଡଟ୍ ନଚ୍ ସ୍କ୍ରିନ୍, ୨୦:୯ ଆସପେକ୍ଟ ରେସିଓ, ୨.୦ ଜିଏଚଜେଡ୍ କ୍ୱାଡା କୋର୍ ସିପିୟୁ ପ୍ରୋସେସର ରହିଛି। ଏଥିରେ ଆଣ୍ଡ୍ରଏଡ୍ ୯.୦ ଗୋ ଭର୍ସନ୍ ସଫ୍ଟୱେର ରହିଛି। ୮୯.୫% ସ୍କ୍ରିନ୍ ଟୁ ବଡ଼ି ରେସିଓ ରହିଛି। ଏହାର ୨ଜିବି ରାମ୍, ୩୨ଜିବି ରମ୍ ରହିଛି। ଏଥିରେ ୪୮୦ ନିଟ୍ ସ୍କ୍ରିନ୍ ବ୍ରାଇଟ୍‌ନେସ୍ ରହିଛି। ଏଆଇ ୭ ଲେଭୁଲ୍ ଫେସ୍ ରିକୋଗନାଇଜେସନ୍ ସୁବିଧା ମଧ ରହିଛି। ଏହା ହିଲିଅର ପରପର୍ଲ ଏବଂ ଏବଂ ଭେକେସନ୍ ବ୍ଲୁ ଆଦି ୨ଟି ରଙ୍ଗରେ ଦେଶ ବ୍ୟାପି ୩୫୦୦୦ରୁ ଅଧିକ ଟଚ୍ ପଏଂଟ୍‌ରେ ଉପଲବ୍ଧ ହେଉଛି।ଏହି ଅବସରରେ ଟ୍ରାନ୍ସସିଅନ୍ ଇଣ୍ଡିଆର ସିଇଓ ଅରଜିତ୍ ତାଲାପାତ୍ର କହିଲେ, ଏକ ଗ୍ରାହକ ବିଶ୍ୱାସନୀୟ ବ୍ରାଣ୍ଡ ଭାବେ ବେଶ୍ ଖ୍ୟାତି ହାସଲ କରିଥିବା ଟୋକ୍ନୋ ୨୦୨୦ ବର୍ଷରେ ପ୍ରବେଶ କରି ନୂତନ ସ୍ପାର୍କ ଗୋ ପ୍ଲସ୍ ସ୍ମାର୍ଟଫୋନ୍‌ର ବଜାର ପ୍ରବେଶ କରାଇଛି। ଏହା ଦ୍ୱାରା ଆମେ ଆମର ପୋର୍ଟଫୋଲିଓକୁ ଅଧିକ ସୁଦୃଢ଼ କରିବାର ଯୋଜନା ପ୍ରସ୍ତୁତ କରିଛୁ। ଦୀର୍ଘ ବ୍ୟାଟେରୀ ଲାଇଫ୍ ଥିବା ଏହି ଫୋନ୍ ମାଧ୍ୟମରେ ଆମେ ଗ୍ରାହକଙ୍କୁ ଶ୍ରେଷ୍ଠ ଅଭିଜ୍ଞତା ପ୍ରଦାନ କରିବାର ଆଶା ରଖିଛୁ। ଗତ ଅଗଷ୍ଟରେ ଆମେ ସ୍ପାର୍କ ସିରିଜ୍‌ର ବଜାର ପ୍ରବେଶ କରାଇଥିଲୁ। ଏହା ଗ୍ରାହକଙ୍କୁ ବେଶ୍ ଆକର୍ଷିତ କରିବାକୁ ସକ୍ଷମ ହେବ। ଏହି ଫୋନ୍ ଉପରେ ୭୭୯ ଟଙ୍କାର ବ୍ଲୁଟୁଥ୍ ଇୟରପିସ୍ ପ୍ରଦାନ କରାଯାଉଛି। ଏହା ସହିତ ୨୯୭ ଟଙ୍କାର ୩ ମାସର ଗାନା ପ୍ଲସ୍ ମାଗଣା ଯୋଗାଇ ଦିଆଯାଉଛି।

ଏହି ସ୍ମାର୍ଟଫୋନ୍ ଉପରେ ଗୋଟିଏ ଥର୍ ସ୍କ୍ରିନ୍ ରିପ୍ଲେସମେଂଟ୍ ସୁବିଧା ତଥା ସମସ୍ତ ଡିଭାଇସ୍ ଉପରେ ୧୨ ମାସର ୱାରେଂଟି ସହିତ ଏକ ମାସର ବର୍ଦ୍ଧିତ ୱାରେଂଟି ପ୍ରଦାନ କରାଯାଉଛି।

# ସାଟିନ୍ କ୍ରେଡିଟ୍‌କେୟାର ପକ୍ଷରୁ ଓଡ଼ିଶାରେ ମହିଳା ଆର୍ଥିକ ସଶକ୍ତିକରଣ କର୍ମଶାଳା



ଭୁବନେଶ୍ୱର : ଭାରତର ବୃହତ ମାଇକ୍ରୋଫାଇନାନ୍ସ କମ୍ପାନୀ ସାଟିନ୍ କ୍ରେଡିଟ୍‌କେୟାର ନେଟ୍‌ୱର୍କ ଲିମିଟେଡ୍(ଏସ୍‌ସିଏନ୍‌ଏଲ୍) ଓ ନୋରଡିକ୍ ମାଇକ୍ରୋଫାଇନାନ୍ସ ଇନିସିଏଟିଭ୍(ଏନ୍‌ଏମ୍‌ଆଇ) ୧୦ ଜଣିଆ ସଦସ୍ୟଙ୍କ ସହ ମିଶି ଭାରତର ୭ଟି ରାଜ୍ୟରେ ମହିଳା ଆର୍ଥିକ କର୍ମଶାଳାର ଆୟୋଜନ କରିଛି।

ଏହି ଶୃଙ୍ଖଳାର ପ୍ରଥମ ଅଧିବେଶନ ପୁରୀର ନିମାପଡ଼ା ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି କର୍ମଶାଳାରେ ବିଭିନ୍ନ ଜିଲ୍ଲାର ସାଟିନ୍ କ୍ରେଡିଟ୍‌କେୟାର ୨୫୦ଟି ସେଣ୍ଟର ମୁଖ୍ୟ ମାନେ ଯୋଗ ଦେଇଥିଲେ। ଏହି ଅବସରରେ ଶ୍ରୀଯୁକ୍ତ ବି.କେ ସ୍ୱାଇ, ସିଇଓ, ଫାନାନ୍‌ସିଆଲ୍ ଇନ୍‌କ୍ଲୋଜନ୍ ଇନ୍‌ଷ୍ଟିଟ୍ୟୁସନ୍‌ର ଓଡ଼ିଶା ଷ୍ଟେଟ ଆସୋସିଏସନ୍ ଏବଂ ଏହି କର୍ମଶାଳାର ମୁଖ୍ୟ ଅତିଥି। ଏହା ବ୍ୟତିତ ଶ୍ରୀଯୁକ୍ତ ତପନ କୁମାର ବେହେରା, ଏସ୍‌ଭିଇପି, ଓଡ଼ିଶା ଜୀବିକା ମିଶନ(ଓଏଲ୍‌ଏମ୍), ଶ୍ରୀଯୁକ୍ତ ପରାକ୍ରମ ଚମ୍ପଟି, ସ୍କିଲ୍ ଡେଭଲପମେଣ୍ଟ ବିଭାଗର ରାଜ୍ୟ କୋଡିନେଟର ଆଦି ଉପସ୍ଥିତ ଥିଲେ।

ଏହି ଅବସରରେ ସାଟନ୍ କ୍ରେଡିଟ୍‌କେୟାର ନେଟ୍‌ୱର୍କ ଲିମିଟେଡର, ସିଓଓ, ଶ୍ରୀଯୁକ୍ତ ସଞ୍ଜିବ ଭିଜ୍ କହିଛନ୍ତି ଯେ, "ଆମର ମୂଳ ଲକ୍ଷ୍ୟ ହେଉଛି ମହିଳା ମାନଙ୍କୁ ସଶକ୍ତ କରିବା ସହ ତାଙ୍କୁ ସ୍ୱାବଲମ୍ବୀ କରିବା। ଆମର ଏହି ସାଟନ୍ କ୍ରେଡିଟ୍‌କେୟାର ନେଟ୍‌ୱର୍କ ମହିଳା ତଥା ସମାଜ ଉପରେ ଭଲ ପ୍ରଭାବ ପକାଇବ ବୋଲି ଆଶା କରୁଛୁ। ଆମର ଲକ୍ଷ୍ୟ ରହିଛି ଯେ, ୨୦୨୦ ସୁଧା ୭ଟି ରାଜ୍ୟରେ ୧୦ଟି କର୍ମଶାଳା ଆୟୋଜନ କରିବା ସହ ଲକ୍ଷରୁ ଅଧିକ ମହିଳାଙ୍କ ସହ ଯୋଗାଯୋଗ କରିବା।"

